

'ଦ ରାଜା ସାବ୍'ରେ କରିନା ▸ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-13 ◆MONDAY ◆7 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୩ ◆ସୋମବାର ◆୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଝଟକିଲେ ସୁନା ଠାକୁର







■ **ପୁରୀ,୬।୭ (ସମିସ):** ସରିସରି ଆସୁଛି ଶ୍ରୀଗୁଣ୍ଡିଚା ମହୋତ୍ସବ। ଆଉ ଦିନକ ପରେ ନୀଳକନ୍ଦରକୁ ବାହୁଡ଼ିଯିବେ ନୀଳାଦ୍ରିନାଥ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଦାରୁଦିଅଁଙ୍କର ଅନୁଷ୍ଠିତ ହୋଇଛି ସୁନାବେଶ। ମହଣ ମହଣ ସୁବର୍ଣ୍ଣ ଅଳଙ୍କାରରେ ଝଲସିଛନ୍ତି ବିଶ୍ୱନିୟନ୍ତା। ଦାରୁବିଗ୍ରହଙ୍କ ଦୁର୍ଲଭ ସୁନାବେଶ ବା ବଡ଼ତଢ଼ାଉ ବେଶ ଦର୍ଶନ କରିଛନ୍ତି ଅଗଣିତ ଭକ୍ତ। ପ୍ରାୟ ୧୨ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ବିଶ୍ୱନିୟନ୍ତାଙ୍କ ଦିବ୍ୟବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ଆସନ୍ତାକାଲି (ସୋମବାର) ରଥ ଉପରେ ଠାକୁରଙ୍କ ଅଧରପଣା ନୀତି ସମ୍ପନ୍ନ ହେବ। ସେଥିଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳବାର ନୀଳାଦ୍ରିବିଜେ। ଏହିଦିନ ରତ୍ନସିଂହାସନକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ବୁଧବାରଠାରୁ ଭକ୍ତ ପାଇବେ ନୀଳାଚଳ ଅବଢ଼ା।

## ରଥାରୂଢ଼ ଦିଅଁଙ୍କୁ ଦର୍ଶନ କଲେ ୧୨ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ

ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଲାଗି ରବିବାର ସକାଳୁ ପୁରୀକୁ ଭକ୍ତଙ୍କ ଧାଡ଼ି ଲାଗିଥିଲା। ସଅଳ ନୀତିକାନ୍ତି ସାଙ୍ଗକୁ ପାଗ ବି ବେଶ୍ ଅନୁକୂଳ ରହିଥିଲା। ଆକାଶ ଥିଲା ମୋଘାଚ୍ଛନ୍ନ। ହେଲେ ବର୍ଷା ନ ଥିଲା। ମଝିରେ ମଝିରେ ଯଦିଓ ଝିପିଝିପି ବର୍ଷା ହେଉଥିଲା, ତାହା କିନ୍ତୁ ବାଧକ ସାଜିନଥିଲା। ତେଣୁ ଶ୍ରୀକ୍ଷେତ୍ରମୁହାଁ ହୋଇଥିଲେ ଶ୍ରଦ୍ଧାଳୁ। ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଅପରାହ୍ଣ ୧ଟା ପରଠାରୁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିଥିଲା।

ସୁନାବେଶ ଲାଗି ସକାଳୁ ବେଶ୍ ତତ୍ପର ହୋଇପଡ଼ିଥିଲେ ସେବାୟତ ଓ ଅଧିକାରୀ। ସକାଳ ୭ଟା ୧୫ରୁ ୭ଟା ୩୫ ମଧ୍ୟରେ ତିନିରଥରେ ମଙ୍ଗଳ ଆଳତି ନୀତି ବଢ଼ିଥିଲା। ପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ପୂର୍ବାହ୍ନ ୧୦ଟା ୩୦ରେ ଗୋପାଳବଲ୍ଲଭ ଭୋଗ ହୋଇଥିବା ବେଳେ ମଧ୍ୟାହ୍ନ ୧୨ଟାରେ ସକାଳ ଧୂପ ▸ପୃଷ୍ଠା-୭

## ଆଜି ଅଧରପଣା ନୀତି | ତିନି ରଥ ଉପରେ ଭାଙ୍ଗିବ ୯ ଅଧର ହାଣ୍ଡି

ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନି ରଥ ଉପରେ ସୋମବାର ଅଧରପଣା ନୀତି ସମ୍ପନ୍ନ ହେବ। ଏହି ନୀତି ପାଇଁ ସ୍ୱତନ୍ତ୍ର ହାଣ୍ଡି ପ୍ରସ୍ତୁତ ହୋଇଛି। ତାହାକୁ ଅଧର ହାଣ୍ଡି କୁହାଯାଏ। ଏହି ହାଣ୍ଡିରେ ପଣା ପ୍ରସ୍ତୁତ ହୋଇ ଦାରୁବିଗ୍ରହଙ୍କ ପାଖରେ ଲାଗି ହେବ। ପ୍ରତି ଠାକୁରଙ୍କ ପାଖରେ ୩ ହାଣ୍ଡି ଲେଖାଏଁ ପଣା ଭୋଗ ହେବ। ଦାରୁବିଗ୍ରହଙ୍କ ନିକଟରେ ପଣା ଭୋଗ ପରେ ଏହି ପଣାହାଣ୍ଡିକୁ ଭାଙ୍ଗି ଦିଆଯିବାର ବିଧି ରହିଛି। ପଣା ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଏ। ତାହାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ରାକ୍ଷସମାନେ ପାଇଥା'ନ୍ତି ବୋଲି ବିଶ୍ୱାସ ରହିଛି। ରଥରେ ଠାକୁରଙ୍କ ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଅଧରପଣା ନୀତି ଅନୁଷ୍ଠିତ ହେବ।

# ସ୍ମରଣୀୟ ଟେଷ୍ଟ ବିଜୟ



■ **ଏଜ୍‌ବାଷ୍ଟନ, ୬।୭ (ଏଜେନ୍ସି):** ଶୁବ୍‌ମନ୍ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ୩୩୬ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ବିଦେଶ ମାଟିରେ ସ୍ମରଣୀୟ ବିଜୟ ହାସଲ କରିଛି। ଭ୍ରମଣକାରୀ ଭାରତୀୟ ଦଳ ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରଭାବ ଖେଳ ପ୍ରଦର୍ଶନ କରି ବିଦେଶ ମାଟିରେ ସର୍ବବୃହତ୍ (ରନ୍ ବ୍ୟବଧାନରେ) ବିଜୟର ରେକର୍ଡ କରିଛି। ଏଠାରେ ୧୯୬୭ ମସିହାରୁ ଭାରତ ଟେଷ୍ଟ ଖେଳି ଆସୁଥିଲାବେଳେ ପ୍ରଥମଥର ବିଜୟର ସ୍ୱାଦ ଚାଖିଛି। ଏହି ମ୍ୟାଚ୍‌ରେ ୪୩୦ (ପ୍ରଥମ ଇନିଂସରେ ୨୬୯ ଓ ଦ୍ୱିତୀୟ ଇନିଂସରେ ୧୬୧) ରନ୍ କରିଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ବିଜୟ ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧ରେ ବରାବରସ୍ଥିତିକୁ ଆସିଛି। ସିରିଜ୍‌ର ତୃତୀୟ ଟେଷ୍ଟ ଲର୍ଡ୍ସରେ ଜୁଲାଇ ୧୦ରୁ ଆରମ୍ଭ ହେବ।

**୩୩୬ ରନ୍‌ରେ ଇଂଲଣ୍ଡ ପରାସ୍ତ**

ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରଥମ ଇନିଂସରେ ୫୮୭ ଓ ଦ୍ୱିତୀୟ ଇନିଂସରେ ୪୨୭ ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା। ପ୍ରଥମ ଇନିଂସରେ ୪୦୭ ରନ୍ କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୨୭୧ ରନ୍‌ରେ ଅଟକି ଯାଇଥିଲା।

# 'ଏକ ଦେଶ-ଏକ ନିର୍ବାଚନ'ରେ କେଁ

## ଆପତ୍ତି ଉଠାଇଲେ ପୂର୍ବତନ ପ୍ରଧାନ ବିଚାରପତି

■ **ନୂଆଦିଲ୍ଲୀ, ୬।୭(ଏଜେନ୍ସି):** 'ଏକ ଦେଶ, ଏକ ନିର୍ବାଚନ' ପ୍ରସଙ୍ଗ ନେଇ ଭାରତର ଅନେକ ପ୍ରଧାନ ବିଚାରପତି ସେମାନଙ୍କର ମତାମତ ଦେଇଛନ୍ତି। ଏଭଳି ପ୍ରସ୍ତାବ ସାମ୍ବିଧାନିକ ଦୃଷ୍ଟିରୁ ଯୁକ୍ତିଯୁକ୍ତ ବୋଲି ସେମାନେ କହିଛନ୍ତି। ତେବେ ଏଥିରେ ଏଭଳି କେତେକ ବ୍ୟବସ୍ଥା ରହିଛି ଯାହାକି ଭାରତୀୟ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ବିଶେଷକରି ନିର୍ବାଚନ କମିସନଙ୍କୁ ଯେଭଳି ଅଖଣ୍ଡ କ୍ଷମତା ଦିଆଯାଇଛି ତାହାକୁ ନେଇ ସେମାନେ ଘୋର ଆପତ୍ତି ଉଠାଇଛନ୍ତି। କେବଳ ସେତିକି ନୁହେଁ; ଏଭଳି ପ୍ରସ୍ତାବକୁ ନେଇ ବିଭିନ୍ନ ଆଞ୍ଚଳିକ ଦଳ ଯେଉଁ ଉଦ୍‌ବେଗ ଜଣାଇଛନ୍ତି ତାହା ସହିତ ଏମାନେ ମଧ୍ୟ ଏକମତ ହୋଇଛନ୍ତି।



**ନିର୍ବାଚନ କମିସନଙ୍କୁ ଅଖଣ୍ଡ କ୍ଷମତା ଦିଆ ନ ଯାଉ**

**କ୍ଷତିଗ୍ରସ୍ତ ହେବେ ଆଞ୍ଚଳିକ ଓ କ୍ଷୁଦ୍ର ରାଜନୈତିକ ଦଳ**

ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ 'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ତାଙ୍କର ମତାମତ ଦେଇ କହିଛନ୍ତି ଯେ ପ୍ରସ୍ତାବିତ ନିର୍ବାଚନ ବ୍ୟବସ୍ଥା ସମ୍ବିଧାନର ମୌଳିକ ଢାଞ୍ଚାର ବିରୋଧାଚରଣ କରୁନାହିଁ। ଏ ସଂପର୍କରେ ବିଭିନ୍ନ ବିରୋଧୀ ଦଳ କରିଥିବା ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି ସେ କହିଛନ୍ତି ପୃଥକ ପୃଥକ ସମୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ କରିବା ଲାଗି ସମ୍ବିଧାନରେ କୌଣସି ବ୍ୟବସ୍ଥା ନାହିଁ। ତେବେ ଭାରତର ନିର୍ବାଚନ ▸ପୃଷ୍ଠା-୭

**ବିଏଡ୍ ପ୍ରବେଶିକା ପରୀକ୍ଷା ଜାଲିଆତି**

# ଏସ୍‌ଏସ୍‌ବିର ଭୁଲ୍; ଦଣ୍ଡ ଗଣିବେ ପରୀକ୍ଷାର୍ଥୀ

■ **ଭୁବନେଶ୍ୱର, ୬।୭(ସମିସ):** ବିଏଡ୍ ପ୍ରବେଶିକା ପରୀକ୍ଷାରେ ପରୀକ୍ଷାର୍ଥୀଙ୍କ ନମ୍ବର ନେଇ ଆରମ୍ଭ ହୋଇଥିବା ବିବାଦ ସରିବାର ନା ନେଉନି। ଗୋଟିଏ ପରେ ଗୋଟିଏ ଅଭିଯୋଗ ପରୀକ୍ଷା ପରିଚାଳନା କରିଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ଏବଂ ଉଚ୍ଚଶିକ୍ଷା ବିଭାଗର ମୁଣ୍ଡବ୍ୟଥାର କାରଣ ହୋଇଛି। ନମ୍ବର ବଢ଼ାଇବାକୁ ଶତାଧିକ ଛାତ୍ରଛାତ୍ରୀ ଆବେଦନ କରିବା ପରେ 'ପ୍ରୋଭିଜିନାଲ୍ ଆନସାର୍-କି' ପ୍ରକାଶ କରିବାକୁ ବିଜ୍ଞପ୍ତି ଜାରି କରିଛି। ଉତ୍ତରକୁ ନେଇ ଦ୍ୱନ୍ଦ୍ୱ ଥିଲେ ପରୀକ୍ଷାର୍ଥୀଙ୍କୁ ଅଭିଯୋଗ କରିବା ପାଇଁ ସୁଯୋଗ ଦିଆଯାଇଛି। ହେଲେ ପ୍ରତିଟି ଉତ୍ତର ପାଇଁ ୨ଶହ ଟଙ୍କା ଲେଖାଏଁ ଅଣଫେରସ୍ତ ଫି' ଧାର୍ଯ୍ୟକୁ ନେଇ ପରୀକ୍ଷାର୍ଥୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏସ୍‌ଏସ୍‌ବିର ଭୁଲ୍ ପାଇଁ ପରୀକ୍ଷାର୍ଥୀମାନେ କାହିଁକି ଦଣ୍ଡ ଗଣିବେ ବୋଲି ପ୍ରଶ୍ନ କରିଛନ୍ତି।

**ଗୋଟିଏ ଚ୍ୟାଲେଞ୍ଜ ପାଇଁ ୨ଶହ ଟଙ୍କାକୁ ବିରୋଧ**

**ଉଚ୍ଚଶିକ୍ଷା ବିଭାଗ ଏକ୍ସ'ରେ ବର୍ଷିଲେ ପରୀକ୍ଷାର୍ଥୀ**

ଆସନ୍ତାକାଲି ଅର୍ଥାତ୍ ସୋମବାର ଦିନ ୧୧ଟା ରେ ବିଏଡ୍ ପରୀକ୍ଷାର ଆନ୍‌ସାର୍ କି' ପ୍ରକାଶ ପାଇବ। ତହିଁରେ ଦର୍ଶାଯାଇଥିବା ଉତ୍ତରକୁ ୮ରୁ ୧୦ ତାରିଖ ମଧ୍ୟରେ ପରୀକ୍ଷାର୍ଥୀମାନେ ଚ୍ୟାଲେଞ୍ଜ କରିପାରିବେ। ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୨ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ଯାହାକୁ ନେଇ ପରୀକ୍ଷାର୍ଥୀ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ), ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ▸ପୃଷ୍ଠା-୭

**ସୃଷ୍ଟିହେଲା ଲଘୁଚାପ**

# ଆଜି ଅଧା ଓଡ଼ିଶାରେ ପ୍ରବଳ ବର୍ଷା

■ **ଭୁବନେଶ୍ୱର, ୬।୭ (ସମିସ):** ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରବିବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆଗାମୀ ୨ରୁ ୩ ଦିନ ଯାଏଁ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ ଦେଇ ଗତି କରିବାର ସମ୍ଭାବନା ରହିଛି। ଫଳରେ ଆଗାମୀ ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ ଅନୁଯାୟୀ ଆସନ୍ତାକାଲି ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦୁଝର, ଅନୁଗୋଳ, ଦେବଗଡ, ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ ଓ ନୂଆପଡ଼ା ଜିଲ୍ଲାରେ ▸ପୃଷ୍ଠା-୭

**୧୨ ଯାଏଁ ନିସ୍ତାର ନାହିଁ**

## ହୀରାକୁଦ ଛାଡ଼ିଲା ପ୍ରଥମ ବନ୍ୟାଜଳ

■ **ସମ୍ବଲପୁର, ୬।୭ (ସମିସ):** ହୀରାକୁଦ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ବିଧି ଅନୁଯାୟୀ ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ୧୦ଟାରେ ପ୍ରଥମେ ୭ ନମ୍ବର ଗେଟ୍ ଖୋଲାଯାଇଥିଲା। ପରେ ପର୍ଯ୍ୟାୟକ୍ରମେ ୧୨ଟି ଗେଟ୍ ଖୋଲାଯାଇଥିଲା। ପରେ ଅପରାହ୍ଣରେ ଆଉ ୮ଟି ଗେଟ୍ ଖୋଲାଯାଇଥିଲା। ▸ପୃଷ୍ଠା-୭

**୨୦ ଗେଟ୍ ଖୋଲା**



**ବିଜେପି ଅଧ୍ୟକ୍ଷ ଦୌଡ଼**

# ଶିବରାଜ, ଧର୍ମେନ୍ଦ୍ର, ଖଟ୍ଟର ଆଗରେ

■ **ନୂଆଦିଲ୍ଲୀ, ୬।୭ (ସମିସ):** ବିଜେପିର ଜାତୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ସ୍ଥାନରେ ନିଯୁକ୍ତ ହେବେ ସ୍ଥାୟୀ ଅଧ୍ୟକ୍ଷ। କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ୨୦୨୩ରୁ ଶ୍ରୀ ନଡ୍ଡା ଦଳର କାମଚଳା ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ପରିବର୍ତ୍ତନ କରାଯାଇ ନ ଥିଲା। ମାତ୍ର ଏବେ ନୂଆ ଅଧ୍ୟକ୍ଷ ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଛି। ବିଶେଷ ଭାବରେ ଜାତିଗତ ଓ ଆଞ୍ଚଳିକ ସମୀକରଣ ସହ ଅଭିଜ୍ଞତା ଓ ଗ୍ରହଣୀୟତାକୁ ଦଳ ବିଶେଷ ଗୁରୁତ୍ୱ ଦେଉଛି। ଏହା ସହ ଜାତୀୟ ସଭାପତି ଚୟନରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ଭୂମିକା କେଉଁ ପର୍ଯ୍ୟନ୍ତ ରହିବ, ତାହା ସ୍ଥିର ହୋଇ ନ ଥିବାରୁ ଏହି ପ୍ରକ୍ରିୟା ଶେଷ ହେବାକୁ କିଛିମାସ ଲାଗିପାରେ ବୋଲି ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ସୂଚନା ମିଳିଛି।

ଗଣମାଧ୍ୟମଗୁଡ଼ିକରେ ବିଜେପି ସଭାପତି ନିର୍ବାଚନକୁ ନେଇ ଯାବତୀୟ ଆଲୋଚନା ଚାଲିଛି। ବଙ୍ଗାରୁ ଲକ୍ଷ୍ମଣଙ୍କ ପରେ ପ୍ରାୟ ଗତ ୨୦ ବର୍ଷ ଧରି ଦକ୍ଷିଣ ଭାରତରୁ କେହି ବିଜେପିର ଜାତୀୟ ସଭାପତି ହୋଇ ନାହାନ୍ତି। ସେହିପରି ଆଗାମୀ ଦିନରେ ତାମିଲନାଡୁ, ତେଲଙ୍ଗାନା, କେରଳରେ ବଧାନସଭା ନିର୍ବାଚନ ହେବ। ତେଣୁ ବିଜେପିର ପରବର୍ତ୍ତୀ ଜାତୀୟ ଅଧ୍ୟକ୍ଷ ଦକ୍ଷିଣ ଭାରତରୁ ହୋଇ ପାରନ୍ତି ବୋଲି କୁହାଯାଉଛି ଏବଂ ▸ପୃଷ୍ଠା-୭

**ସନ୍ତୋଷ, ପୂରନ୍ଦେଶ୍ୱରୀ ଓ ଭୂପେନ୍ଦ୍ରଙ୍କ ନାମ ବି ଚର୍ଚ୍ଚାରେ**

**ଅଭିଜ୍ଞତା ସହିତ ଜାତିଗତ, ଆଞ୍ଚଳିକ ସମୀକରଣକୁ ଗୁରୁତ୍ୱ**



## ରାଜ୍ୟ ସଭାପତି ନାମାଙ୍କନ ଆଜି

■ **ଭୁବନେଶ୍ୱର,୬।୭(ସମିସ):** ରାଜ୍ୟ ବିଜେପି ସଭାପତି ପଦକୁ ନେଇ ଦୀର୍ଘଦିନ ଧରି କଳ୍ପନାଜଳ୍ପନା ଲାଗି ରହିଥିବା ବେଳେ ସୋମବାର ଏହାଉପରୁ ପରଦା ଉଠିବ। ସୋମବାର ସଭାପତି ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ହେବ। ସଭାପତି ଦୌଡ଼ରେ ମନମୋହନ ସାମଲ ସବୁଠାରୁ ଆଗରେ ରହିଥିବା ବେଳେ ଦଳର ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନାମ ମଧ୍ୟ ସଭାପତି ଦୌଡ଼ରେ ଥିବା ଚର୍ଚ୍ଚା ହେଉଛି। ତେବେ ଏକାଧିକ ନାମାଙ୍କନ ପରିବର୍ତ୍ତେ ଦଳୀୟ ସଭାପତି ଚୟନ ସହମତି ଭିତ୍ତିରେ ହେବା ନେଇ ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଦଳର ▸ପୃଷ୍ଠା-୭

**ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ଅଘଟଣ**

# ପେଟରେ ପଶିଗଲା ବୋଟ୍ ଗୁଜ; ଅନ୍ତଃବୁଜୁଳା ବାହାରି ବୃଦ୍ଧ ମୃତ

**ପୁରୀ,୬।୭(ସମିସ):** ଆଜି ମହାପ୍ରଭୁଙ୍କ ସୁନାବେଶ ଭଳି ଏକ ପବିତ୍ର ଦିନରେ ଐତିହ୍ୟ ସଂପନ୍ନ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ଏକ ବଡ଼ ଅଘଟଣ ଘଟିଛି। ଅଗ୍ନିଶମ ବିଭାଗର ବୋଟ୍ ମାଡ଼ରେ ଜଣେ ବୃଦ୍ଧଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ହେଲେ, ନୟାଗଡ଼ ଜିଲ୍ଲା ଗଣିଆର ବୈକୁଣ୍ଠ ରାଉତ (୭୦)।

ବୈକୁଣ୍ଠ ଆଜି ସୁନାବେଶ ଦେଖିବାକୁ ପୁରୀ ଆସିଥିଲେ। ସକାଳୁ ପୁରୀରେ ପହଞ୍ଚିବା ପରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀକୁ ସ୍ନାନ କରିବାକୁ ଯାଇଥିଲେ। ଏହି ସମୟର ସେଠାରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ନିୟୋଜିତ ଥିବା ଅଗ୍ନିଶମ ବିଭାଗର ଏକ ବୋଟ୍ ଦ୍ରୁତ ଗତିରେ ଆସି ଉକ୍ତ ବ୍ୟକ୍ତିଙ୍କ ପେଟରେ ମାଡ଼ ହୋଇଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବୋଟ୍ ସମ୍ମୁଖ ଗୁଜ ତାଙ୍କ ପେଟରେ ପଶିଯିବାରୁ ଅନ୍ତଃବୁଜୁଳା ବାହାରି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।






# ଦାରୁ ଦିଅଁଙ୍କ ସୁନାବେଶ

## ପୁରୀ ବଡ଼ଦାଣ୍ଡ ଜନସମୁଦ୍ର

















ଶୟନ ଗଲେ ହରି

# ଆରମ୍ଭ ହେଲା ଅଶୁଭ କାଳ

ସନାତନ ପରମ୍ପରାରେ ସୁନାବେଶ ଦିନ ଅର୍ଦ୍ଧରାତିରୁ ଚତୁର୍ମାସ୍ୟା ବ୍ରତ ଆରମ୍ଭ ହୁଏ। ଏହି ଦିନଠାରୁ ମହାପ୍ରଭୁ ଶୟନ ଯାଇଥା'ନ୍ତି। ଏହାକୁ ହରିଶୟନ ଏକାଦେଶୀ କୁହାଯାଏ। ରବିବାରଠାରୁ ହରି ଶୟନ କରିଛନ୍ତି। ୪ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥା'ନ୍ତି। ଠାକୁରଙ୍କ ଏହି ଶୟନ କାଳରେ ବାନପ୍ରସ୍ଥ, ଋଷି, ମୁନୀ, ସାଧୁସନ୍ଥ, ମହାପୁରୁଷ, ସନ୍ନ୍ୟାସ ଧର୍ମ ଆଚରଣ କରୁଥିବା ଲୋକମାନେ ଚତୁର୍ମାସ୍ୟା ବ୍ରତ ପାଳନ କରିଥା'ନ୍ତି। ଏହି ସମୟରେ ଗୋଟିଏ ସ୍ଥାନରେ ରହି ଶାସ୍ତ୍ର ମୁତାବକ ନିୟମ ପାଳନ କରି ଠାକୁରଙ୍କୁ ସ୍ମରଣ କରିଥା'ନ୍ତି। ଏଥିସହ ପଠନ ଓ ପାଠନରେ ସମୟ ବିତାଇଥା'ନ୍ତି। ମହାପ୍ରଭୁଙ୍କ ଶୟନ କାଳ ମଣିଷମାନଙ୍କ ପାଇଁ ଅଶୁଭ କାଳ ଭାବେ ଗ୍ରହଣ କରାଯାଏ। ଏହି ସମୟରେ ସୂର୍ଯ୍ୟ ଦକ୍ଷିଣାୟନ ଗତି କରନ୍ତି।

ଜ୍ୟୋତିଷ ଶାସ୍ତ୍ର ମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ କୌଣସି ଶୁଭକାର୍ଯ୍ୟ ଅର୍ଥାତ୍ ଯଜ୍ଞ, ବିବାହ, ଗୋଦାନ ଆଦି ହୁଏ ନାହିଁ। ସୂର୍ଯ୍ୟଙ୍କର ଉତ୍ତରାୟଣ ହେଲେ ପୁଣି ଶୁଭ କାର୍ଯ୍ୟ ଆରମ୍ଭ ହୁଏ। ମହାପ୍ରଭୁଙ୍କର ରଥ ଉପରେ ସୁନାବେଶ ଓଲାଗି ପରେ ଚନ୍ଦନ ଲାଗି, ବଡ଼ସିଂହାର ବେଶ ଓ ଭୋଗ ହୋଇଥାଏ। ମହାସ୍ନାନ ପୂଜା ଠା ପରେ ଶୟନ ଠାକୁର ରଥକୁ ବିଜେ ହୋଇଥା'ନ୍ତି। ରଥରେ ନୀତି ସରିବା ପରେ ଅର୍ଦ୍ଧରାତିରେ ମହାପ୍ରଭୁଙ୍କଠାରୁ ଆଜ୍ଞା ନେଇ ଶୟନ ଯାଇଥା'ନ୍ତି। ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ଠାକୁର ପାର୍ଶ୍ୱ ପରିବର୍ତ୍ତନ ଅର୍ଥାତ୍ କଡ଼ ଲେଉଟାଇଥାନ୍ତି। ତେଣୁ ଏହାକୁ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ କୁହାଯାଏ। କାର୍ତ୍ତିକ ମାସ ବଡ଼ ଏକାଦଶୀରେ ଠାକୁର ନିଦ୍ରା ତ୍ୟାଗ କରି ଉଠିଥା'ନ୍ତି। ଏହାକୁ ଦେବ ଉତ୍ଥାପନ ଏକାଦଶୀ କୁହାଯାଏ। ଶାସ୍ତ୍ର ଅନୁସାରେ, ଯେଉଁମାନେ ପବିତ୍ର ମନରେ ହରିଶୟନ ଏକାଦଶୀ ବ୍ରତ ପାଳନ କରିଥାନ୍ତି, ତାଙ୍କର ମନସ୍କାମନା ପୂର୍ଣ୍ଣ ହେବା ସହ ସମସ୍ତ ପାପ କ୍ଷୟ ହୋଇଥାଏ। ସେହିପରି ହରିଶୟନ ଏକାଦଶୀ କଥା ପଢ଼ିବା ଓ ଶୁଣିବା ଦ୍ୱାରା ସହସ୍ର ଗୋଦାନ ତୁଲ୍ୟ ପୁଣ୍ୟ ଫଳପ୍ରାପ୍ତି ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ସୋମବାରଠାରୁ ଗରୁଡ଼ ଶୟନ ଯିବେ। ଏହାକୁ ଗରୁଡ଼ ଶୟନ ନୀତି କୁହାଯାଏ।

■ ସୁନାବେଶରେ ଅଘଟଣ

# ମଠରୁ ଖସି ଭକ୍ତ ଗୁରୁତର

ରଥାରୂଢ଼ ଠାକୁରଙ୍କ ସୁନାବେଶ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତ ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠରୁ ଖସି ପଡ଼ି ଗୁରୁତର ହୋଇଛନ୍ତି। ଜଗତସିଂହପୁର ଜିଲ୍ଲା ପାଟେଳୀ ଗାଁର ବାବାଜୀ ବେହେରା ରଥ ଉପରେ ଠାକୁରଙ୍କ ସୁନାବେଶ ଦର୍ଶନ ଲାଗି ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠ ଉପରକୁ ଯାଇଥିଲେ। ହେଲେ କୌଣସି କାରଣରୁ ସେ ହଠାତ୍ ମଠ ଉପରୁ ତଳକୁ ଖସି ପଡ଼ିଥିଲେ।

ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବାବାଜୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପାଟି ଓ ନାକରୁ ରକ୍ତ ବାହାରୁଛି। ତେବେ ସେ କେଉଁ ପରିସ୍ଥିତିରେ ସେ ମଠ ଉପରକୁ ଯାଇଥିଲେ ଓ କିଭଳି ଖସିପଡ଼ିଲେ, ତାହା ସ୍ପଷ୍ଟ ହୋଇନାହିଁ।

ରଥ ଉପରେ ଅଧରପଣା

# ପୂର୍ବେ ହେଉଥିଲା ୧୨ ହାଣ୍ଡି, ଏବେ ୯ ହାଣ୍ଡି

ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡ଼ିଛନ୍ତି ଚତୁର୍ଦ୍ଧା ବିଗ୍ରହ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ଉପରେ ରବିବାର ସୁନାବେଶ ଅନୁଷ୍ଠିତ ହୋଇଛି। ସୋମବାର ତିନିରଥ ଉପରେ ଅନୁଷ୍ଠିତ ହେବ ଅଧରପଣା ନୀତି। ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟି ହାଣ୍ଡିରେ ହେଉଥିବା ପଣା ଭୋଗକୁ ଅଧରପଣା କୁହାଯାଏ। ଏହି ନୀତି ପାଇଁ ପୂର୍ବରୁ ୧୨ ହାଣ୍ଡି ଅଧରପଣା ହେଉଥିଲା। କିନ୍ତୁ ଏବେ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ଗବେଷକଙ୍କ ମତରେ, ପୂର୍ବେ ବାହୁଡ଼ା ଦଶମୀ ଦିନ ତିନିହାଣ୍ଡି, ଏକାଦଶୀ ତିଥିରେ ତିନିହାଣ୍ଡି, ଦ୍ୱାଦଶୀ ଦିନ ତିନିହାଣ୍ଡି ଏହିପରି ୯ ହାଣ୍ଡି ଏବଂ ଶ୍ରୀବଳଭଦ୍ରଙ୍କ ରଥରେ ରାମ ଓ କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ), ଶ୍ରୀଜଗନ୍ନାଥଙ୍କ ରଥରେ ମଦନମୋହନଙ୍କ ପାଇଁ ୧ ହାଣ୍ଡି (ସାନ) ଏହିପରି ୧୨ ହାଣ୍ଡି ଅଧରପଣା ଭୋଗ ହେଉଥିଲା। ସମ୍ପ୍ରତି ତିନିରଥ ପାଇଁ କେବଳ ଗୋଟିଏ ଦିନରେ ସମୁଦାୟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇ ଦେଉଛନ୍ତି।

ରଥ ଉପରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧରପଣା ପ୍ରସ୍ତୁତ ଓ ନୀତି ଆରମ୍ଭ ହୋଇଥାଏ। ଶ୍ରୀମନ୍ଦିର ପ୍ରଶାସନ, ରାଘବ ଦାସ ମଠ ଓ ବଡ଼ଓଡ଼ିଆ ମଠ ପ୍ରଦତ୍ତ ଛେନା, ସର, କଦଳୀ, ଛାତି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଣା ସାମଗ୍ରୀ ପାଳିଆ ମହାସୁଆର ରଥ ଉପରେ ରଖନ୍ତି। ପ୍ରତି ଠାକୁରଙ୍କ ସମ୍ମୁଖରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କ ଶ୍ରୀଅଧରକୁ ପାଇବା ଭଳି ଉଚ୍ଚ ଥିବା ତୁମ୍ବାକାର ମୃତ୍ତିକା ନିର୍ମିତ ତିନିଗୋଟି ହାଣ୍ଡି ରଖାଯାଏ। କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇନଥାଏ। ପୂର୍ବରୁ ପାଣିଆପଟ୍ଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂଅରୁ ଗରାମାନଙ୍କରେ ଜଳ କାଢ଼ି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥା'ନ୍ତି। କୂଅରୁ ଜଳ ବୋହିବା ସମୟରେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡ଼େଇଥା'ନ୍ତି, ଯେପରି କେହି ପବିତ୍ର ଜଳକୁ ସ୍ପର୍ଶ କରିପାରିବେ ନାହିଁ। ଅଧରପଣା ଭୋଗ ହେବା ପୂର୍ବରୁ ମହାସୁଆରମାନେ ଥାଇ ଭିତରଛୁ, ତଲୁଛୁ ଓ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ଗାମୁଛା ଟେରା ଧରିଥା'ନ୍ତି। ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏଁ ଧଳା କରିଆ (ଜାଲି କନା) ପକାଯାଏ। ପବିତ୍ର ଜଳକୁ ଛାଣିବା ଉଦ୍ଦେଶ୍ୟରେ ଏହା ପକାଯାଇଥାଏ। ମହାସୁଆରମାନେ ପ୍ରତି ରଥ ଉପରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିଥା'ନ୍ତି। ଏହାକୁ ପତ୍ରୀବଡୁ, ସୁଆରବଡୁ, ଗରାବଡୁ ପାଳିଆ ସେବକ ତିନିରଥ ଉପରେ ପୂଜା କରନ୍ତି। ଏହାପରେ ପାଳିଆ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ଲଗାଇଥା'ନ୍ତି। ଭୋଗ ହେବା ପରେ ଠାକୁରମାନଙ୍କ ସମ୍ମୁଖରେ ଏହି ପାତ୍ରମାନଙ୍କୁ ଭାଙ୍ଗି ଦିଆଯାଇଥାଏ।

ଜନଶ୍ରୁତିରୁ ଜଣାଯାଏ, ତିନିରଥ ଉପରେ ଠାକୁରମାନଙ୍କୁ ଅର୍ପିତ ଅଧରପଣା ଭୋଗ ରଥର ପାର୍ଶ୍ୱ ଦେବଦେବୀ, ଅନ୍ୟାନ୍ୟ ଚଣ୍ଡି ଚାମଣ୍ଡା ଓ ଅର୍ଦ୍ଧଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ। କାରଣ ସଚରାଚର ବିଶ୍ୱବ୍ରହ୍ମାଣ୍ଡର ହିତ ସାଧନ ନିମନ୍ତେ ମହାପ୍ରଭୁ ନବଦିନାତ୍ମକ ଯାତ୍ରା କରିଥା'ନ୍ତି। ଏହି ଚଣ୍ଡି ଚାମଣ୍ଡା ପ୍ରଭୃତିଙ୍କ ପାଇଁ ସମର୍ପଣର ପ୍ରଥା ନାହିଁ। ଏଣୁ ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସେମାନଙ୍କୁ ତୃପ୍ତ କରିବା ପାଇଁ ଏଭଳି ବିଧାନ ବହୁ ପ୍ରାଚୀନକାଳରୁ ରହି ଆସିଛି। ଏଥିପାଇଁ ଅଧରପଣା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ଏହି କାରଣରୁ ସାଧାରଣତଃ ଅନ୍ୟ କେହି ଏହି ଅମୃତୋପମ ପଣାକୁ ସେବନ କରି ନ ଥା'ନ୍ତି।

### ଅଧରପଣା ନୀତି ନିର୍ଘଣ୍ଟ

| | |
|---|---|
| ମଙ୍ଗଳ ଆଳତି | ସକାଳ ୬ରୁ ୬ଟା ୩୦ |
| ମଇଲମ-ତଡ଼ପଲାଗି | ସକାଳ ୭ଟା |
| ଅବକାଶ | ୮ଟା |
| ବେଶ ଶେଷ | ୯ଟା |
| ଗୋପାଳବଲ୍ଲଭ | ପୂର୍ବାହ୍ନ ୧୦ରୁ ୧୦ଟା ୩୦ |
| ସକାଳଧୂପ | ୧୧ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ |
| ମଇଲମ | ଅପରାହ୍ନ ୧ଟା |
| ମହାସ୍ନାନ ଓ ସର୍ବାଙ୍ଗ | ଅପରାହ୍ନ ୧ଟା ୩୦ |
| ବେଶ ଶେଷ | ୨ଟା |
| ମଧ୍ୟାହ୍ନ ଧୂପ | ଅପରାହ୍ନ ୩ଟା ୩୦ରୁ ୪ଟା ୩୦ |
| ଅଧରପଣା ଶେଷ | ରାତି ୮ଟା |
| ମହାସ୍ନାନ ଶେଷ | ୯ଟା |
| ମଇଲମ ଓ ବେଶ | ୧୦ଟା |
| ସନ୍ଧ୍ୟା ଆଳତି | ୧୦ଟା ୩୦ |
| ସନ୍ଧ୍ୟାଧୂପ | ରାତି ୧୧ଟାରୁ ୧୨ଟା |
| ମଇଲମ, ଚନ୍ଦନଲାଗି | ୧୨ଟା ୩୦ |
| ବଡ଼ସିଂହାର ବେଶ | ୧ଟା |
| ବଡ଼ସିଂହାର ଭୋଗ | ୧ଟା ୩୦ |
| ଶ୍ରୀଗରୁଡ଼ ଶୟନ | ୧ଟା ୩୦ |
| ରାତ୍ର ପହୁଡ଼ | ରାତି ୨ଟା |



ଆକାଶେ ହସୁଛି କଳା ବଉଦ, ସୁନାବେଶ ଦେଖି ଭକ୍ତ ବିମୁଗ୍ଧ (ଫଟୋ-ଅନିଲ)

# ଗୁଣି ସନ୍ଦେହରୁ ପୁଣି ଗଡ଼ିଲା ୨ ମୁଣ୍ଡ



ରାଉରକେଲା/ ଦଶପଲ୍ଲା, ୬।୭ (ସମିସ): ଗୁଣିଗାରେଡ଼ି ସନ୍ଦେହରୁ ରାଜ୍ୟରେ ପୁଣି ୨ଜଣଙ୍କ ମୁଣ୍ଡ ଗଡ଼ିଛି। ଗୁଣି ସନ୍ଦେହରେ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ାରେ ଜଣେ ଯୁବକଙ୍କୁ ପଥରରେ ଛେଚି ଏବଂ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଞ୍ଚଳରେ ଜଣେ ବୃଦ୍ଧଙ୍କୁ ଟାଙ୍ଗିଆରେ ହାଣି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକଦ୍ୱୟ ହେଲେ, କୋଇଡ଼ା ଥାନା ଅନ୍ତର୍ଗତ ମାଲଦା ପଞ୍ଚାୟତର କାକରପାଣି ଗ୍ରାମର ଅମ୍ରିତ ଯୋଯୋ ଓ ଦଶପଲ୍ଲା ଥାନା ଅନ୍ତର୍ଗତ ବୁଗୁଡ଼ା କଲୋନୀ ଗ୍ରାମର ସଂକୀର୍ତ୍ତନ ଗୁରୁ କବିର ପ୍ରଧାନ(୭୦)। ଏହି ଘଟଣାଦ୍ୱୟ ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ସୂଚନାନୁଯାୟୀ, ଝାଡ଼ଖଣ୍ଡ ଅଞ୍ଚଳର ଅମ୍ରିତ ଓ ଗାବ୍ରିଏଲ୍ ସୁରିନ(୨୧) ନାମକ ଦୁଇ ଯୁବକ ପାଖାପାଖି ୨୦ ବର୍ଷ ହେବ କୋଇଡ଼ା ବ୍ଲକ୍ ଅନ୍ତର୍ଗତ କାକରପାଣି ଗ୍ରାମରେ ରହି ଆସୁଛନ୍ତି। ଉଭୟ ମିତ୍ତଲ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କିଛି ଦିନ ହେବ ଗାବ୍ରିଏଲ ଅସୁସ୍ଥ ହୋଇପଡ଼ିଥିଲେ। ବହୁ ଚିକିତ୍ସା ପରେ ମଧ୍ୟ ସେ ଆରୋଗ୍ୟ ନ ହେବାରୁ ତାଙ୍କର ଚିନ୍ତା ବଢ଼ିଥିଲା। ତେବେ ଅମ୍ରିତ ତନ୍ତ୍ରମନ୍ତ୍ର ତଥା ଗୁଣିଗାରେଡ଼ି କରୁଥିବାରୁ ଏପରି ହେଉଥିବା ସେ ସନ୍ଦେହ କରିଥିଲା। ଶନିବାର ସକାଳେ ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଭୀଷଣ ପାଟିତୁଣ୍ଡ ହୋଇଥିଲା।

- ପଥରରେ ଛେଚି ଯୁବକଙ୍କୁ ହତ୍ୟା
- ଘର ବାରଣ୍ଡାରେ ବୃଦ୍ଧଙ୍କୁ କୁରାଢ଼ୀ ଚୋଟ

ଏଥିରେ ଗାବ୍ରିଏଲ ରାଗିଯିବା ସହ ଅମ୍ରିତଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲା। କେବଳ ସୁଯୋଗ ଅପେକ୍ଷାରେ ରହିଥିଲା। ଶନିବାର ରାତି ପ୍ରାୟ ୧୦ଟାରେ କୋଇଡ଼ାରୁ ବାହୁଡ଼ା ଯାତ୍ରା ଦେଖି ଉଭୟ ଗାଁକୁ ଫେରିବା ବେଳେ ପୁନର୍ବାର ପୂର୍ବ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ମାରପିଟ୍ ଠେଲାପେଲା ପରେ ଅମ୍ରିତ ତଳେ ପଡ଼ିଯିବାରୁ ଗାବ୍ରିଏଲ ଏକ ବଡ଼ ପଥର ଅମ୍ରିତର ମୁଣ୍ଡରେ ଛେଚି ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରିଥିଲା। କିଛି ଗ୍ରାମବାସୀ ସେହି ରାସ୍ତା ଦେଇଆସୁଥିବା ବେଳେ ଅମ୍ରିତର ରକ୍ତାକ୍ତ ଶରୀର ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ। କୋଇଡ଼ା ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ଗାବ୍ରିଏଲକୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

ସେହିପରି ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ଟାକରା ପଞ୍ଚାୟତ ବୁଗୁଡ଼ାକଲୋନୀ ଗ୍ରାମର ସଂକୀର୍ତ୍ତନ ଗୁରୁ କବିର ପ୍ରଧାନ ଆଜି ସକାଳ ପ୍ରାୟ ସାଢ଼େ ୭ଟାରେ ନିଜ ଘର ବାରଣ୍ଡାରେ ବସି ଦାନ୍ତ ଘଷୁଥିଲେ। ଏହି ସମୟରେ ସେହି ଗ୍ରାମର ଅଶୋକ ମଲ୍ଲିକ ଓରଫ୍ ମୁଣ୍ଡା ହଠାତ୍ ଏକ ଧାରୁଆ ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ଚୋଟ ପକାଇଥିଲା। ଫଳରେ ଘଟଣାସ୍ଥଳରେ କବିରଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଅଭାବନୀୟ ଘଟଣାରେ ହତଚକିତ ଗ୍ରାମବାସୀ ତୁରନ୍ତ ଆମ୍ବୁଲାନ୍ସ ଯୋଗେ କବିରଙ୍କୁ ସ୍ଥାନୀୟ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଗ୍ରାମବାସୀଙ୍କ କହିବା ଅନୁସାରେ, କବିର ଜଣେ ଧର୍ମପରାୟଣ, ଭାଗବତପ୍ରେମୀ ତଥା ସଙ୍କୀର୍ତ୍ତନ ଗୁରୁ ଥିଲେ। ଅଭିଯୁକ୍ତ ଅଶୋକ ଗାଁରେ ବଡ଼ ଉତ୍ପାତ କରୁଥିଲା। ମା' ଓ ଭାଇଙ୍କୁ ମାରପିଟ୍ କରି ଘରୁ ତଡ଼ିଦେବା ସହିତ ଏକୁଟିଆ ରହି ମଦ ବ୍ୟବସାୟ କରୁଥିଲା। କିନ୍ତୁ ତା' ଘରର ପାରିବାରିକ ଅଶାନ୍ତି ପାଇଁ ସେ କବିରଙ୍କୁ ଦାୟୀ କରି ଆସୁଥିଲା। କବିର ଗୁଣିଗାରେଡ଼ି କରି ତା' ପରିବାରରେ ଅଶାନ୍ତି ଖେଳାଉଛନ୍ତି ବୋଲି ଅଭିଯୋଗ କରୁଥିଲା। ଆଜି ଏହାର ବିସ୍ଫୋରକ ପରିଣତିକ୍ରମେ କବିରଙ୍କ ମୁଣ୍ଡ ଗଡ଼ିଲା। ବ୍ୟବଚ୍ଛେଦ ପରେ ଦଶପଲ୍ଲା ପୁଲିସ୍ ଶବକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିବା ସହ ଅଭିଯୁକ୍ତ ଅଶୋକକୁ ତା' ଘରୁ ଗିରଫ କରିଛି।

# ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ

## ଆଈଶାଶୂ, ନାତୁଣୀବୋହୂ ମୃତ / ଅଳ୍ପକେ ବର୍ତ୍ତିଗଲା ୬ ବର୍ଷର ଶିଶୁ

ନୂଆପଡ଼ା, ୬।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଲଖନା ଥାନା ଅଧୀନ ପଟକରପାଲି ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ନିର୍ମାଣାଧୀନ କୁକୁଡ଼ା ଫାର୍ମ ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ରୂପେ ଶବର (୬୧) ଏବଂ ତାଙ୍କ ନାତୁଣୀ ବୋହୂ ବାଲମିତି ଶବର (୩୫)। ଲଖନା ଥାନା ପୁଲିସ୍ ଶବଦ୍ୱୟଙ୍କୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗାଁ ଶ୍ମଶାନରେ ଏକାଠି ଆଈଶାଶୂ, ନାତୁଣୀବୋହୂଙ୍କ ଜୁଇ ଜଳିଛି। ଏଭଳି ହୃଦୟବିଦାରକ ଘଟଣା ଗାଁକୁ ସ୍ତବ୍ଧ କରିଦେଇଛି। ଗୋଟିଏ ଘରୁ ଦୁଇ ଦୁଇଟି ଶବ ଉଠିବା ପଟକରପାଲି ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।





ସୂଚନାନୁଯାୟୀ, ଗାଁର ଦିବାକର ଶବର (୩୮) ନାମକ ଜଣେ କ୍ଷୁଦ୍ର ଚାଷୀ ସରକାରୀ ଯୋଜନାରେ ୫ଶହ ବ୍ରଏଲର କୁକୁଡ଼ା ପାଳନ ସକାଶେ ଏକ କୁକୁଡ଼ା ଫାର୍ମ ତିଆରି କରୁଛନ୍ତି। ଫାର୍ମର କାନ୍ଥ ଉଠି ସାରିଥିଲା। ତେବେ ସପ୍ତାହେ ହେବ ଲଗାଣ ବର୍ଷା ଯୋଗୁଁ କାନ୍ଥ ଭିଜି ଦୁର୍ବଳ ହୋଇପଡ଼ିଥିଲା। ଦିବାକରଙ୍କ ଆଈ ରବିବାର ମଧ୍ୟାହ୍ନରେ ନାତୁଣୀବୋହୂ ବାଲମିତି ଏବଂ ଦିବାକରଙ୍କ ୬ ବର୍ଷର ଝିଅ ସିଦ୍ଧିଙ୍କୁ ନେଇ ଫାର୍ମ ଘର ନିକଟକୁ ଯାଇଥିଲେ। ଭିତରେ ବୁଲି ବୁଲି ସ୍ଥିତି ଦେଖିଲା ବେଳେ ଅଘଟଣ ଘଟିଥିଲା। ହଠାତ କାନ୍ଥଟି ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଆଈଶାଶୂ ଓ ନାତୁଣୀବୋହୂ ଚାପି ହୋଇଯାଇଥିଲେ। ସୌଭାଗ୍ୟବଶତଃ କୁନି ଝିଅ ସିଦ୍ଧି ଅଳ୍ପକେ ବର୍ତ୍ତିଯାଇଥିଲା। ତୁରନ୍ତ ସେ ସେଠାରୁ ଧାଇଁ ଯାଇ ଗାଁଲୋକଙ୍କୁ ଘଟଣା ବିଷୟରେ କହିଥିଲା। ଗ୍ରାମବାସୀ ସେଠାରେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ତୁରନ୍ତ ପୁଲିସ ମଧ୍ୟ ପହଞ୍ଚିଥିଲା। ଆମ୍ବୁଲାନ୍ସ ଯୋଗେ ଦୁହିଁଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର କିନ୍ତୁ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଏହି ଖବର ପାଇ ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଏକ ଟିମ୍ ମଧ୍ୟ ଗାଁରେ ପହଞ୍ଚି ଅନୁଧାନ କରିଛି।

# ପାଚେରି ଭୁଶୁଡ଼ି ୨ ଶ୍ରମିକ ମୃତ

ବାଲିପାଟଣା, ୬।୭ (ସମିସ): ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ବ୍ଲକ୍‌ରେ ଆଜି ଡ୍ରେନ୍ କାମ ବେଳେ ପାଚେରି ଭୁଶୁଡ଼ି ପଡ଼ିବାରୁ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ବେଙ୍ଗବତି ଗ୍ରାମଠାରେ ଆଜି ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ହୁଇଲା ହୋଓ ଦଳେ ହୋ। ସେମାନଙ୍କ ଘର କେନ୍ଦୁଝର ଓ ଭଦ୍ରକ ଅଞ୍ଚଳରେ ବୋଲି ଜଣାଯାଇଛି। ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଗତ କିଛି ଦିନ ହେଲା ଅଠାନ୍ତର ଛକଠାରୁ ନୂଆସାହି ପର୍ଯ୍ୟନ୍ତ ରାସ୍ତାର ଦୁଇପଟେ ଡ୍ରେନ୍ କାମ ହେଉଛି। ଆଜି ବେଙ୍ଗବତି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଡ୍ରେନ୍ କାମ ହେଉଥିବା ବେଳେ ହଠାତ ସ୍କୁଲ ପାଚେରିଟି ଭୁଶୁଡ଼ି ପଡ଼ିଥିଲା। ଏହି ସମୟରେ ପାଚେରି ପାଖରେ କାମ କରୁଥିବା ହୁଇଲା ହୋ, ଦଳେ ହୋ ଏବଂ କଳା ହୋ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ହୁଇଲା ଓ ଦଳେଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର କଳା ହୋଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସେଠାରେ ସଂକଟାପନ୍ନ ରହିଥିବା ଜଣାଯାଇଛି।

## ବିନିକାରେ ଅଘଟଣ

# ରଥଚକ ତଳେ ଚାପି ହୋଇ ୬ ଗୁରୁତର



ବିନିକା, ୬।୭ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରରେ ରବିବାର ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ବେଳେ ଏକ ଅଘଟଣ ଘଟିଛି। ରଥଟଣା ବେଳେ ୪ ଜଣ ନାବାଳକ ସହ ଅନ୍ୟ ୨ଜଣ ଭକ୍ତ ରଥ ତଳେ ଚାପି ହୋଇ ଗୁରୁତର ହୋଇଛନ୍ତି। ୪ ନାବାଳକ ହେଲେ, ପିଙ୍କୁ ମେହେର(୧୨), ପ୍ରତ୍ୟଶ ମାହାଣା, ଆଦର୍ଶ ଦାସ(୯), ସରୋଜ ଦାସ (୯)। ଅନ୍ୟ ୨ ଭକ୍ତଙ୍କ ପରିଚୟ ଜଣାପଡ଼ିନାହିଁ। ତେବେ ୪ ନାବାଳକଙ୍କ ଭିତରୁ ଜଣେ ନାବାଳକଙ୍କ ସଂକଟାପନ୍ନ ରହିଛି। ତାକୁ ବୁର୍ଲା ଭିମ୍ସାର୍ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ବିନିକା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ସୂଚନାନୁଯାୟୀ, ରବିବାର ଅପରାହ୍ଣ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଗୁଣ୍ଡିଚା ମନ୍ଦିରକୁ ନିକଟରେ ରଥ ପହଞ୍ଚିଲା ବେଳକୁ ୪ ନାବାଳକ ସହ ଅନ୍ୟ ୨ଜଣ ଭକ୍ତ ରଥ ତଳେ ଚାପି ହୋଇଯାଇଥିଲେ। ତୁରନ୍ତ ଉପସ୍ଥିତ ଭକ୍ତ ସମସ୍ତଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ମୀନାକ୍ଷୀ ବାହିନୀପତି ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ

ଭୁବନେଶ୍ୱର, ୬।୭ (ସମିସ): ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ପୁନର୍ବାର ନିଯୁକ୍ତି ପାଇଛନ୍ତି ମୀନାକ୍ଷୀ ବାହିନୀପତି। ଅଖିଳ ଭାରତ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଶ୍ରୀମତୀ ବାହିନୀପତିଙ୍କ ନିଯୁକ୍ତିକୁ ଅନୁମୋଦନ ପ୍ରଦାନ କରିଥିବା ନେଇ ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଘୋଷଣା କରିଛନ୍ତି। ଶ୍ରୀମତୀ ବାହିନୀପତି ପୂର୍ବରୁ ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବରେ କାର୍ଯ୍ୟ କରିଛନ୍ତି। ଏତଦ୍‌ଭିନ୍ନ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ସଭାପତି, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟ କରିବାରେ ତାଙ୍କର ଅଭିଜ୍ଞତା ରହିଛି। କୋରାପୁଟ ପୌରାଞ୍ଚଳର ଅଧ୍ୟକ୍ଷା ଭାବରେ ସେ ଦୁଇଥର ନିର୍ବାଚିତ ହୋଇଥିଲେ।



ଏହି ନିଯୁକ୍ତି ପାଇଁ ଶ୍ରୀମତୀ ବାହିନୀପତି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ଏଆଇସିସି ମହିଳା ସଭାନେତ୍ରୀ ଅଲକା ଲାମ୍ବାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଏବଂ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆଦର୍ଶ ଓ ମହିଳାମାନଙ୍କ ପ୍ରତି ଥିବା ସେମାନଙ୍କର ପ୍ରତିବଦ୍ଧତାକୁ ଅନୁସରଣ କରି ରାଜ୍ୟରେ ମହିଳା ସଂଗଠନକୁ ସୁଦୃଢ଼ କରାଯିବ। ଏହାସହ ନାରୀନ୍ୟାୟ ସଂଗ୍ରାମକୁ ତ୍ୱରାନ୍ୱିତ କରାଯିବ ବୋଲି ଶ୍ରୀମତୀ ବାହିନୀପତି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଉସ୍ତପଲ୍ଲୀରେ ବ୍ୟାପୁଛି ଝାଡ଼ାବାନ୍ତି

ଦିଗପହଣ୍ଡି, ୬।୭ (ସମିସ): ଦିଗପହଣ୍ଡି ବ୍ଲକ୍ ସହଦେବ ଟିକରପଡ଼ା ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଉସ୍ତପଲ୍ଲୀରେ ବ୍ୟାପୁଛି ଝାଡ଼ାବାନ୍ତି। ରବିବାର ଏଥିରେ ଆକ୍ରାନ୍ତ ହୋଇ ୯ଜଣ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେଥିମଧ୍ୟରୁ

- ୯ ଆକ୍ରାନ୍ତ; ୨ ଗୁରୁତର
- ସ୍ଥିତି ପରଖିଲା ସ୍ୱାସ୍ଥ୍ୟ ବିଭାଗ
- ୩ ଦିନ ତଳେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା

୨ ମହିଳାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି।

ଗତ କିଛି ଦିନ ଧରି ଦିଗପହଣ୍ଡି ସମେତ ଆଖପାଖ ଗ୍ରାମାଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି। ଉସ୍ତପଲ୍ଲୀ ଗ୍ରାମର ଲୋକମାନେ ବର୍ଷାଜଳ ତଥା ଦୂଷିତ ପାଣି ବ୍ୟବହାର କରିବା ଫଳରେ ଝାଡ଼ାବାନ୍ତି ବ୍ୟାପୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଗ୍ରାମର କିଛି ଲୋକଙ୍କ ଝାଡ଼ାବାନ୍ତି ହୋଇଥିଲା। ସକାଳୁ ଆଶାକର୍ମୀ ଲିନୁ ସାହୁ ଗ୍ରାମରେ ପହଞ୍ଚି ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଖବର ପାଇ ପ୍ରଥମେ ଗୋଟିଏ ଆମ୍ବୁଲାନ୍ସ ଗ୍ରାମରେ ପହଞ୍ଚି



୨ ଜଣକୁ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଇଥିଲା। ପରେ ଆଉ ୨ଟି ଆମ୍ବୁଲାନ୍ସ ଗ୍ରାମକୁ ଯାଇଥିଲେ ମଧ୍ୟ ରାସ୍ତାରେ କାଦୁଅ ଯୋଗୁ ଗ୍ରାମଠାରୁ ପ୍ରାୟ ୨୦୦ ମିଟର ଦୂରରେ ରହିଯାଇଥିଲା। ତେବେ ଗ୍ରାମବାସୀ ଏବଂ ସମାଜସେବୀ ମନୋଜ ସାହୁଙ୍କ ସହାୟତାରେ ଅନ୍ୟ ଆକ୍ରାନ୍ତଙ୍କୁ ଦୋଳାରେ ବୋହି ଆମ୍ବୁଲାନ୍ସ ନିକଟକୁ ଅଣାଯାଇଥିଲା। ସେଠାରୁ ଦିଗପହଣ୍ଡି ମେଡିକାଲ ଅଣାଯିବା ପରେ ସମସ୍ତଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଆକ୍ରାନ୍ତଙ୍କ ମଧ୍ୟରେ ଗୌରୀ ଶବର, କାଳୁ ଶବର, ସୁମିତ୍ରା ଶବର, ସୁବାସ ଶବର, ରାଜେଶ ଶବର, ଶିବାନନ୍ଦ ଶବର, ଦମୟନ୍ତୀ ଶବର, ଅନୀତା ଶବର, ପ୍ରିୟଙ୍କା ଶବର, ଦମୟନ୍ତୀ ଶବର ରହିଛନ୍ତି। ଅନୀତା ଓ ଦମୟନ୍ତୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଗତ ୩ ତାରିଖ ଦିନ ତଳେ ଦାସ ଶବର ନାମକ ବୃଦ୍ଧଙ୍କୁ ପ୍ରଥମେ ଝାଡ଼ାବାନ୍ତି ହୋଇଥିଲା। ପରିବାରଲୋକ ଭୀଷ୍ମଗିରି ଗ୍ରାମ ମେଡିକାଲ ନେଇ ଚିକିତ୍ସା କରି ଆଣିଥିଲେ। କିନ୍ତୁ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।

# ମଝି ସମୁଦ୍ରରେ ଡଙ୍ଗାରୁ ଖସିପଡ଼ିଲେ ମତ୍ସ୍ୟଜୀବୀ

ଚନ୍ଦନେଶ୍ୱର, ୬।୭ (ସମିସ): ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ବେଳେ ଡ଼ଙ୍ଗାରୁ ଖସି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଛି। ମୃତ ମତ୍ସ୍ୟଜୀବୀ ହେଲେ, ଭୋଗରାଇ ବ୍ଲକ କୀର୍ତ୍ତନିଆ ପଞ୍ଚାୟତ ଅଧୀନ ସେହି ଗ୍ରାମର ଜଗନ୍ନାଥ ବଡ଼ାଇ (୫୦)। ଗ୍ରାମର ଭୀମ ଚରଣ ବଡ଼ାଇଙ୍କ ପୁଅ ଜଗନ୍ନାଥ ଆଜି ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ବେଳେ ଅସାବଧାନତାବଶତଃ ଡଙ୍ଗାରୁ ଖସି ପାଣିରେ ପଡ଼ି ଯାଇଥିଲେ। ସଙ୍ଗେସଙ୍ଗେ ଡଙ୍ଗାରେ ଥିବା ଅନ୍ୟ ମତ୍ସ୍ୟଜୀବୀମାନେ ତାଙ୍କୁ ବହୁତ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ପାଖାପାଖି ୨୦ ମିନିଟ୍ ପରେ ସମୁଦ୍ର ଭିତରୁ ତାଙ୍କୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଭୋଗରାଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଜଗନ୍ନାଥ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ। ସେ ମାଛ ଧରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ସ୍ଥାନୀୟ ସରପଞ୍ଚ ରାଧାରାଣୀ ବେହେରା, ସମିତି ସଦସ୍ୟ ବିଜୟ ଗିରି, ପୂର୍ବତନ ଜିଲ୍ଲା ପରିଷଦ ପ୍ରଦୀପ ବେହେରା ପ୍ରମୁଖ ଦାବି କରିଛନ୍ତି।

## ଜଗନ୍ନାଥ ନିଆଁରେ ସନ୍ତୋଷ ଘିଅ

# ଅଗ୍ନିପରୀକ୍ଷାରେ ବିଜେପି 'ଅସ୍ମିତା'

ଭୁବନେଶ୍ୱର, ୬।୭ (ସମିସ): ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଭୂମିକା ଏବଂ ଗିରଫଦାରୀକୁ ନେଇ ବିଜେପିରେ ଅସନ୍ତୋଷ କୁହୁଳୁଛି। ଜଗନ୍ନାଥଙ୍କ ଗିରଫଦାରୀକୁ ଗୋଟିଏ ଗୋଷ୍ଠୀ ସଠିକ୍ ବୋଲି ଦର୍ଶାଉଥିବା ବେଳେ ଅନ୍ୟ ଗୋଷ୍ଠୀଗୁଡ଼ିକ ଏହାର ବିରୋଧ କରୁଛନ୍ତି। ବିଜେପିରେ ଥିବା ଫାଟକୁ ଜଗନ୍ନାଥ ପ୍ରସଙ୍ଗ ଆହୁରି ମେଲାଇ ଦେଇଥିବାବେଳେ ଆଗକୁ ଏହା ଭୟଙ୍କର ଗୋଷ୍ଠୀକନ୍ଦଳର ରୂପ ନେଇପାରେ ବୋଲି ରାଜନୈତିକ ସମୀକ୍ଷକ ଆଶଙ୍କା କରୁଛନ୍ତି। ଏହି ସମୟରେ ସନ୍ତୋଷ ଖଟୁଆଙ୍କ ଅରୁଚିକର ଓ ଅତ୍ୟନ୍ତ ଘୃଣ୍ୟ ମନ୍ତବ୍ୟ ଦଳ ପାଇଁ ବଡ଼ ସମସ୍ୟା ଭାବରେ ଉଭା ହୋଇଛି। ଓଡ଼ିଆ ଅସ୍ମିତାର କାହାଣୀ ଗାଇ କ୍ଷମତାକୁ ଆସିଥିବା ବିଜେପି ଏବେ ଏହି ପ୍ରସଙ୍ଗଗୁଡ଼ିକ ପାଇଁ ଅଗ୍ନିପରୀକ୍ଷା ପରି ହୋଇଛି। ଜଗନ୍ନାଥ ନିଆଁରେ ସନ୍ତୋଷଙ୍କ ପ୍ରସଙ୍ଗ ଘିଅ ହୋଇ ଦଳ ଓ ସରକାର ବିରୋଧରେ ଲୋକଙ୍କ ଅସନ୍ତୋଷକୁ ଆହୁରି ତୀବ୍ର କରିଛି। କେବଳ ଜଗନ୍ନାଥ ନୁହନ୍ତି, ସନ୍ତୋଷ ଖଟୁଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଆବଶ୍ୟକତା ରହିଥିବା ବିଜେପିର କିଛି ଟାଣୁଆ ନେତା ଦଳୀୟ ନେତୃତ୍ୱଙ୍କ ନିକଟରେ ଦାବି କରିଛନ୍ତି। ସନ୍ତୋଷଙ୍କ ବିରୋଧରେ ଦଳୀୟ କିମ୍ବା ଆଇନଗତ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ବେଳେ ଏହାକୁ ନେଇ ଅନେକ ନେତା ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ସନ୍ତୋଷଙ୍କୁ କିଏ ସୁରକ୍ଷା ଦେଉଛି ବୋଲି ଏବେ ଖୋଦ୍ କର୍ମୀମାନେ ପ୍ରଶ୍ନ କରିଛନ୍ତି।

ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ଜଗନ୍ନାଥଙ୍କ ବିରୋଧରେ ସାର୍ବଜନୀନ ଭାବେ ବୟାନ ରଖିଥିଲେ ବିଜେପି ଭୁବନେଶ୍ୱର ସାଂସଦ ତଥା ଦଳର ପାୱାରଫୁଲ ନେତ୍ରୀ ଅପରାଜିତା ଷଡ଼ଙ୍ଗୀ। ଜଗନ୍ନାଥ ପ୍ରଧାନ ଭୁଲ କରିଛନ୍ତି ବୋଲି ସେ କହିବା ସହ ଭୁଲକୁ ଭୁଲ ବୋଲି କହିବା ପାଇଁ ସତସାହସର ଆବଶ୍ୟକ ବୋଲି କହିଥିଲେ। ଅପରାଜିତାଙ୍କ ଏପରି ମନ୍ତବ୍ୟ ସିଧାସଳଖ ଦଳର ରାଜ୍ୟସ୍ତରୀୟ ନେତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କୁହାଯାଉଚି। ଜଗନ୍ନାଥଙ୍କୁ ଦଳର କିଛି କ୍ଷମତାଶାଳୀ ନେତା ସୁରକ୍ଷା ଦେଉଥିବା ବେଳେ ଅପରାଜିତା ନିଜ ବୟାନ ମାଧ୍ୟମରେ ସିଧାସଳଖ ସେମାନଙ୍କୁ ନିଶାଣ କରିଥିଲେ ବୋଲି କୁହାଯାଉଛି। ସେଥିପାଇଁ ଅପରାଜିତା ଏହି ପ୍ରସଙ୍ଗକୁ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି। ଅପରପକ୍ଷେ ଅପରାଜିତାଙ୍କ ଏପରି ଟିପ୍ପଣୀ ପରେ ବିଜେପିର ଅନେକ ନେତା ତାଙ୍କ ସହ ଦୂରତା ଅବଲମ୍ବନ କରୁଛନ୍ତି। ଯାହା ଆଗାମୀ ଦିନରେ ବିଜେପି ରାଜନୀତିରେ ରୋଚକ ପରିସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଜଗନ୍ନାଥଙ୍କ ଗିରଫଦାରୀକୁ ନାପସନ୍ଦ କରିଛନ୍ତି ଦଳର ଅନ୍ୟତମ ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର। ତାଙ୍କ ଗିରଫଦାରୀକୁ ମୁଁ ବିଲକୁଲ ପସନ୍ଦ କରୁନାହିଁ ବୋଲି ସେ କହିବା ସହ ଓଲଟା ଓଏଏସ ରତ୍ନାକରଙ୍କ ଉପରେ ଦୋଷ ଲଦିଛନ୍ତି। ଯଦିଓ ଶ୍ରୀ ମିଶ୍ରଙ୍କ ମନ୍ତବ୍ୟକୁ ଦଳ ସେତେ ଗୁରୁତ୍ୱ ଦେଇନାହିଁ, ତଥାପି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଜୟନାରାୟଣଙ୍କୁ ସମର୍ଥନ କରୁଥିବା ସୂଚନା ମିଳିଛି।

- ଜଗନ୍ନାଥ ପ୍ରସଙ୍ଗରେ ଦଳର ବରିଷ୍ଠ ନେତାଙ୍କ ମଧ୍ୟରେ ଫାଟ
- ସନ୍ତୋଷ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟକୁ ନେଇ ନେତା ଅସୁଖୀ
- ଖୋଲାଖୋଲି ଅସନ୍ତୋଷ ପ୍ରକାଶ କଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ
- ଅପରାଜିତାଙ୍କ ପାଇଁ ମହଙ୍ଗା ହେବ କି ଜଗା ବିରୋଧୀ ବୟାନ

ଏହି ସମୟରେ ବିଜେଡି ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ ବୟାନ ମଧ୍ୟ ଖୁବ ବିବାଦ ସୃଷ୍ଟି କରିଛି। ଉଭୟ ବିଜେଡି ଓ କଂଗ୍ରେସ ସନ୍ତୋଷଙ୍କ ଟିପ୍ପଣୀକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି। ତାଙ୍କ ବିରୋଧରେ ବିଜେପି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସନ୍ତୋଷଙ୍କ ନିମ୍ନରୁଚିର ଟିପ୍ପଣୀ ଦଳର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିଥିବା ବେଳେ ଏହାଯୋଗୁଁ ରାଜ୍ୟ ବିଜେପି ଜାତୀୟସ୍ତରରେ ନିନ୍ଦିତ ହୋଇଛି। ବିଜେପିର ନେତ୍ରୀଙ୍କ ପ୍ରତି ଏପରି ମନ୍ତବ୍ୟ ଦେଇଥିଲେ ଦଳ ସହ୍ୟ କରିଥାଆନ୍ତା କି ବୋଲି ମଧ୍ୟ ବିରୋଧୀ ପ୍ରଶ୍ନ କରିଛନ୍ତି। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳର ଅନେକ ନେତା ଓ କର୍ମୀ ସିଧାସଳଖ ନହେଲେ ମଧ୍ୟ ବାହାରେ ମତ ପ୍ରକାଶ କରୁଛନ୍ତି। ମାତ୍ର ରାଜ୍ୟ ବିଜେପି ନେତୃତ୍ୱ ଏନେଇ ମୁହଁ ନ ଖୋଲିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଦଳର ଶୃଙ୍ଖଳା କମିଟି ବୈଠକ ବସିଲେ ଏନେଇ ବିଚାର କରାଯିବ ବୋଲି ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଥିଲେ ହେଁ ଏହା ଦଳର କର୍ମୀଙ୍କୁ ସନ୍ତୁଷ୍ଟ କରିପାରି ନାହିଁ। ସନ୍ତୋଷଙ୍କ କ୍ଷେତ୍ରରେ ରାଜ୍ୟ ନେତୃତ୍ୱଙ୍କ ନିରବତା ଆଗକୁ ଦଳରେ ବିଶୃଙ୍ଖଳାକୁ ପ୍ରଶ୍ରୟ ଦେବ ବୋଲି ବିଜେପିର ଅନେକ ନେତା ଓ କର୍ମୀ ସାଧାରଣରେ ମତ ରଖୁଥିବା ଶୁଣିବାକୁ ମିଳୁଛି।

# ଶୈଳଶ୍ରୀକ୍ଷେତ୍ର: ରଥ ଉପରେ ଶ୍ରୀଜୀଉଙ୍କ ସୁନାବେଶ





ଅନୁଗୋଳ, ୬।୭ (ସମିସ)

ବଡ଼ଦାଣ୍ଡରେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଶୈଳଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ଗହଳି ଲାଗିଥିଲା । ରବିବାର ପବିତ୍ର ଏକାଦଶୀ ତିଥିରେ ହଜାର ହଜାର ଭକ୍ତ ରଥ ଉପରେ ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ କରିଛନ୍ତି । ଏକାଦଶୀ ତିଥିରେ ରଥ ଉପରେ ତିନି ଠାକୁରଙ୍କୁ ସୁନାବେଶରେ ଦର୍ଶନ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ରବିବାର ପୂର୍ବାହ୍ନରୁ ରୀତିନୀତି ଅନୁଯାୟୀ ଶ୍ରୀଜୀଉମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ମନ୍ଦିର ଭଣ୍ଡାର ଘରୁ ଶ୍ରୀଜୀଉମାନଙ୍କ ଅଳଙ୍କାର ଅଣାଯାଇ ସନ୍ଧ୍ୟା ସାଢ଼େ ୬ଟାରେ ଶ୍ରୀଜୀଉମାନଙ୍କ ସୁନାବେଶ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଦର୍ଶନ ଚାଲିଥିଲା । ସନ୍ଧ୍ୟା ଆଳତି ପରେ ଭକ୍ତମାନେ ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ କରିଥିଲେ । ପାଗ ଅନୁକୂଳ ଥିବାରୁ ବଡ଼ଦାଣ୍ଡରେ ଅହେତୁକ ଭିଡ଼ ପରିଲକ୍ଷିତ ହୋଇଥିଲା । ସୁରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଭକ୍ତମାନେ ଶୃଙ୍ଖଳିତ ଭାବେ ଦର୍ଶନ କରିବା ପାଇଁ ମନ୍ଦିର

**● ଅନୁକୂଳ ପାଗ ଯୋଗୁଁ ହଜାର ହଜାର ଭକ୍ତଙ୍କ ସମାଗମ**

ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ପକ୍ଷରୁ ବଡ଼ଦାଣ୍ଡରେ ଭଜନ ସମାରୋହ ଆୟୋଜନ କରାଯାଇଥିଲା । ସୋମବାର ଶ୍ରୀଜୀଉମାନଙ୍କ ଅଧରପଣା ଲାଗି, ସ୍ୱର୍ଣ୍ଣାଦ୍ରି ବିଜୟ ଉତ୍ସବ ଓ ନୀଳାଦ୍ରି ବିଜେ ନୀତି ହେବ । ସନ୍ଧ୍ୟା ଆଳତି ପରେ ଶ୍ରୀଜୀଉମାନଙ୍କୁ ରଥାବତରଣ କରାଯାଇ ଲକ୍ଷ୍ମୀନାରାୟଣ ଭେଟ ହେବ । ପରେ ରତ୍ନ ସିହାସନକୁ ଚତୁର୍ଦ୍ଧାମୂର୍ତ୍ତି ବିଜେ କରିବେ । ଉଲ୍ଲେଖଯୋଗ୍ୟ, ବର୍ଷରେ ଶ୍ରୀଜିଉମାନଙ୍କ ୬ ଥର ସୁନାବେଶ ନୀତି ଅନୁଷ୍ଠିତ ହୋଇଥାଏ । ଗୋଟିଏ ଥର ରଥ ଉପରେ ସୁନାବେଶ ହେବାର ପରମ୍ପରା ରହିଛି । ଏହା ବାହୁଡ଼ା ଯାତ୍ରା ପରଦିନ ଅର୍ଥାତ ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ରଥ ଉପରେ କରାଯାଇଥାଏ । ଏତଦ୍‌ବ୍ୟତୀତ ମନ୍ଦିର ଭିତରେ ୫ ଥର ସୁନାବେଶ କରାଯାଇଥାଏ । ଦଶହରା, କୁମାର ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମାରେ ମହାପ୍ରଭୁଙ୍କୁ ସୁନାବେଶ କରାଯାଏ । ଆଗକୁ ସୁନାବେଶକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କେତେଜଣ ଭକ୍ତ ମନ୍ଦିର ପରିଚାଳନା କମିଟିକୁ ୩୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

# ଜୁଲାଇ ୯ ଧର୍ମଘଟ ରାଜନୈତିକ ଉଦ୍ଦେଶ୍ୟ ପ୍ରୋଣୋଦିତ: ସାଂସଦ

ଅନୁଗୋଳ, ୬।୭ (ସମିସ): କେନ୍ଦ୍ରରେ ମୋଦି ସରକାର ଗରିବ, କୃଷକ, ମହିଳା, ଯୁବକ ଓ ଶ୍ରମିକମାନଙ୍କ ପାଇଁ ସମର୍ପିତ । କେନ୍ଦ୍ରରେ ମୋଦି ସରକାର ଆସିଲା ପରେ ଦୀର୍ଘ ୧୧ ବର୍ଷ ଧରି ବିଶେଷ କରି ଶ୍ରମିକମାନଙ୍କ ଉନ୍ନତି ପାଇଁ ସବୁକ୍ଷେତ୍ରରେ କାର୍ଯ୍ୟ କରି ଆସୁଛନ୍ତି ବୋଲି ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ପ୍ରକାଶ କରିଛନ୍ତି । ଆସନ୍ତା ଜୁଲାଇ ୯ ତାରିଖ ସର୍ବଭାରତୀୟ ସ୍ତରରେ କିଛି ନ୍ୟସ୍ତସ୍ୱାର୍ଥ ଶ୍ରମିକ ସଂଗଠନ ଧର୍ମଘଟ କରିବାକୁ ଡାକରା ଦେଇଛନ୍ତି । ତେବେ ଏହା ଶ୍ରମିକଙ୍କ ହିତରେ ନୁହେଁ; କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରୋଣୋଦିତ ବୋଲି ସାଂସଦ ପାଣି କହିଛନ୍ତି ।



ଆସନ୍ତା ୯ ତାରିଖ କିଛି ଶ୍ରମିକ ସଂଗଠନ ବିଭିନ୍ନ ଦାବି ନେଇ ଧର୍ମଘଟ କରିବାକୁ ଆହ୍ୱାନ ଦେଇଛନ୍ତି । ଏହାକୁ ନେଇ ଢେଙ୍କାନାଳ ସାଂସଦ ତଥା ପାର୍ଲାମେଣ୍ଟର ଶ୍ରମ ଓ ନିଯୁକ୍ତି ସମ୍ବନ୍ଧୀୟ କମିଟି ସଦସ୍ୟ ରୁଦ୍ରନାରାୟଣ ପାଣି ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଶ୍ରମିକଙ୍କ କଲ୍ୟାଣ ପାଇଁ ମୋଦି ସରକାର ସର୍ବଦା କାର୍ଯ୍ୟ କରୁଛନ୍ତି । ଯେଉଁ ସବୁ ଦାବି ନେଇ କିଛି ଶ୍ରମିକ ସଂଗଠନ ଧର୍ମଘଟ ଡାକରା ଦେଇଛନ୍ତି ସେଥିମଧ୍ୟରୁ ଅଧିକାଂଶ ପୂରଣ ହୋଇ ସାରିଛି । ଅନ୍ୟ ଦାବିଗୁଡ଼ିକ ପ୍ରତି ସରକାର ଯତ୍ନଶୀଳ ଅଛନ୍ତି । ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ସେହି ସମସ୍ୟା ସମାଧାନ କରାଯିବ ବୋଲି ସାଂସଦ କହିଛନ୍ତି । ଧର୍ମଘଟର କୌଣସି ଆବଶ୍ୟକତା ନାହିଁ । କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ଶ୍ରମିକମାନଙ୍କୁ ଭ୍ରମିତ କରି ଧର୍ମଘଟ ଡାକରା ଦିଆଯାଇଛି ବୋଲି ସେ କହିଛନ୍ତି । ଶ୍ରମିକମାନେ ସଠିକ ଭାବେ ବିଶ୍ଳେଷଣ କରି ଧର୍ମଘଟରୁ ଦୂରେଇ ରହିବା ପାଇଁ ସାଂସଦ ନିବେଦନ କରିଛନ୍ତି ।

# ରେଙ୍ଗାଲି ଡ୍ୟାମ୍‌ର ଦ୍ୱିତୀୟ ଗେଟ୍ ଖୋଲିଲା

କଣିହାଁ, ୬।୭ (ସମିସ): କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମର ଦ୍ୱିତୀୟ ଗେଟ ରବିବାର ପୂର୍ବାହ୍ନ ୧୧ଟା ୨୦ରେ ଖୋଲାଯାଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ ଶନିବାର ଗୋଟିଏ ଗେଟ୍ ଖୋଲାଯାଇଥିବା ବେଳେ ରବିବାର ଦ୍ୱିତୀୟ ଗେଟ ଖୋଲାଯାଇଛି । ରେଙ୍ଗାଲି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ରବିବାର ପୂର୍ବାହ୍ନ ୯ଟା ସୁଦ୍ଧା ଜଳସ୍ତର ୧୨୧.୧୫ ମିଟରରେ ପହଞ୍ଚିଥିଲା । ପୂର୍ବାହ୍ନ ୧୧ଟା ୨୦ରେ ଡ୍ୟାମ୍ କର୍ତ୍ତୃପକ୍ଷ ଦ୍ୱିତୀୟ ଗେଟ୍ (ନଂ-୯) ଖୋଲି ବନ୍ୟାଜଳ ନିଷ୍କାସନ କରିଥିଲେ । ତେବେ ଅପରାହ୍ନ ୪ଟା ସୁଦ୍ଧା ଡ୍ୟାମ ଜଳସ୍ତର ୧୨୧.୧୭ ମିଟର ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨୮ ୬୦.୩୫ ଘନମିଟର ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଖୋଲାଯାଇଥିବା ଦୁଇଟି ଗେଟ ଓ ପାୱାର ଚ୍ୟାନେଲ ମାଧ୍ୟମରେ ମୋଟ ୩୧୬୨.୮୬ ଘନମିଟର ଜଳ ନିଷ୍କାସିତ ହେଉଛି । ପ୍ରତି ଘଣ୍ଟାରେ ୨୪୩.୪୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଛି ।



## ଗାଁ ଦାଣ୍ଡରେ ଗଡୁଛି କୁନି ରଥ

**■ ଭକ୍ତିଭାବରେ ଟାଣୁଛନ୍ତି କୁନିପିଲା**

ଛେଣ୍ଡିପଦା, ୬।୭ (ସମିସ): ଶିମିଳିପାଳ ପାଞ୍ଚାୟତ କନକପଡ଼ା ଗାଁର କୁନି ପିଲାମାନେ ତିଆରି କରିଛନ୍ତି ଏକ କୁନି ରଥ । ବାଡ଼ଗ୍ରାହୀ ଭାବେ ରାହୁଲ ସାହୁ, ରଥ କାରିଗର ଋଷି ଦାସଙ୍କ ସମେତ ଗ୍ରାମର ଲିଜୁନ୍ ଦାସ, ବାଦଲ ଦାସ, ଆକାଶ ଦାସ, ଶିବୁ ଦାସ, ଏଲନ ବେହେରା, କ୍ରିଶ ଦାସ, ସାନୁ ବାରିକ, ଅଙ୍କୁର ଦାସ, ଭୁବନ ଦାସ, ଶୁଭମ୍ ଦାସ, ସୌମ୍ୟରଞ୍ଜନ ମାଝୀ, ଆଶୁତୋଷ ମାଝୀ, ମଣ୍ଟୁ ଦାସ, ଆୟୁଷ ଦାସ, ବାଟୁ ଦାସ ପ୍ରମୁଖ କୁନି ପିଲାମାନେ ସାଇକଲ ଚକ ଲଗାଇ ଏକ ରଥ ନିର୍ମାଣ କରିଥିଲେ । ଉକ୍ତ କୁନି ରଥରେ ବସିଛନ୍ତି ତିନି ଠାକୁର ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା । କୁନି କୁନି ହାତରେ ରଥ ଦଉଡ଼ିକୁ ଧରି ଘଣ୍ଟ ବଜାଇ ରଥ ଟାଣୁଛନ୍ତି । ଜୟ ଜଗନ୍ନାଥ କହି କୁନି ରଥ ଟାଣି ନେଉଥାନ୍ତି ।



## ଘୋଷର ଗ୍ରାମରେ ବାହୁଡ଼ା ଯାତ୍ରା

କିଶୋରନଗର, ୬।୭ (ସମିସ): କିଶୋରନଗର ବ୍ଲକ ହିମିତିରା ପଞ୍ଚାୟତ ଘୋଷର ଗ୍ରାମରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି । ରବିନାରାୟଣ ଶତପଥୀଙ୍କ ଦ୍ୱାରା ଠାକୁରଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା । ସେବାୟତ ବିକନ ପଣ୍ଡା, ଚନ୍ଦନ ପଣ୍ଡା, ଲିପନ ଶତପଥୀ, କାମ୍ପାଳ ଦାଶ, ଆଲୋକ ଶତପଥୀ, ଲିପୁ ଦାଶ, ଜିତୁ ପଣ୍ଡା ଠାକରଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ । ଅପରାହ୍ନରେ ରଥ ଟଣାଯାଇ ଠାକୁରଙ୍କୁ ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା । ଏହି ଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସେହିପରି ବ୍ଲକର ବାମୁର, ବାଟିମୁଣ୍ଡା, ବଡ଼ଗୋବିନ୍ଦପୁର, ବିଲେଇନାଳି, ସର୍ଗିପାଲ୍ଲୀ, ତାଳପଦର ଆଦି ଗ୍ରାମରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି ।



# ବିଜେଡିର ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ




ଅନୁଗୋଳ, ୬।୭ (ସମିସ): ଜିଲ୍ଲା ବିଜେଡିର ନୂତନ କାର୍ଯ୍ୟାଳୟ ଶିମିଳିପଡ଼ାସ୍ଥିତ ଚର୍ଚ୍ଚ ଲାଇନ ଗଳିରେ ରବିବାର ଉଦଘାଟିତ ହୋଇଛି । ଏହସହ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ଦେବୀପ୍ରସାଦ ମିଶ୍ର ଯୋଗଦେଇଥିଲେ । ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ପୂର୍ବତନ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ବିଜେଡି ନେତା ଅବିନାଶ ସାମଲ, ପୂର୍ବତନ ତାମଡ଼ା ଅଧ୍ୟକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଜେପି ସରକାର ଉପରେ ବର୍ଷିଥିଲେ । ରାଜ୍ୟରେ ମହିଳା ବିରୋଧୀ ହିଂସା ବଢ଼ି ଚାଲିଥିଲା ବେଳେ ସରକାର ନିଦରେ ଶୋଇଛନ୍ତି । ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କଲେଣି । ଏପଟେ ବିଜେପି ନେତାମାନେ ମହିଳା ବିରୋଧୀ ମନ୍ତବ୍ୟ ଦେଇ ଏହାକୁ ଉସ୍କାଉଛନ୍ତି । ଏଣୁ ବିଜେଡି ଚୁପ୍ ହୋଇ ବସିବନି । ମହିଳାଙ୍କ ସୁରକ୍ଷା ପାଇଁ ଦଳ ଲଢ଼େଇ ଜାରି ରଖିବ । ସରକାରଙ୍କ ବିଫଳତାକୁ ଲୋକଙ୍କ ସାମ୍ନାକୁ ଆଣିବ ବୋଲି ନେତାମାନେ କହିଥିଲେ । ପୂର୍ବତନ ଜିଲ୍ଲା ବିଜେଡି ସଭାପତି ମହେନ୍ଦ୍ର କୁମାର ବସ୍ତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ଯୁବ, ଛାତ୍ର ଓ ମହିଳା ମୋର୍ଚ୍ଚା କର୍ମକର୍ତ୍ତା ଉପସ୍ଥିତ ଥିଲେ । ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ଼ କରିବା ପାଇଁ ଜିଲ୍ଲା ସଭାପତି ପ୍ରଧାନ ଆହ୍ୱାନ ଦେଇଥିଲେ । ଏହା ପୂର୍ବରୁ ସମସ୍ତ ଜନ ପ୍ରତିନିଧି, ଯୁବ ଛାତ୍ର ଓ ମହିଳା ଜନତା ଦଳର ସମସ୍ତ ପଦାଧିକାରୀ ଓ କର୍ମକର୍ତ୍ତାଙ୍କ ଉପସ୍ଥିତରେ ପ୍ରଧାନ ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ହଜାର ହଜାର କର୍ମୀ ଉପସ୍ଥିତ ଥିଲେ ।

# ଘୋଷର ସଂରକ୍ଷିତ ଜଙ୍ଗଲରେ ଚାରାରୋପଣ

କିଶୋରନଗର, ୬।୭ (ସମିସ): ଘୋଷର ସଂରକ୍ଷିତ ଜଙ୍ଗଲରେ ବାମୁର ବନାଞ୍ଚଳର ସମସ୍ତ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନ ଓ ହିମିତିରା ଆଥଲେଟିକ ଆସୋସିଏସନ ତଥା ରାଜାମୁଣ୍ଡା ଗ୍ରାମ ସଭାପତି ଓ ହିମିତିରା ବନ ସୁରକ୍ଷା ସମିତି ସଭାପତିଙ୍କ ଉପସ୍ଥିତିରେ ୭୬ତମ ବନମହୋତ୍ସବ ପାଳନ କରାଯାଇଛି । ଏହି ଅବସରରେ ବିଭିନ୍ନ ପ୍ରଜାତିର ପ୍ରାୟ ଦେଢ଼ ହଜାର ମୂଲ୍ୟବାନ ବୃକ୍ଷ ଚାରା ରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ବାମୁର ବନାଞ୍ଚଳ ଅଧିକାରୀ ସ୍ୱାଧୀନ ସାମଲ, ବାମୁର ବନପାଳ ଅନ୍ତର୍ଯ୍ୟାମୀ ସାହୁ, କିଶୋରନଗର ବନପାଳ ଶାନ୍ତନୁ ଦେହୁରୀ, କଦଳୀମୁଣ୍ଡା ବନପାଳ ସୁରେନ୍ଦ୍ର ପାତ୍ର, ସରିପାଲୀ ବନପାଳ ରମାକାନ୍ତା ସାହୁ, ବନରକ୍ଷୀ ଲୋପାମୁଦ୍ରା ସାହୁ, ଅନିତା ବେହେରା, ବାମୁର ବନାଞ୍ଚଳ ସଂଯୋଜକ ତାପସ ରଞ୍ଜନ କର ଓ ବାସୁଦେବ ରାୟଗୁରୁ, ଉନ୍ନୟନ ଅଧିକାରୀ ମନଗୁଡୁ ଜୁଆଡ଼ି, ହିମିତିରା ବନ ସୁରକ୍ଷା ସମିତି ସଭାପତି କୃପାସିନ୍ଧୁ ପ୍ରଧାନ, ହିମିତିରା ଆଥଲେଟିକ ଆସୋସିଏସନ କମକର୍ତ୍ତା ଓ ରାଜାମୁଣ୍ଡ ଗ୍ରାମବାସୀ ଉପସ୍ଥିତ ଥିଲେ ।



# କଣିହାଁ ଓସିପିରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କଣିହାଁ, ୬।୭ (ସମିସ): କଣିହାଁ ଖୋଲାମୁହଁ କୋଇଲାଖଣି ତରଫରୁ ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ୩ଦିନ ଧରି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଅତିଥି ଭାବେ କୋଇଲା ଖଣି ମହାପ୍ରବନ୍ଧକ ନରେଶ ସିଂହ ସୁରକ୍ଷା ଅଭିଯାନ ରଥକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ପ୍ରକଳ୍ପ ଅଧିକାରୀ ଅକ୍ଷୟ କୁମାର ଦାସ, ଖଣି ମ୍ୟାନେଜର ରତ୍ନାକର ବେହେରା, ବିଏମଏସ ସଭାପତି ଅଭୟ କୁମାର ସାହୁ, ନାରୀନେତ୍ରୀ ସଂଘମିତ୍ରା ପ୍ରଧାନଙ୍କ ସହ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ । ଖଣି ସୁରକ୍ଷା ଅଧିକାରୀ ମୁନିର ଅହମଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଖଣି ସୁରକ୍ଷା ଓ ସଚେତନତା ଅଭିଯାନ ଓ ଆଭିମୁଖ୍ୟ ସମ୍ପର୍କରେ ଅତୁନ ନିୟୋଗୀ ଅବଗତ କରିଥିଲେ । ଏହି ଅଭିଯାନ ଜରିଆରେ ଖଣି ଅଧିକୃତ ଗ୍ରାମାଞ୍ଚଳ ଓ ଶ୍ରମିକଙ୍କୁ ସଚେତନ କରିବାକୁ ଲକ୍ଷ୍ୟ ରଖାଯାଇଛି । କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀମାନେ ଶ୍ରମିକ ସୁରକ୍ଷା ଓ ଖଣିରୁ ଚୋରା କୋଇଲା ଚାଲାଣ ସହ ଗ୍ରାମାଞ୍ଚଳରୁ କୋଇଲା ଖଣି ଭିତରେ ପ୍ରବେଶ ନ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖଣି ଅଧିକୃତ ଗ୍ରାମର ସଭାପତି, ସମ୍ପାଦକ ଠିକାସଂସ୍ଥା ଅଧିକାରୀ ଓ ଶ୍ରମିକମାନେ ଯୋଗଦେଇଥିଲେ ।



# ରାଜସ୍ୱ ଅମଲା ସଂଘର ସାଧାରଣ ପରିଷଦ ବୈଠକ

ଅନୁଗୋଳ, ୬।୭ (ସମିସ): ସ୍ଥାନୀୟ ସଭାଗୃହରେ ରାଜସ୍ୱ ଅମଲା ସଂଘ ଅନୁଗୋଳ ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ସଂଘ କାର୍ଯ୍ୟକାରୀ ସଭାପତି ନଗେନ କୁମାର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଉଦୟ କୁମାର ମହାପାତ୍ର, ତାଳଚେର ଉପଜିଲ୍ଲାପାଳ ସମିର କୁମାର ଜେନା, ସଂଘର ରାଜ୍ୟ ସଂଗଠନ ସମ୍ପାଦକ ରମାକାନ୍ତ ସାହୁ, ଢେଙ୍କାନାଳ ଜିଲ୍ଲା ଶାଖା ସଭାପତି ବିଭୂତି ଭୂଷଣ ପଟ୍ଟନାୟକ, ସୋନପୁର ଜିଲ୍ଲା ଅଧ୍ୟକ୍ଷ ନୀଳାମ୍ବର ଶତପଥୀ, ଅଣ ଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ଅନୁଗୋଳ ଶାଖା ସଭାପତି ଅକ୍ଷୟ କୁମାର ବିଶ୍ୱାଳ ପ୍ରମୁଖ ଅତିଥି ରୂପେ ଯୋଗଦେଇ ସରକାର ଓ ଲୋକଙ୍କ ମଧ୍ୟରେ ସଂଘ ଏକ ସେତୁ ପରି କାର୍ଯ୍ୟ କରିବାକୁ ଉଦବୋଧନ ଦେଇଥିଲେ । ଏହି ଅବସରରେ ସଂଘର ସମସ୍ତ ସଦସ୍ୟଙ୍କ ସମ୍ମତିକ୍ରମେ ଆସନ୍ତା ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନଗେନ କୁମାର ଶତପଥୀ ଅଧ୍ୟକ୍ଷ, ଲଳିତ କୁମାର ବେହେରା ଉପଦେଷ୍ଟା, ରଜନୀକାନ୍ତ ପ୍ରଧାନ ସଭାପତି, ଦେବେଶ ଚନ୍ଦ୍ର ମିଶ୍ର ସମ୍ପାଦକ ଏବଂ ସୁମନ୍ତ ସାହୁଙ୍କୁ କୋଷାଧ୍ୟକ୍ଷ ରୂପେ ଚୟନ କରାଯାଇଛି ।



# ପୁରୀ ରଥଯାତ୍ରାରେ ୧୧ଦିନ ବ୍ୟାପୀ ସେବାକାର୍ଯ୍ୟ

ଛେଣ୍ଡିପଦା, ୬।୭ (ସମିସ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଅବସରରେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକର ଜୟ ଜଗନ୍ନାଥ ସେବା ସଂଘ ପୁରୀ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନ, ଡାଲମା, ଆମ୍ବଖଟା, ଖିରି ଇତ୍ୟାଦି ବଣ୍ଟନ କରାଯାଉଛି । ଏହି ସେବାକାର୍ଯ୍ୟ ଶ୍ରୀଗୁଣ୍ଡିଚାଠାରୁ ସୁନାବେଶ ପର୍ଯ୍ୟନ୍ତ ସଂଘ ତରଫରୁ କରାଯାଇଛି । ଶ୍ରୀମନ୍ଦିର ଓ ପୁରୀ ଜିଲ୍ଲାପାଳଙ୍କ ଅନୁମତିରେ ସେବାସଂଘ କର୍ମକର୍ତ୍ତାମାନେ ପୁରୀ ବଳଗଣ୍ଡି ଛକର ମାଜଣା ଜାଗା ନିକଟରେ ଏହି ସେବା ଯୋଗାଇଛନ୍ତି । ସଂଘ ସଭାପତି ବିପିନି ବିହାରୀ ନାଥ, ଉପସଭାପତି ଚକ୍ରଧର ପ୍ରଧାନ, ସମ୍ପାଦକ ଅଧ୍ୟାପକ ବୁଦ୍ଧଦେବ ପ୍ରଧାନ, ସହସମ୍ପାଦକ ସହଦେବ ମାଝୀ, କୋଷାଧ୍ୟକ୍ଷ ସୁଜିତ୍ ସାହୁ, ସଦସ୍ୟ ଅମରେଶ ନାଥ, ମୀନକେତନ ସାହୁ, ଜିତେନ୍ଦ୍ର ବିଶ୍ୱାଳ, ଦ୍ୱାରି ପ୍ରଧାନ, କାଳିଆ ପ୍ରଧାନ, ବାପୁନି ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ରବିନାରାୟଣ ପ୍ରଧାନ, ପ୍ରମୋଦ ଦେହୁରୀ, ରାଧାକାନ୍ତ ପ୍ରଧାନ, ଶଙ୍କର ପ୍ରଧାନ, ନିରଞ୍ଜନ ସାହୁ, ତ୍ରିନାଥ ପ୍ରସାଦ ଦାସ, ଉପଦେଷ୍ଟା ବିପିନି ବାବା, ଗଣେଶ୍ୱର ପ୍ରଧାନ, ଯୋଗିନାଥ ସାହୁ, ହାଡ଼ିବନ୍ଧୁ ପାଣିଗ୍ରାହୀ, ଅଧ୍ୟାପକ ଅଜୟ ବେହେରା, ବିନୋଦ ସରଳିଆ, କୈଳାସ ଅଗ୍ରୱାଲା, ଦେବଦତ୍ତ ମାଝୀ, ସହଦେବ ମାଝୀ, ବିଶ୍ୱନାଥ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଛନ୍ତି ।



# ବାମୁରରେ ବିଦ୍ୟୁତ୍‌ଚାଳିତ ସିଲେଇ ତାଲିମ

କିଶୋରନଗର, ୬।୭ (ସମିସ): କିଶୋରନଗର ବ୍ଲକ ବାମୁର ବନାଞ୍ଚଳ ଅଧୀନ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ ମାଧ୍ୟମରେ ଖଦି ଗ୍ରାମୋଦ୍ୟୋଗ ଆୟୋଗ ଭୁବନେଶ୍ୱର ସହାୟତାରେ ୧୫ ଦିନିଆ ବିଦ୍ୟୁତଚାଳିତ ସିଲେଇ ପ୍ରଶିକ୍ଷଣ ଶିବିର ବାମୁର ବନାଞ୍ଚଳର ସହଯୋଗୀ ସଂସ୍ଥା ବିଶ୍ୱ ଯୁବକେନ୍ଦ୍ର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ସହକାରୀ ବନ ସଂରକ୍ଷକ ସଚ୍ଚିଦାନନ୍ଦ ସେଠୀ ଶିବିରକୁ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ବାମୁର ବନାଞ୍ଚଳ ଅଧିକାରୀ ସ୍ୱାଧୀନ ସାମଲ, ସମ୍ମାନିତ ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ଆଠମଲ୍ଲିକ ବନଖଣ୍ଡର ବୈଷୟିକ ବିଶେଷଜ୍ଞ ଗିରିଜାଶଙ୍କର ଦାଶ, ଖଦି ଗ୍ରାମୋଦ୍ୟୋଗ ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ବିଚିତ୍ରାନନ୍ଦ ପଣ୍ଡା ଯୋଗଦେଇଥିଲେ । ଶିବିରରେ ୭ଟି ବନସୁରକ୍ଷା ସମିତିରୁ ୨୦ ଜଣ ମହିଳା ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ ।

**ଶିକ୍ଷା ବଞ୍ଚାଅ କମିଟି ବୈଠକ**

# ଜନ ଶିକ୍ଷାନୀତି-୨୦୨୫ ସମ୍ପର୍କରେ ଆଲୋଚନା

ଅନୁଗୋଳ, ୬।୭ (ସମିସ)




ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ କମିଟି ଅନୁଗୋଳ ଜିଲ୍ଲା ଶାଖାର ବୈଠକ ରବିବାର ଶିକ୍ଷକପଡ଼ାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରରେ ଅନୁଷ୍ଠିତ ହୋଇଛି । ସଂଗଠନର ରାଜ୍ୟ ଉପସଭାପତି ରାଜେନ୍ଦ୍ର ବର୍ମା ବୈଠକରେ ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ର ଶିକ୍ଷା ଧ୍ୱଂସକାରୀ ବିଷୟଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ଏହି ଶିକ୍ଷାନୀତି ମାଧ୍ୟମରେ ବିଜ୍ଞାନ ସମ୍ମତ ଚିନ୍ତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ନିମନ୍ତେ ଉଦ୍ୟମ କରାଯାଇଛି । ଏହି କାରଣରୁ ଏହି ଶିକ୍ଷାନୀତିର ବିକଳ୍ପ ଭାବେ ସଂଗଠନ ପକ୍ଷରୁ 'ଜନ ଶିକ୍ଷାନୀତି-୨୦୨୫'ର ଚିଠା ପ୍ରସ୍ତାବ ପ୍ରକାଶ କରାଯାଇଛି ଏବଂ ଦେଶବ୍ୟାପୀ ଚର୍ଚ୍ଚା ଆଲୋଚନା ମାଧ୍ୟମରେ ମତାମତ ସଂଗ୍ରହ ଚାଲିଛି ବୋଲି ସେ ଉଲ୍ଲେଖ କରିଥିଲେ । ଜିଲ୍ଲାରେ ଅଧିକାଂଶ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ପଦବୀ ଖାଲି ପଡ଼ିଥିବା ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟରେ ନିଯୁକ୍ତ କରି ଶିକ୍ଷାଦାନରୁ ବିରତ ରଖାଯାଉଥିବାରୁ ଶିକ୍ଷାର ମାନ ହ୍ରାସ ଘଟିବା ବିଷୟକୁ ନେଇ ବୈଠକରେ ଘୋର ଉଦବେଗ ପ୍ରକାଶ ପାଇଛି । ଶିକ୍ଷା କ୍ଷେତ୍ରରେ ଏହି ସମସ୍ତ ଜ୍ୱଳନ୍ତ ସମସ୍ୟାଗୁଡ଼ିକୁ ସମାଧାନ ପାଇଁ ସକାରାତ୍ମକ ବାସ୍ତବ ପଦକ୍ଷେପ ନେବାକୁ ଦୃଢ଼ ଦାବି କରାଯାଇଛି । ଶିକ୍ଷାକୁ ଧ୍ୱଂସ ମୁଖରୁ ରକ୍ଷା କରିବା ନିମନ୍ତେ ସଚେତନ ଶିକ୍ଷାବିତ୍, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ଶିକ୍ଷାପ୍ରେମୀ ଜନସାଧାରଣ ସଂଗଠିତ ହେବାକୁ ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ କମିଟି ଅନୁଗୋଳ ଜିଲ୍ଲା ଆବାହକ ଲକ୍ଷ୍ମଣ ବେହେରା, ସଂଗଠକ ଅକ୍ଷୟ କୁମାର ବାରିକ ନିବେଦନ କରିଛନ୍ତି ।

# ବିଶ୍ୱନିୟନ୍ତାଙ୍କ ବାହୁଡ଼ାଯାତ୍ରା ଓ ସୁନାବେଶ


ବଅଁରପାଳ


ବଅଁରପାଳ


ବଅଁରପାଳ


ଗଁଦିଆ


ପାଲଲହଡ଼ା


ଢେଙ୍କାନାଳ

ଭୁବନ,୬ ।୭ (ସମିସ)

ଭୁବନ ଏନ୍‌ଏସି ଅନ୍ତର୍ଗତ ତୃତୀୟାଦେବଜୀଉଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ସକାଳୁ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା। ମଧ୍ୟାହ୍ନରେ ଘଣ୍ଟ ସଂକୀର୍ତ୍ତନ ସହ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ। ଓଡ଼ିଶୀ ନୃତ୍ୟ ତାଳେ ତାଳେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ରଥାରୂଢ଼ କରାଯାଇଥିଲା। ଭୁବନର ଗଜପତି ଭାବେ ପରିଚିତ ରାମଚନ୍ଦ୍ର ରାଉତ ଛେରାପହଁରା କରିଥିଲେ। ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିବା ବେଳେ ଅନ୍ୟ ଦୁଇ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ଶୁଭେନ୍ଦୁ କୁମାର ସାହୁ, ପୁରୋଧା ତୁଷାରକାନ୍ତି ମିଶ୍ରଙ୍କ ନେତୃତ୍ୱରେ ସୁରୁଖୁରୁରେ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। ପୁଲିସ, ବିଦ୍ୟୁତ ବିଭାଗ, ଅଗ୍ନିଶମ ବାହିନୀ ଓ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ବଡ଼ହାଟରୁ ବାହାରି ମନ୍ଦିର ନିକଟରେ ରଥ ପହଞ୍ଚିଥିଲା।

**ଗଁଦିଆ:** ଗଁଦିଆ ବ୍ଲକ ସାନ୍ଦାପସିପାଟଣା ଗିରିଧାରୀ ଆଶ୍ରମରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ଅପରାହ୍ନ ୩ଟାରେ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ଭକ୍ତ ବାବୁଲି ସାହୁ ଛେରାପହଁରା କରିଥିଲେ। ହଜାର ହଜାର ଭକ୍ତ ରଥ ଟାଣି ମନ୍ଦିର ଅଭିମୁଖେ ନେଇଥିଲେ। ଭକ୍ତମାନଙ୍କ ଘଣ୍ଟଘଣ୍ଟା, ଖୋଳ କୀର୍ତ୍ତନ, ହରିବୋଲ ହୁଳହୁଳି ସହ ଜୟ ଜଗନ୍ନାଥ ଧ୍ୱନିରେ ସମ୍ପୂର୍ଣ୍ଣ ଅଞ୍ଚଳ ଜଗନ୍ନାଥମୟ ହୋଇଯାଇଥିଲା। ଆଞ୍ଚଳିକ ସେବା ସଂଗଠନ ପ୍ରଭାସ ଭାଇ, ବୁନା ଭାଇ, ଅଶୋକ ସାହୁ, ଗଣେଶ୍ୱର ଦେହୁରୀ, ବିକାଶ ମିଶ୍ର, ଡମ୍ବରୁ ସେଠୀ, ଲକ୍ଷ୍ମୀଧର ସାହୁଙ୍କ ସମେତ ଚାରଣ ଅଭିମନ୍ୟୁ ଦାସ, ସନ୍ତୋଷ ସାହୁ, ରମେଶ ସାହୁ, ଅମ୍ବୁଜ ସାହୁ, ଭୋଳେଶ୍ୱର ସାହୁଙ୍କ ଉପସ୍ଥିତିରେ ସମସ୍ତ ନୀତିକାନ୍ତି ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଗିରିଧାରୀ ଆଶ୍ରମ ମହନ୍ତ ମହାରାଜ ବ୍ରହ୍ମଚାରୀ ବିଶ୍ୱ ଚୈତନ୍ୟଙ୍କ ଉପସ୍ଥିତି ଭକ୍ତଙ୍କୁ ଉତ୍ସାହିତ କରିଥିଲା। ପ୍ରଭାସ ଭାଇଙ୍କ ନେତୃତ୍ୱରେ ଅସହାୟ ବୃଦ୍ଧବୃଦ୍ଧାମାନଙ୍କୁ ବସ୍ତ୍ର ପ୍ରଦାନ କରାଯିବା ସହ ସମସ୍ତ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

**ଗଁଦିଆ:** ଗଁଦିଆ ବ୍ଲକର ପ୍ରସିଦ୍ଧ ଧର୍ମପୀଠ କପିଳାସ ପାଦଦେଶରେ ଅବସ୍ଥିତ ଦେଓଗାଁରେ ରଥରେ ବିଜେ ପ୍ରଭୁ ବଳଦେବଜୀଉ ଓ ଜଗନ୍ନାଥଙ୍କ ରୂପବେଶ ଅନୁଷ୍ଠିତ ହୋଇଛି। ପ୍ରାତଃ ସମୟରେ ଠାକୁରଙ୍କ ମଙ୍ଗଳ ଆଳତି, ଅବକାଶ ନୀତି, ବାଲ୍ୟନୀତି, ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ଦ୍ୱିପ୍ରହରରେ ଭୋଗଲାଗି ଓ ସନ୍ଧ୍ୟାରେ ଆଳତି ପରେ ଠାକୁରଙ୍କ ରୁପାବେଶ ଅନୁଷ୍ଠିତ ହୋଇଥିଲା। ଏହି ଅପୂର୍ବ ବେଶ ଦେଖିବା ନିମନ୍ତେ ପ୍ରବଳ ଗହଳି ହୋଇଥିଲା।

**ଢେଙ୍କାନାଳ:** ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମଜୀଉ ମନ୍ଦିରରେ ଆଷାଢ଼ ମାସର ହରିଶୟନ ବଡ଼ ଏକାଦଶୀ ନୀତି ପାଳିତ ହୋଇଛି। ପ୍ରାତଃରୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ତୁଳସୀ ହାର, ଫୁଲ ହାର, ବଲ୍ଲଭ ଭୋଗ, ପୂର୍ବାହ୍ନ ୧୦ଟାରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି ରାତିରେ ରାତ୍ରଧୂପ ପରେ ଏକାଦଶୀ ବେଢ଼ା ମହାଦୀପ ମନ୍ଦିର ଉପରକୁ ଉଠି ପହଡ଼ ପଡ଼ିଥିଲା। ପୂଜକ ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ୍ ବେହେରା, ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ବଡ଼ ଏକାଦଶୀ ନୀତି ପାଳନ କରାଯାଇଛି।

**ଢେଙ୍କାନାଳ:** ଢେଙ୍କାନାଳର ପ୍ରସିଦ୍ଧ ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଥିବା ବେଳେ ରଥଗଡ଼ାରେ ଆଷାଢ଼ ଶୁକ୍ଳପକ୍ଷ ଏଦାଦଶୀ ତିଥିରେ ପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ଶନିବାର ସନ୍ଧ୍ୟାରୁ ରଥ ଉପରେ ପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଏକାଦଶୀ ତିଥିରେ ପ୍ରଭୁଙ୍କ ସୁନାବେଶ ହୋଇଥିଲା। ଦେବୋତ୍ତର ବିଭାଗ ତରଫରୁ ଟ୍ରେଜେରୀରୁ ସୁନା ଅଳଙ୍କାରଗୁଡ଼ିକ କଡ଼ା ସୁରକ୍ଷା ମଧ୍ୟରେ ରଥ ନିକଟକୁ ଅଣାଯିବା ପରେ ସେବକମାନେ ବେଶ କରିଥିଲେ। ୨ ରଥରେ ପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବା ପରେ କଡ଼ା ସୁରକ୍ଷା ମଧ୍ୟରେ ଦର୍ଶନ ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ଧାଡ଼ିରେ ଦର୍ଶନ କରିଛନ୍ତି। ସୁନାବେଶ ଦର୍ଶନ ସହ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଧ୍ୟ ଶ୍ରଦ୍ଧାଳୁମାନେ ବେଶ୍ ଉପଭୋଗ କରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଯୁବରାଜ ଅମରଜ୍ୟୋତି ସିଂହଦେଓ ବିଶେଷ ପୂଜାର୍ଚ୍ଚନାରେ ଅଂଶଗ୍ରହଣ କରିଥିଲେ।

**କଣିହାଁ:** କଣିହାଁ ବ୍ଲକ ସମଲଠାରେ ଥିବା ତ୍ରିବେଣୀ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ଶେଷ ହୋଇଛି। ଅପରାହ୍ନରେ ଗୁଣ୍ଡିଚା ମନ୍ଦିରରେ ପୂଜାର୍ଚ୍ଚନା ପରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନଙ୍କୁ ପହଣ୍ଡି କରାଯାଇ ରଥରେ ବିଜେ କରାଯାଇଥିଲା। ଦିନତମାମ ବର୍ଷା ଲାଗି ରହିଥିଲେ ମଧ୍ୟ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ଶ୍ରଦ୍ଧାର ସହ ତିନି ରଥ ଟାଣି ସନ୍ଧ୍ୟାରେ ସମଲସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ସେଠାରେ ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା ସହ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଗୁଣ୍ଡିଚା ମନ୍ଦିରରେ ମଧ୍ୟ ୯ ଦିନ ଧରି ଭଜନକୀର୍ତ୍ତନ ଓ ପ୍ରସାଦ ସେବନ ହୋଇଥିଲା। ସମଲ, ଟିପ, ସାନଟିପ, ବୋଉ ବିଲିଣ୍ଡା, ବିକିଶର ଗ୍ରାମକୁ ନେଇ ହୋଇଥିବା ତ୍ରିବେଣୀ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର କମିଟି କାର୍ଯ୍ୟକର୍ତ୍ତା, ଗ୍ରାମବାସୀ, ଜଗନ୍ନାଥ ସେନା ଏବଂ ବିଭିନ୍ନ ସଂଗଠନ ସହଯୋଗରେ ସୁରୁଖୁରୁରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି। ସେହିପରି ପଥରମୁଣ୍ଡା, ବଡ଼ଗୁଣ୍ଡୁରୀ, ସିପୁର, କର୍ଣ୍ଣପାଳ, ବଜ୍ରକୋଟ, ଏନଟିପିସି ଟିଟିପିଏସରେ ଠାକୁରଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ରବିବାର ବିଭିନ୍ନ ସ୍ଥାନରେ ସୁନାବେଶ ହୋଇଥିବା ବେଳେ ସୋମବାର ମହାପ୍ରଭୁ ରତ୍ନ ସିଂହାସନକୁ ବିଜେ କରିବେ।


ତାଳଚେରସଦର


ନାଲକୋ ନଗର


ଢେଙ୍କାନାଳ

**ନାଲକୋ ନଗର:** ନାଲକୋ ନଗର ଜଗନ୍ନାଥ ମନ୍ଦିରରେ ରବିବାର ରଥାରୂଢ଼ ଶ୍ରୀଜୀଉମାନେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସନ୍ଧ୍ୟା ଆଳତି ଓ ଏକାଦଶୀ ନୀତି ବଢ଼ିବା ପରେ ମହାପ୍ରଭୁଙ୍କ ସୁନାବେଶ ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ବେଶ ସମ୍ପନ୍ନ ହୋଇଥିଲା। ୭ଟାରୁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ସୁନାବେଶ ଦର୍ଶନ ହୋଇଥିଲା। ମନ୍ଦିର ପରିସରରେ ନାଲକୋ ନଗର ତଥା ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନର୍ତ୍ତକୀ ଅନୁଷ୍ଠାନର ନୃତ୍ୟଗୁରୁ ଚିତ୍ରଲେଖା ପାହାଡ଼ିଙ୍କ ସହଯୋଗରେ ଡାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ। ସରସ୍ୱତୀ ବିଦ୍ୟା ମନ୍ଦିରର ବରିଷ୍ଠ ଶିକ୍ଷକ ସତ୍ୟବାଦୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ନାଲକୋର ସମସ୍ତ ଜିଜିଏମ ଯୋଗଦେଇଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କୁ ଶୁଖିଲା ଭୋଗ ବଣ୍ଟନ କରାଯାଇଥିଲା। ସୋମବାର ଅଧରପଣା ନୀତି ଅନୁଷ୍ଠିତ ହେବ। ପରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀମନ୍ଦିର ବିଜେ କରିବା କାର୍ଯ୍ୟକ୍ରମ ରହିଛି।

**ତାଳଚେରସଦର:** ଆଷାଢ଼ ମାସ ଶୁକ୍ଳପକ୍ଷ ବଡ଼ ଏକାଦଶୀ ତିଥିରେ ରଥ ଉପରେ ତିନିଦିଅଁଙ୍କୁ ସୁନାବେଶରେ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ସକାଳୁ ରାତି ପର୍ଯ୍ୟନ୍ତ ବହୁ ଶ୍ରଦ୍ଧାଳୁ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିଥିଲେ। ଏଥିଲାଗି ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଘଣ୍ଟଘଣ୍ଟା, ହୁଳହୁଳି, ହରିବୋଲ, ଝାଞ୍ଜକୀର୍ତ୍ତନ ଓ ମୃଦଙ୍ଗ ଶବ୍ଦରେ ବଡ଼ଦାଣ୍ଡରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରଥଯାତ୍ରାରୁ ଏକଦଶୀ ପର୍ଯ୍ୟନ୍ତ ଭଜନ ସମାରୋହର ଆୟୋଜନ କରାଯାଇଥିଲା।

**ବଅଁରପାଳ:** ବଅଁରପାଳ ପଞ୍ଚଶ୍ରୀକ୍ଷେତ୍ରରେ ତିନି ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ପରମ୍ପରା ଅନୁଯାୟୀ ରଥ ଉପରେ ତିନି ଠାକୁରଙ୍କୁ ସୁନା ବେଶରେ ସଜ୍ଜିତ କରାଯାଇଥିଲା। ସନ୍ଧ୍ୟାରେ ସୁନାବେଶ ଦେଖିବାକୁ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ସନ୍ଧ୍ୟାରେ ସରସ୍ୱତୀ ଶିଶୁ ମନ୍ଦିର, ବିବେକାନନ୍ଦ ସ୍କୁଲ, ଦିବ୍ୟଦର୍ଶନ ସ୍କୁଲ ସମେତ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା।

**ପାଲଲହଡ଼ା:** ପାଲଲହଡ଼ା ଗଡ଼ଜାତଠାରେ ରବିବାର ତିନି ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ବଡ଼ ଏକାଦଶୀ ଅବସରରେ ରଥ ଉପରେ ପ୍ରଭୁ ଜଗନ୍ନାଥ, ବଳଦେବ, ମା' ସୁଭଦ୍ରାଙ୍କ ସୁନାବେଶ ଦର୍ଶନ କରିବା ପାଇଁ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗିଥିଲା। ଶ୍ରଦ୍ଧାଳୁମାନେ ଦୀପ ପ୍ରଜ୍ୱଳନ କରି ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ପାଲଲହଡ଼ା ଦେବୋତ୍ତର ବିଭାଗ ଓ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ପ୍ରକୃତିବନ୍ଧୁ ହରିହର ସାହୁଙ୍କୁ ସମ୍ବର୍ଦ୍ଧନା



ଗଁଦିଆ,୬ ।୭ (ସମିସ): ଗଁଦିଆ ବ୍ଲକ ଦିଗମ୍ବରପୁର ପଞ୍ଚାୟତ ନୂଆଗଡ଼ ଗ୍ରାମରେ ଶ୍ରୀ ଶ୍ରୀ ତୃତୀୟାଦେବଜୀଉ ବିଜେ ମନ୍ଦିର କମିଟି ତରଫରୁ ସଭାପତି ବିଜୟ କୁମାର ସାମନ୍ତ ଓ ଉପଦେଷ୍ଟା ଯୁଗଳ କିଶୋର ଦାସ ଢେଙ୍କାନାଳ ଜିଲ୍ଲାର ବିଶିଷ୍ଟ ପରିବେଶବିତ, ଶିକ୍ଷାବିତ ପ୍ରକୃତିବନ୍ଧୁ ହରିହର ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗ୍ରାମ ସଂଗଠନ ସଭାପତି ନୀଳମଣି ପାତ୍ର, ସମ୍ପାଦକ ପଙ୍କଜ କୁମାର ଜେନା, ମନ୍ଦିର କମିଟି ସମ୍ପାଦକ ଅଶୋକ କୁମାର ମହାପାତ୍ରଙ୍କ ସହ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ସମ୍ବର୍ଦ୍ଧନା ପାଇଁ ପ୍ରକୃତିବନ୍ଧୁ ସାହୁ ନୂଆଗଡ଼ ମନ୍ଦିର ପରିଚାଳନା କମିଟି ସହିତ ଗ୍ରାମବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଘାଟିରୁ ଖସିଲା ବାଇକ; ଜଣେ ମୃତ, ୨ ଗୁରୁତର



ପାଲଲହଡ଼ା,୬ ।୭ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ବନ୍ଧାଭୂଇଁ ପଞ୍ଚାୟତ ତେନ୍ତୁଳି ଘାଟିରେ ରବିବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକ୍‌ରେ ତିନିଜଣ ଯୁବକ ଯାଉଥିବା ବେଳେ ଭାରସାମ୍ୟ ହରାଇ ଘାଟି ତଳକୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟ ପଠାଇଥିଲେ। ସେଠାରେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଡିମିରିଆର ପପୁ ବେହେରା (୨୭)ଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଗୁରୁସଙ୍ଗ ଗ୍ରାମର ପ୍ରତାପ କାଲ (୩୦), ଏବଂ ପାଲଲହଡ଼ା ବ୍ଲକ ବନ୍ଧାଭୂଇଁ ପଞ୍ଚାୟତ ଭୀମକାଣ୍ଡର ସିଦ୍ଧାନ୍ତ ସାନ୍ତ୍ରା (୨୮) ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ତେବେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପପୁ ବେହେରା ଭୀମକାଣ୍ଡସ୍ଥିତ ନିଜ ମାମୁଘରେ ରହୁଥିଲେ। ତିନିଜଣଯାକ ଏକ ବାଇକ୍‌ରେ ପାଲଲହଡ଼ା ରବିବାର ସାପ୍ତାହିକ ହାଟକୁ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ପାଲଲହଡ଼ା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ କହିଛନ୍ତି।

## ଲଗାଣ ବର୍ଷା: ଘର ଉପରେ ଭାଙ୍ଗିଲା ଗଛ

### ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ



ପାଲଲହଡ଼ା,୬ ।୭ (ସମିସ)

ଦୀର୍ଘଦିନ ଧରି ଲାଗି ରହିଥିବା ବର୍ଷା ଯୋଗୁଁ ଧନଜୀବନ ନଷ୍ଟ ହେବା ସହ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲଗାଣ ବର୍ଷାରେ ପେଟାମୁଣ୍ଡି ପଞ୍ଚାୟତ ଜୋକପାଣି ଗ୍ରାମର ମଙ୍ଗଲ ମୁଣ୍ଡାଙ୍କ ଟାଇଲ ଛପର ଘର ଉପରେ ପାଖରେ ଥିବା ଏକ ବଡ଼ ପଣସ ଗଛ ଉପୁଡ଼ି ପଡ଼ିଥିଲା। ତେବେ ତାଙ୍କ ପରିବାରର ୭ ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପେଟାମୁଣ୍ଡି ସରପଞ୍ଚ ରମେଶ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ଏବଂ ତହସିଲ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଗଛ କାଟି ସଫା କରିଥିବା ବେଳେ ତହସିଲ ପକ୍ଷରୁ ମଙ୍ଗଲଙ୍କ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି।

## ବ୍ରାହ୍ମଣୀ ନଦୀରେ ହଠାତ୍ ବଢ଼ିଗଲା ପାଣି

## ଫସିଲେ ଗାଈ ଚରାଳି ଓ ୫୦ରୁ ଊର୍ଦ୍ଧ୍ୱ ଗୋରୁ, ଛେଳିମେଣ୍ଢା

କାମାକ୍ଷାନଗର,୬ ।୭ (ସମିସ): କାମାକ୍ଷାନଗର ବ୍ଲକ ବୁଢ଼ୀବିଲି ଗାଁ ନିକଟ ବ୍ରାହ୍ମଣୀ ନଦୀରେ ହଠାତ ପାଣି ବଢ଼ିବାରୁ ନଦୀ ଭିତରେ ଫସିଲେ ଗାଈ ଚରାଳି ସମେତ ୫୦ରୁ ଊର୍ଦ୍ଧ୍ୱ ଗୋରୁ ଓ ଛେଳିମେଣ୍ଢା। ରବିବାର ଅପରାହ୍ନରେ ଜଣେ ଗାଈ ଚରାଳି ୫୦ରୁ ଊର୍ଦ୍ଧ୍ୱ ଗୋରୁ ଓ ଛେଳିମେଣ୍ଢାଙ୍କୁ ନେଇ ବୁଢ଼ୀବିଲି ଗାଁ ନିକଟରେ ଥିବା ବ୍ରାହ୍ମଣୀ ନଦୀ ଭିତରେ ଚରାଉଥିଲେ। ସନ୍ଧ୍ୟାରେ ନଦୀରେ ହଠାତ ଜଳସ୍ତର ବୃଦ୍ଧି ହେବାରୁ ଗାଈଚରାଳି ସମେତ ସମସ୍ତ ଗାଈ, ଛେଳି ଓ ମେଣ୍ଢା ନଦୀ ମଝିରେ ଫସିଯାଇଥିଲେ। ଗ୍ରାମବାସୀ ଏହାଦେଖି କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ବୋଟ ଯୋଗେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ତେବେ ଅନ୍ଧାର ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହୋଇଥିଲେ ମଧ୍ୟ ଗ୍ରାମବାସୀଙ୍କ ସହାୟତାରେ ଅଗ୍ନିଶମ ବାହିନୀ ସମସ୍ତଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି।

## ହଜାରେ ଲିଟର ମଦ ନଷ୍ଟକଲା ଅବକାରୀ ବିଭାଗ



ଛେଣ୍ଡିପଦା,୬ ।୭ (ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଦୁର୍ଗାପୁର ଗାଁରେ ଥିବା ଓଡ଼ିଶା ପାନୀୟ ଜଳ ନିଗମରେ ତ୍ରୟମାସିକ ଅଡିଟ କରାଯିବା ସହ ମିଆଦ ଶେଷ ହୋଇଥିବା ହଜାରେରୁ ଊର୍ଦ୍ଧ୍ୱ ଲିଟର ବିୟର ନଷ୍ଟ କରାଯାଇଛି। ଦୁର୍ଗାପୁର ଓଡ଼ିଶା ପାନୀୟ ଜଳ ନିଗମରେ ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ, ପାନୀୟ ଜଳ ନିଗମର ମ୍ୟାନେଜର ସୁମିତ୍ରା ଓରାମ, ଛେଣ୍ଡିପଦା ଅତିରିକ୍ତ ତହସିଲଦାର ପ୍ରକାଶ ନାୟକ, ଡେପୁଟି ଏସଇ ନୀଳାଦ୍ରି ନାୟକ ଓ ଅଡିଟ କର୍ମଚାରୀମାନେ ପହଞ୍ଚି ନିଗମର ଗୋଦାମ ଯାଞ୍ଚ କରିବା ସହ ୧ ହାଜରରୁ ଊର୍ଦ୍ଧ୍ୱ ଲିଟର ବିୟର ନଷ୍ଟ କରିଥିଲେ। ତେବେ ନିଗମରେ ଏତେ ପରିମାଣର ବିୟରର ମିଆଦ କିପରି ସରିଗଲା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପୂର୍ବତନ କାଉନସିଲରଙ୍କ ପରଲୋକ

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ



ଅନୁଗୋଳ,୬ ।୭ (ସମିସ): ଅନୁଗୋଳର ପୂର୍ବତନ କାଉନସିଲର ଭୀମସେନ ମାଣ୍ଡୋଟିଆଙ୍କର ୭୦ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ଦେହାନ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି। ସେହିପରି ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ଅଗସ୍ତି ବେହେରା, ବରିଷ୍ଠ ନେତା କାଳନ୍ଦି ସାମଲ, ପ୍ରାକ୍ତ ମନ୍ତ୍ରୀ ସଞ୍ଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ଓ ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକଙ୍କ ସମେତ ଜିଲ୍ଲା ବିଜେପିର ସମସ୍ତ କାର୍ଯ୍ୟକର୍ତ୍ତା ଗଭୀର ଶୋକ ପ୍ରକାଶ କରିଛନ୍ତି। ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଜେପି ନେତା, ସୋମନାଥ ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ, ଭୀମସେନଙ୍କ ପୁଅ ପବନ ମାଣ୍ଡୋଟିଆ ଏବେ ବିଜେପି ଅନୁଗୋଳ ନଗର ମଣ୍ଡଳ ସଭାପତି ଅଛନ୍ତି।

# ସମ୍ପାଦକୀୟ



ଶିକ୍ଷାର ଲକ୍ଷ୍ୟ କେବଳ ତଥ୍ୟଭିତ୍ତିକ ଜ୍ଞାନ ଆହରଣ ନୁହେଁ, ଏହା ମୂଲ୍ୟବୋଧ ମଧ୍ୟ ଶିଖାଏ।

--ୱିଲିୟମ ଏସ୍ ବରୋସ

## ଅଦିନିଆ ମୂଲ୍ୟସ୍ଫୀତି

ଏବେ ରାଜ୍ୟରେ, ବିଶେଷକରି ସହରାଞ୍ଚଳରେ, ପନିପରିବା ଦରରେ ଆକସ୍ମିକ ବୃଦ୍ଧି ଘଟିଛି। ସାଧାରଣତଃ ବର୍ଷାଋତୁରେ ବାଡ଼ି ପନିପରିବା ସହିତ ଚାଷକ୍ଷେତରୁ ବିଭିନ୍ନ ପରିବା ଉତ୍ପାଦନ ଅଧିକ ହେଉଥିବାରୁ ଖାଉଟି ସୁଲଭ ମୂଲ୍ୟରେ ପରିବା ପାଇବା କଥା। କିନ୍ତୁ ଚଳିତବର୍ଷ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ବିଶେଷକରି ଗତ ଦୁଇ ସପ୍ତାହ ଧରି ପରିବା ଦର ଦ୍ୱିଗୁଣା ହୋଇଛି। ଏହାର ତତ୍କାଳ ପ୍ରଭାବ ଋତୁକାଳୀନ ଫଳ ଆମ୍ବ ଉପରେ ପଡ଼ିଛି। କିଲୋ ପିଛା ୨୦ରୁ ୩୦ ଟଙ୍କାରେ ମିଳୁଥିବା ବିଭିନ୍ନ କିସମର ଆମ୍ବର ଦର ଏବେ ପ୍ରାୟ ଚାରିଗୁଣା ବଢ଼ିଯାଇଛି। ବିକ୍ରେତାଙ୍କ କହିବା କଥା ଲଘୁଚାପ ବର୍ଷା ଯୋଗୁଁ ବାହାର ଅଞ୍ଚଳରୁ ପରିବା ଯୋଗାଣ ବ୍ୟାହତ ହୋଇଛି। ତେଣୁ ବଜାରରେ ଦାମ ଉଚ୍ଚା ରହିଛି। କିନ୍ତୁ ବର୍ଷା ଜନିତ ଗମନାଗମନ ବାଧାପ୍ରାପ୍ତ ହେବା ଭଳି ସ୍ଥିତି ଏ ପର୍ଯ୍ୟନ୍ତ ଓଡ଼ିଶାରେ ଉପୁଜିନାହିଁ। ତଥାପି ପରିବା ଦର ଉଚ୍ଚା ରହିବା ପଛରେ କିଛି ଭିନ୍ନ କାରଣ ରହିଛି।

କେତେକ ବଜାର ବିଶେଷଜ୍ଞଙ୍କ କହିବା ଅନୁଯାୟୀ ପରିବା ଦର ବୃଦ୍ଧିରେ ଲଗାଣ ବର୍ଷାର ଭୂମିକା ଯେତିକି ନାହିଁ, ତା'ଠାରୁ ଅଧିକ ରହିଛି ରଥଯାତ୍ରାରେ ବିଭିନ୍ନ ସଂସ୍ଥା ପକ୍ଷରୁ ଆରମ୍ଭ ହୋଇଥିବା ଦାତବ୍ୟ ଭୋଜନ ଓ ଅନ୍ନଛତ୍ର ବ୍ୟବସ୍ଥା। ସମ୍ପ୍ରତି ଗଣଉତ୍ସବଗୁଡ଼ିକରେ ଦାତବ୍ୟ ଭୋଜନ ବା ମାଗଣା ଅନ୍ନଛତ୍ର ଏକ ଧାରା ପାଲଟି ଯାଇଛି। ଧନାଢ୍ୟ ବ୍ୟକ୍ତିମାନେ ପୁଣ୍ୟ ଅର୍ଜନ ଲକ୍ଷ୍ୟରେ ଏଭଳି ପନ୍ଥା ଆପଣେଇଥିବା ବେଳେ ଦେଖାଦେଖି ଏଭଳି ଅନୁଷ୍ଠାନ ଓ କାର୍ଯ୍ୟକ୍ରମ ସଂଖ୍ୟା ବଢ଼ିଚାଲିଛି। ଚଳିତ ବର୍ଷ ରଥଯାତ୍ରାରେ ଦେଶର ବହୁ ବିଶିଷ୍ଟ ଶିଳ୍ପପତିଙ୍କ ଟ୍ରଷ୍ଟମାନ ବିଗତ ପ୍ରାୟ ୧୦ ଦିନ ଧରି ପୁରୀ ଶ୍ରୀକ୍ଷେତ୍ରରେ ଭକ୍ତଙ୍କୁ ମାଗଣା ଭୋଜନ ଦେଇଆସୁଛନ୍ତି। ପୁରୀ ଶ୍ରୀକ୍ଷେତ୍ରରେ ଦୈନିକ ପ୍ରାୟ ୧୦ ଲକ୍ଷ ଲୋକଙ୍କ ପାଇଁ ଏହି ଭୋଜନ ବ୍ୟବସ୍ଥା ହେଉଥିବା ବେଳେ ଆଖପାଖ ଅଞ୍ଚଳ ଓ ଅନ୍ୟାନ୍ୟ ସହରାଞ୍ଚଳଗୁଡ଼ିକରେ ମଧ୍ୟ ଏଭଳି ଦାତବ୍ୟ ଅନ୍ନଛତ୍ର ଖୋଲିଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଶିଳ୍ପ ସଂସ୍ଥାମାନେ କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ ଅଧୀନରେ ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଆଉ କେତେକ ନିଜର ଧାର୍ମିକ ପରିଚୟ ଦେବା ଆଳରେ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ବିଜ୍ଞାପିତ କରୁଥିବା ଦେଖାଯାଉଛି। ଦୈନିକ ଏଭଳି ବିଶାଳ ଆୟୋଜନର ପ୍ରତ୍ୟକ୍ଷ ପ୍ରଭାବ ପରିବା ବଜାର ଉପରେ ପଡ଼ିଛି। ଅର୍ଥନୈତିକ ତତ୍ତ୍ୱ ଅନୁଯାୟୀ ଯୋଗାଣ ସୀମିତ ରହି ଚାହିଦା ବଢ଼ିବାରୁ ସ୍ୱାଭାବିକ ଭାବେ ନିତିଦିନିଆ ପରିବା ଦାମ ବଢ଼ିଛି।

ଭିନ୍ନ ଏକ ଦୃଷ୍ଟିକୋଣରୁ ଆଲୋଚନା କଲେ ଏଭଳି ଋତୁକାଳୀନ ବା ଆକସ୍ମିକ ମୂଲ୍ୟସ୍ଫୀତି ଭଳି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଆମ ରାଜ୍ୟ ଏ ପର୍ଯ୍ୟନ୍ତ ସ୍ୱାବଲମ୍ବୀ ହୋଇପାରିନାହିଁ। ଏବେ ମଧ୍ୟ ଓଡ଼ିଶାବାସୀଙ୍କ ପନିପରିବା ଚାହିଦାର ୮୦ ଭାଗ ବାହାର ରାଜ୍ୟରୁ ଆମଦାନୀ ହେଉଛି। ସେହିସବୁ ରାଜ୍ୟରେ ବର୍ଷା, ମରୁଡ଼ି ଆଦି ପ୍ରାକୃତିକ ଦୁର୍ବିପାକ କିମ୍ବା ଅନ୍ୟ କୌଣସି କାରଣରୁ ଉତ୍ପାଦନ ଓ ପରିବହନରେ ବାଧା ଉପୁଜିଲେ ତାହାର ତତ୍କାଳ ପ୍ରଭାବ ଓଡ଼ିଶା ବଜାର ଉପରେ ପଡୁଛି। ଆଳୁ, ପିଆଜ, ଟମାଟୋ ଉପରେ ପୂର୍ବରୁ ଆମେ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରୁଥିବା ବେଳେ ଏବେ ଲଙ୍କା, ଲେମ୍ବୁ, ପୋଟଳ, ବିନ୍ସ, ଝୁଡ଼ଙ୍ଗ, ବାଇଗଣ, କୋବି ପାଇଁ ମଧ୍ୟ ବାହାର ରାଜ୍ୟର ହାତକୁ ଚାହିଁ ବସିବାକୁ ପଡୁଛି।

ଆମେ ଯେଉଁସବୁ ରାଜ୍ୟରୁ ଆମଦାନୀ ଉପରେ ନିର୍ଭର କରୁଛୁ ସେହିସବୁ ରାଜ୍ୟ କେବଳ କୃଷିପ୍ରଧାନ ନୁହନ୍ତି। କିନ୍ତୁ ଶିଳ୍ପ ସହିତ କୃଷିକୁ ସମନ୍ୱିତ ଭାବେ ପରିଚାଳନା କରିପାରୁଥିବାରୁ ଏବଂ ଉତ୍ପାଦନ ଓ ବଜାର ଦର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରିପାରୁଥିବାରୁ ସେହି ରାଜ୍ୟମାନେ କୃଷିଜାତ ଦ୍ରବ୍ୟରେ ବଳକା ରାଜ୍ୟ ଭାବେ ପରିଗଣିତ ହେଉଛନ୍ତି। ଏକଦା ଆମ ରାଜ୍ୟ ମଧ୍ୟ ଦେଶରେ ଦ୍ୱିତୀୟ ବୃହତ୍ ପନିପରିବା ଉତ୍ପାଦନକାରୀ ରାଜ୍ୟ ଭାବେ ପରିଗଣିତ ହେଉଥିଲା। କିନ୍ତୁ କୃଷି ପ୍ରତି ନିରନ୍ତର ଅବହେଳା, ସରକାରୀ ପ୍ରୋତ୍ସାହନ ଓ କୃଷି ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଆଜି ଆମେ ପରହାତକୁ ଚାହିଁ ବସିବାକୁ ପଡୁଛି।

ଓଡ଼ିଶାରେ ପନିପରିବା ଉତ୍ପାଦନ କମିବା ପଛର ଆଉ ଏକ କାରଣ ହେଲା ଚାଷ ପ୍ରତି ବଢ଼ିଚାଲିଥିବା ବୀତସ୍ପୃହ ମନୋଭାବ। ବିଲମୁଣ୍ଡର ଦର ଓ ବଜାର ଦର ମଧ୍ୟରେ ଆକାଶପାତାଳ ତାରତମ୍ୟ ଚାଷୀକୁ ପରିବା ଚାଷ ପ୍ରତି ବିମୁଖ କରୁଛି। ଉଦାହରଣ ସ୍ୱରୂପ ଭେଣ୍ଡିଚାଷ କରୁଥିବା କୃଷକଟିଏ ଯେତେବେଳେ ପୋଟଳ କିମ୍ବା ଜହ୍ନି କିଣିବା ପାଇଁ ବଜାରକୁ ଯାଉଛି ସେତେବେଳେ ସେ ବିଲମୁଣ୍ଡରେ କେଜି ପିଛା ୫ଟଙ୍କାରେ ବିକ୍ରି କରିଥିବା ତା'ର ଉତ୍ପାଦକୁ ବଜାରରେ ୬୦ ଟଙ୍କାରେ ବିକ୍ରି ହେଉଥିବା ଦେଖୁଛି। ଖାଉଟି ବଜାର ଓ ବିଲ ହୁଡ଼ା ମଧ୍ୟରେ ରହିଯାଉଥିବା ଦାମର ଏହି ତାରତମ୍ୟର ସର୍ବାଧିକ ହିତାଧିକାର ହେଉଛନ୍ତି ଦଲାଲ୍। ଏ ବିଷୟରେ ସରକାର ଜାଣି ମଧ୍ୟ ଉଦାସୀନତା ରହିବାର ପ୍ରଭାବ ଚାଷୀକୁ ପରିବା ଚାଷ ପ୍ରତି ବିମୁଖ କରୁଛି ଏବଂ ବଜାରରେ ପନିପରିବା ଦରଦାମରେ ପ୍ରତିଫଳିତ ହେଉଛି।

ଓଡ଼ିଶାରେ ପରିବା ଚାଷୀର ସବୁଠାରୁ ବଡ଼ ଆହ୍ୱାନ ହେଉଛି ସଂରକ୍ଷଣ। ପ୍ରତିବର୍ଷ ବଜେଟ୍‌ରେ ବ୍ୟୟବରାଦ ହେଉଥିଲେ ମଧ୍ୟ ତୃଣମୂଳସ୍ତରରେ ଶୀତଳଭଣ୍ଡାର ନିର୍ମାଣ ଆବଶ୍ୟକ ମୁତାବକ ହୋଇପାରୁନାହିଁ। ତେଣୁ ବାଧ ହୋଇ ଚାଷୀ କମ୍ ମୂଲ୍ୟରେ ଉତ୍ପାଦ ବିକି ପ୍ରଭୂତ କ୍ଷତି ସହୁଛି କିମ୍ବା ବିଲରେ ଗୋରୁଙ୍କ ପାଇଁ ଛାଡ଼ି ଦେଉଛି। ଏଭଳି ପରିସ୍ଥିତିରେ ରାଜ୍ୟ ପନିପରିବା ଉତ୍ପାଦନରେ ସ୍ୱାବଲମ୍ବୀ ହେବ କେମିତି? ଆମ ରାଜ୍ୟର ବିଡ଼ମ୍ବନା ହେଲା ଶିଳ୍ପାୟନ ନାଁରେ ଯେଉଁ ସବୁ ଜମିର କିସମ ପରିବର୍ତ୍ତନ ହେଉଛି ସେଠାରେ ଶିଳ୍ପ ତ ଆଶାନୁରୂପ ପ୍ରତିଷ୍ଠା ହୋଇପାରୁନାହିଁ, ଅଧିକନ୍ତୁ ଚାଷ ଜମି ସଂକୁଚିତ ହୋଇଚାଲିଛି। ଏ ଦିଗରେ ନୀତି ନିର୍ଦ୍ଧାରକମାନେ ଯତ୍ନଶୀଳ ହେବା ଆବଶ୍ୟକ। ଏହାବାଦ୍ ବର୍ତ୍ତମାନର କୃଷି ବିଭାଗ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ବଦଳରେ ବାତାନୁକୂଳିତ କୋଠରିରେ ବସି ନିଷ୍ପତ୍ତି ନେଉଥିବାରୁ ଚାଷ ଓ ଚାଷୀର ବାସ୍ତବ ସମସ୍ୟା ସମାଧାନ ହୋଇପାରୁନାହିଁ। ଏ ଦିଗରେ ମଧ୍ୟ ସରକାର ଦୃଷ୍ଟି ଦେବା ବିଧେୟ।

## ଅସ୍ତ୍ରବିରତି ଅନ୍ତରାଳେ...

**ଗୌରୀପ୍ରସାଦ ମହାପାତ୍ର**

ଆମେରିକା ମଧ୍ୟସ୍ଥତାରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧବିରତି ଘୋଷଣା ହେବା ପରେ ପ୍ରଶ୍ନ ଉଠିଛି - ଏହି ୧୨ଦିନିଆ ଯୁଦ୍ଧରେ କାହାକୁ କ'ଣ ମିଳିଲା? ଏହାର ଉତ୍ତର ଖୋଜିବା ବେଳେ କାଚମିସ୍ତ୍ରୀ ଭୂମିକାରେ ଅବତୀର୍ଣ୍ଣ ଖ୍ୟାତନାମା ବ୍ୟଙ୍ଗ କଳାକାର ଚାର୍ଲି ଚାପ୍ଲିନ୍‌ଙ୍କ ସେହି କ୍ଷୁଦ୍ର ଚଳଚ୍ଚିତ୍ରଟିକୁ ଥରେ ମନେ ପକାନ୍ତୁ, ଯେଉଁଥିରେ କିଛି ମୁଦ୍ରା ବିନିମୟରେ ଚାର୍ଲିଙ୍କ ଦ୍ୱାରା ପ୍ରଲୋଭିତ ଜଣେ ଚପଳମତି ଶିଶୁ ଲୁଚିଛପି କୌଣସି ଏକ ଘରର ଝରକାକୁ ଟେକା ମାରି ଭାଙ୍ଗିଦିଏ। କିଛିସମୟ ପରେ ଚାର୍ଲି ଝରକାକାଚର ପସରା ପିଠିରେ ଝୁଲାଇ ସେହି ବାଟ ଦେଇ କିଛି ନ ଜାଣିବା ପରି ଯା'ନ୍ତି। ଅଗତ୍ୟା ସେହି ଘର ମାଲିକ ଦୁଆର ପାଖରେ କାଚମିସ୍ତ୍ରୀଟିଏ ମିଳିଯାଇଥିବାରୁ ଆଶ୍ୱସ୍ତି ହୋଇ ମରାମତି କରିବାକୁ ଚାର୍ଲିଙ୍କୁ ପଚାରନ୍ତି ଏବଂ ଚାର୍ଲି ବିନା ଦ୍ୱିଧାରେ ତାଙ୍କ ପ୍ରଚ୍ଛଦ ପ୍ରାୟୋଜିତ କାମଟି ସାରି ପାଉଣା ନେଇଆସନ୍ତି। ଇରାନ୍-ଇସ୍ରାଏଲ୍ ଯୁଦ୍ଧ ପୃଷ୍ଠଭୂମିକୁ ଅନୁଶୀଳନ କଲେ ଚାର୍ଲି ଭୂମିକାରେ ଟ୍ରମ୍ପ ଏବଂ ସେହି ଚପଳମତି ଶିଶୁ ଭୂମିକାରେ ଇସ୍ରାଏଲ୍‌ର ଜୀବନ୍ତ ଅଭିନୟ ସ୍ପଷ୍ଟ ହେବ ଏବଂ ଉପରୋକ୍ତ ପ୍ରଶ୍ନର ଉତ୍ତର ମିଳିଯିବ।

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଆଜିର ନୁହେଁ କିମ୍ବା ଲୁଚାଛପାରେ ଆଣବିକ ଅସ୍ତ୍ର ପରୀକ୍ଷଣ କରୁଥିବା ଏକମାତ୍ର ରାଷ୍ଟ୍ର ନୁହେଁ। କିନ୍ତୁ ହଠାତ୍ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ପରିଚାଳନା ବୈଠକ ଆହୂତ ହୋଇ ଇରାନ୍ ବିରୋଧରେ କଟକଣା ସଂକଳ୍ପ ପାରିତ ହେବା, ତତ୍କାଳ ଇସ୍ରାଏଲ୍ ଆଗତକୁହା ଭାବେ ଇରାନ୍ ଉପରେ ଆକ୍ରମଣ କରିବା, ଇସ୍ରାଏଲ୍‌ର ସହାୟତା ପାଇଁ ଆମେରିକା ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇବା, ପୁଣି ଯୁଦ୍ଧବିରତି ପାଇଁ ଉଭୟ ରାଷ୍ଟ୍ରକୁ ରାଜି କରାଇବା ଏବଂ ଆଶ୍ଚର୍ଯ୍ୟଜନକ ଭାବେ ଇରାନ୍ ଉପରେ ଆକ୍ରମଣ ପାଇଁ ଇସ୍ରାଏଲ୍ ଉପରେ ଆମେରିକା ଅସନ୍ତୋଷ ପ୍ରକାଶ କରିବା ଆଦି ଘଟଣାକ୍ରମ ଆଦୌ କାକତାଳିକ ହୋଇ ନ ପାରେ। ତେଣୁ ସେହି ୧୨ଦିନିଆ ଯୁଦ୍ଧର ପ୍ରାୟୋଜକ, ନିର୍ଦ୍ଦେଶକ, ଚିତ୍ରନାଟ୍ୟ ଲେଖକ କିଏ ତାହା ପରଦାରେ ଉଲ୍ଲେଖ ନଥିଲେ ମଧ୍ୟ ଦର୍ଶକମାନେ ବୁଝିବାରେ ଦ୍ୱିଧାଗ୍ରସ୍ତ ହୋଇନାହାନ୍ତି।

ବସ୍ତୁତଃ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଭିଏତ୍‌ନାମରୁ ଆରମ୍ଭ କରି ଇରାକ୍ ଓ ଆଫଗାନିସ୍ତାନ ବିରୋଧରେ ପ୍ରତ୍ୟକ୍ଷ ଯୁଦ୍ଧ ହେଉ କିମ୍ବା ଦକ୍ଷିଣକୋରିଆ-ଉତ୍ତରକୋରିଆ, ଚୀନ୍-ଜାପାନ, ଇରାନ୍-ଇରାକ୍, ଇରାକ୍-କୁଏତ, ଚୀନ୍-ତାଇୱାନ୍, ଇସ୍ରାଏଲ୍-ପାଲେଷ୍ଟାଇନ୍ ଓ ସମ୍ପ୍ରତି ଇସ୍ରାଏଲ୍-ଇରାନ୍ ବିବାଦ ଓ ଉତ୍ତେଜନାର ପୃଷ୍ଠଭୂମିରେ ଆମେରିକାର ଭୂମିକାକୁ ତର୍ଜମା କଲେ ସେହି ସମରବିଳାସୀ ରାଷ୍ଟ୍ରର ଚାର୍ଲି ଅଭିନୀତ ଉପରୋକ୍ତ କାଚମିସ୍ତ୍ରୀ ସୁଲଭ ଚରିତ୍ରଟି ସାମ୍ନାକୁ ଆସିବ ଏବଂ ପାଉଣା ସ୍ୱରୂପ ଆମେରିକାର ସର୍ବାଧିକ ଚାରିଜଣ ରାଷ୍ଟ୍ରମୁଖ୍ୟ ନୋବେଲ୍ ଶାନ୍ତି ପୁରସ୍କାରରେ ସମ୍ମାନିତ ହୋଇଥିବା ମଧ୍ୟ ମନେ ପଡ଼ିବ। ଆମେରିକାର ଚାର୍ଲି ଅଭିନୀତ ଚଳଚ୍ଚିତ୍ରରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଆଉ ଏକ ଦୃଶ୍ୟପଟ ମାତ୍ର। ଏବେ ଇସ୍ରାଏଲ୍ ଯେଉଁ ଚପଳମତି ଶିଶୁ ସୁଲଭ ଭୂମିକାରେ ଅବତୀର୍ଣ୍ଣ ହୋଇଛି ସେହି ଭୂମିକାରେ ପୂର୍ବରୁ ଇରାକ୍ ବିରୋଧରେ କୁଏତ୍ ଏବଂ ଭାରତ ବିରୋଧରେ ପାକିସ୍ତାନ, ରୁଷ୍ ବିରୋଧରେ ୟୁକ୍ରେନ୍ ଅଭିନୟ କରିସାରିଛନ୍ତି। ସେହି ଧାରାବାହିକରେ ଡୋନାଲ୍ଡ ଟ୍ରମ୍ପ ନାମରେ ଏବେ ଜଣେ ନୂଆ କଳାକାରଙ୍କର କେବଳ ଯାହା ଆବିର୍ଭାବ ଘଟିଛି।

ଲକ୍ଷ୍ୟ କରିବାର କଥା ଶୀତଳଯୁଦ୍ଧ ପରବର୍ତ୍ତୀ ସମୟରୁ ଆମେରିକାର ପ୍ରତ୍ୟକ୍ଷ ଓ ପରୋକ୍ଷ ନେତୃତ୍ୱରେ ବିଶ୍ୱରେ ଯେତେସବୁ ଯୁଦ୍ଧ ସଂଗଠିତ ହୋଇଛି ତାହାର ମୁଖ୍ୟ କ୍ଷେତ୍ର ବା ମଞ୍ଚ ରହିଛି ପଶ୍ଚିମ-ଏସିଆ। ପଶ୍ଚିମ-ଏସିଆ ଓ ଉପସାଗରୀୟ ଅଞ୍ଚଳର ପ୍ରଚୁର ତୈଳ ଓ ପ୍ରାକୃତିକ ବାଷ୍ପର ଉତ୍ସ ଉପରେ ଆଧିପତ୍ୟ ବିସ୍ତାର କରିବା ଆମେରିକାର ଅନ୍ୟତମ ଅଭିମୁଖ୍ୟ ହୋଇପାରେ; କିନ୍ତୁ ତାହା ହିଁ ଏକମାତ୍ର ଓ ମୂଳଲକ୍ଷ୍ୟ ନୁହେଁ। ଏହାପଛରେ ଲୁକ୍କାୟିତ କିଛି ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି, ଯାହା ଆମେରିକାର ସେହି ଚାର୍ଲି ଅଭିନୀତ କାଚମିସ୍ତ୍ରୀ ଚରିତ୍ରକୁ ଅଧିକ ଜୀବନ୍ତ କରିଛି।

କଂଗ୍ରେସନାଲ୍ ରିସର୍ଚ୍ଚ ସର୍ଭିସ(ସିଆରଏସ୍) ନାମକ ଏକ ସଂସ୍ଥାର ରିପୋର୍ଟ ଅନୁଯାୟୀ ଶୀତଳ ଯୁଦ୍ଧ ସମୟରେ ଆମେରିକାର ପ୍ରତିରକ୍ଷା ବିଭାଗ ଗୁପ୍ତରେ ୫୧ଟି ଦେଶର ୧୨୮ ଟି ସ୍ଥାନରେ ସାମରିକ କେନ୍ଦ୍ରମାନ ସ୍ଥାପନା କରିଛି, ଯେଉଁଥିରୁ ସର୍ବାଧିକ ରହିଛି ମଧ୍ୟପ୍ରାଚ୍ୟ ଓ ପଶ୍ଚିମ ଏସିଆରେ। ସେଥିମଧ୍ୟରୁ ଏବେ କେତେକ କେବଳ ରକ୍ଷଣାବେକ୍ଷଣରେ ସୀମିତ ରହିଥିବା ବେଳେ ଆଉ କେତେକ ସକ୍ରିୟ ରହିଛି। ୟୁଏସ୍ ସେଣ୍ଟ୍ରାଲ୍ କମାଣ୍ଡ ଦ୍ୱାରା ପରିଚାଳିତ ସେହିସବୁ ଆମେରିକୀୟ ସାମରିକ ଘାଟିର ରକ୍ଷଣାବେକ୍ଷଣ ବାବଦରେ ସମ୍ପୃକ୍ତ ରାଷ୍ଟ୍ର ଆମେରିକାଠାରୁ ମୋଟା ଅଙ୍କର ଆର୍ଥିକ ସହାୟତା ମଧ୍ୟ ପାଉଛନ୍ତି। କାଜାକ୍‌ସ୍ତାନରୁ ଇଜିପ୍ଟ ମଧ୍ୟରେ ୧୧ଟି ସେହିପରି ଆମେରିକୀୟୟ ସାମରିକ ଘାଟି ପ୍ରତ୍ୟକ୍ଷ ଓ ସକ୍ରିୟ ଭାବେ କୃତ୍ରିମ ବୁଦ୍ଧିମତ୍ତା ଜ୍ଞାନକୌଶଳରେ ପରିଚାଳିତ ହେଉଛି। ସବୁଠାରୁ ବଡ଼ ଘାଟି ରହିଛି କାତାରାରେ। ତେଣୁ ଇରାନ୍‌ର କାତାର ଆକ୍ରମଣ ପରେ ଆମେରିକା ବାଧ ହୋଇ ଇସ୍ରାଏଲ୍-ଇରାନ୍ ଯୁଦ୍ଧବିରତିରେ ମଧ୍ୟସ୍ଥତା କରିବାକୁ ବିବଶ ହୋଇପଡ଼ିଲା ଏବଂ ଇରାନ୍ ରାଷ୍ଟ୍ର ମୁଖ୍ୟ ଆୟାତୋଲ୍ଲା ଖେମିନି ଯୁଦ୍ଧର ବିଜୟୋତ୍ସବ ପାଳିଲେ।

ସିଆରଏସ୍‌ର ରିପୋର୍ଟ ଅନୁଯାୟୀ କାତାର ସ୍ଥିତ ଆଣବିକ ପରୀକ୍ଷଣ କେନ୍ଦ୍ରରେ ଆମେରିକା ପ୍ରାୟ ୧୦ ହଜାର ଆମେରିକୀୟ ସୈନିକ ଓ ଅଧିକାରୀଙ୍କୁ ମୁତୟନ କରିଛି ଏବଂ ରକ୍ଷଣାବେକ୍ଷଣ ବାବଦରେ କାତାରକୁ ୨୦୦୩ ମସିହାରୁ ବାର୍ଷିକ ୮୦୦ କୋଟି ଡଲାର ଲେଖାଏଁ ଆର୍ଥିକ ସହାୟତା ଦେଇ ଆସୁଛି। ସେହିପରି ଲୋହିତ ସାଗର, ଆରବ ସାଗର, ଭାରତ ମହାସାଗରର କେତେକ ଅଂଶ, ମଧ୍ୟପ୍ରାଚ୍ୟ-ପାରସ୍ୟ ଉପରେ ଦୃଷ୍ଟି ରଖିବା ପାଇଁ ଆମେରିକା ୧୯୪୮ ମସିହାରୁ ବାହାରିନ୍‌ରେ ସାମରିକ ଘାଟି ପ୍ରତିଷ୍ଠା କରି ୯ ହଜାରରୁ ଊର୍ଦ୍ଧ୍ୱ ଆମେରିକୀୟ ସୈନିକ ଓ ସେନାଧିକାରୀଙ୍କୁ ସେଠାରେ ନିଯୁକ୍ତ କରିଛି। ଏହାଛଡ଼ା ଏବେ କୁଏତ୍, ସଂଯୁକ୍ତ ଆରବ ଏମିରଟସ, ଇରାକ୍, ସାଉଦୀ ଆରବ, ଇଜିପ୍ଟ, ସିରିଆ, ଜୋର୍ଡାନ୍, ଇସ୍ରାଏଲ୍, ୟେମେନ୍ ଆଦି ରାଷ୍ଟ୍ରରେ ଆମେରିକାର ଗୁପ୍ତ ସାମରିକ ଘାଟିମାନ ସକ୍ରିୟ ଅଛି। ତେଣୁ ଇରାନ୍ ପରମାଣୁ ଅସ୍ତ୍ରସମ୍ପନ୍ନ ହୋଇଗଲେ ପଶ୍ଚିମ ଏସିଆରେ କାର୍ଯ୍ୟକ୍ଷମ ଆମେରିକୀୟ ପରମାଣୁ କାର୍ଯ୍ୟକ୍ରମ ପ୍ରତି ଅଧିକ ବିପଦ ରହିଥିବା ଆମେରିକା ଆଶଙ୍କା କରୁଛି। ବୋଧହୁଏ ଏହି କାରଣରୁ ୩୫ ସଦସ୍ୟ ବିଶିଷ୍ଟ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ପରିଚାଳନା ମଣ୍ଡଳିର ସଦ୍ୟତମ ଅନୁଷ୍ଠିତ ବୈଠକରେ ଇରାନ୍ ବିରୋଧରେ ଆସିଥିବା କଟକଣା ସଂକଳ୍ପକୁ ରୁଷିଆ, ଚୀନ୍ ଓ ବୁର୍କିନା ଫାସୋକୁ ବାଦ୍ ଦେଇ ବାକି ସମସ୍ତେ ସମର୍ଥନ କରିଥିଲେ। ଇସ୍‌ଲାମିକ୍ ବହୁଳ ଅଞ୍ଚଳରେ ଇରାନ୍‌କୁ ସମର୍ଥନ ନ ମିଳିବା ମଧ୍ୟପ୍ରାଚ୍ୟରେ ଯେଉଁ ନୂଆ ଭୂରାଜନୈତିକ ସମୀକରଣର ସଂକେତ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ତା'ପଛରେ ଯେ ଆମେରିକାର ଆଣବିକ କାର୍ଯ୍ୟକ୍ରମର ସୁରକ୍ଷା ଲକ୍ଷ୍ୟ ରହିଛି ତାହା ସିଆରଏସ୍‌ର ରିପୋର୍ଟରୁ କେତେକାଂଶରେ ପ୍ରମାଣିତ ହେଉଛି।

ନିକଟରେ ଚୀନ୍ ସାଟେଲାଇଟ୍ 'ମିଜାଜ୍ ଭିଜନ୍'ର ଫଟୋଚିତ୍ରକୁ ଉଦ୍ଧାର କରି ଆଉ ଏକ ଚମକ୍‌ପ୍ରଦ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରେ ଆମେରିକାର କାଚମିସ୍ତ୍ରୀ ଧାରାବାହିକରେ ପାକିସ୍ତାନର ଚପଳମତି ଶିଶୁଚରିତ୍ର ଆହୁରି ସ୍ପଷ୍ଟ ହେବା ସହିତ ଭାରତ-ପାକିସ୍ତାନ ସଦ୍ୟତମ ଅସ୍ତ୍ରବିରତି ଅନ୍ତରାଳର କିଛି ସାଂଘାତିକ ତଥ୍ୟ ପ୍ରଘଟ ହୋଇଛି। ଉକ୍ତ ତଥ୍ୟ ଆଧାରରେ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଆଲେଖ୍ୟର ନିଷ୍କର୍ଷକୁ ଯଦି ବିଶ୍ୱାସକୁ ନିଆଯାଏ ତେବେ 'ଅପରେସନ୍ ସିନ୍ଦୂର'ରେ ଭାରତର ବ୍ରହ୍ମୋସ୍ କ୍ଷେପଣାସ୍ତ୍ରଗୁଡ଼ିକ ପାକିସ୍ତାନର ନୂରଖାନ୍, ମୁସାଫ୍ ଏୟାରବେସ୍ ଓ କିରାନା ହିଲ୍‌ସ୍‌କୁ କ୍ଷତବିକ୍ଷତ କରିବା ପରେ ଯୁଦ୍ଧବିରତି ପାଇଁ ଡୋନାଲ୍ଡ ଟ୍ରମ୍ପ ଅତିଶୟ ଆଗ୍ରହ ପ୍ରକାଶ କରିଥିଲେ। ବାସ୍ତବରେ ସେହି ଆଣବିକ ଘାଟିଗୁଡ଼ିକରେ ଆମେରିକା ପ୍ରାୟୋଜିତ କାର୍ଯ୍ୟକ୍ରମ ଜାରି ରହିଛି। ତେଣୁ ସେଠାରେ ତେଜଷ୍କ୍ରିୟ ରଶ୍ମି ବିକିରଣର ସୂଚନା ମିଳିବା ପରେ ଆମେରିକାର ଆଣବିକ ବିଶେଷଜ୍ଞ ଦଳ ତତ୍କାଳ ସ୍ଥିତି ପରୀକ୍ଷା କରିବାକୁ ପହଞ୍ଚିଥିଲେ ଏବଂ ଇଜିପ୍ଟରୁ ବେରିୟମ ବୋଝେଇ ଟ୍ରକମାନ ପାକିସ୍ତାନକୁ ଆସୁଥିବାର ଦେଖାଯାଇଥିଲା। ତତ୍କାଳୀନ ସୋଭିଏତ୍ ରୁଷର ସାମରିକ ଘାଟିଗୁଡ଼ିକୁ ଲକ୍ଷ୍ୟଭେଦ କରିବା ପାଇଁ ପାକିସ୍ତାନରେ ଆମେରିକା ପ୍ରାୟୋଜିତ ଆଣବିକ କାର୍ଯ୍ୟକ୍ରମ ଏକ ଦୀର୍ଘମିଆଦୀ ଯୋଜନା। ଏହିକାରଣରୁ ପାକିସ୍ତାନ ଆମେରିକାର ଗେହ୍ଲା ପୁଅ ହୋଇ ଏଫ୍‌୧୬ ଯୁଦ୍ଧବିମାନ ହାସଲ କରିଛି ଏବଂ ଆତଙ୍କବାଦୀ ରପ୍ତାନିକାରୀ ରାଷ୍ଟ୍ର ଭାବେ କୁଖ୍ୟାତି ଅର୍ଜନ କରିଥିଲେ ମଧ୍ୟ ଆତଙ୍କବାଦୀ ଦମନ ନାମରେ ଆମେରିକା ସମେତ ଆଇଏମ୍ଏଫ୍ ଓ ବିଶ୍ୱବ୍ୟାଙ୍କରୁ ଅକୁଣ୍ଠ ଆର୍ଥିକ ସହାୟତା ହାତେଇ ଆସୁଛି।

ପୁଣି ଥରେ ଚାର୍ଲିଙ୍କ ଉପରୋକ୍ତ ଚଳଚ୍ଚିତ୍ରର କାହାଣୀକୁ ଫେରିବା। ଦିନେ ଶିଶୁଟି ଚାର୍ଲିଙ୍କ ଆୟରେ ତା'ର ଭୂମିକା ବୁଝିପାରି ଅଧିକ ପାଉଣା ଦାବି କରେ ଏବଂ ଚାର୍ଲିଙ୍କଠାରୁ ନାସ୍ତିବାଣୀ ଶୁଣି ପୁଲିସ୍ ଆଗରେ ଫେରାଦ ହୁଏ। ଏହାପରେ ଚାର୍ଲିଙ୍କ ସ୍ଥିତି କ'ଣ ହୋଇଥିବ ତାହା ଉଲ୍ଲେଖ ଅନାବଶ୍ୟକ। ଏଠାରେ କିନ୍ତୁ ବିଡ଼ମ୍ବନା ହେଲା ଚାର୍ଲି ଭୂମିକାରେ ଅଭିନୟ କରୁଥିବା ଆମେରିକା ହିଁ ବିଶ୍ୱରେ ପୁଲିସ୍ ଓ ଅଦାଲତ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ତେଣୁ ଆଗକୁ ମଧ୍ୟ ଏଭଳି ଅନେକ ଭଦ୍ରଲୋକଙ୍କ ଘରର କାଚଝରକା ଭାଙ୍ଗିବାର ଧାରା ଜାରି ରହିଥିବ ଏବଂ ଆମେରିକା ସେଗୁଡ଼ିକୁ ମରାମତି କରିବାର ଶ୍ରେୟ ସହିତ ପାଉଣା ଅସୁଲ କରିଚାଲିଥିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ଲୋକସଂସ୍କୃତିର ବାର୍ତ୍ତାବହ

**ଡ ଚନ୍ଦ୍ରକଳା ନାୟକ**

ସଂସ୍କୃତି ଏକ ପ୍ରବହମାନ ଧାରା। ସଂସ୍କୃତି ହିଁ ବ୍ୟକ୍ତି ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। ଏହା ତ୍ୟାଗ ଓ ସଂଯମର ବିଭୂତି। ଲୋକସଂସ୍କୃତିର ପରିସର ଅତ୍ୟନ୍ତ ବ୍ୟାପକ। ଏହାରି ଭିତରେ ରହିଛି ଲୋକନୃତ୍ୟ, ଲୋକନାଟକ, ଲୋକକଳା, ଲୋକଗୀତ, ଲୋକକଥା, ଲୋକସାହିତ୍ୟ ପରି ଅନେକ ବିଭାଗ। ତନ୍ମଧ୍ୟରୁ 'ଦାସକାଠି' ଅନ୍ୟତମ।

ଦାସକାଠିରେ କଳାକାର ମାତ୍ର ଦୁଇଜଣ। ଜଣେ ପାଳିଆ ଓ ଅନ୍ୟଜଣେ ଗାହାଣ। ଶ୍ରୋତା ଓ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂକେତିକ ଚରିତ୍ରଗତ ଭୂମିକାରେ ସାମୟିକ ଭାବେ ଏହି ଦୁଇ ଜଣ ଅବତୀର୍ଣ୍ଣ ହୁଅନ୍ତି। ଏମାନଙ୍କ ବାଦ୍ୟ ଉପକରଣ ମଧ୍ୟ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରେ। ଗାୟକ ସାଧାରଣତଃ ସଭ୍ୟ, ଶିକ୍ଷିତ ଓ ସାହିତ୍ୟ ବିଶାରଦ ହୋଇଥା'ନ୍ତି। ବିଶେଷତଃ ଏଥିରେ ଧାର୍ମିକ ଆବେଦନ ରହିଥିବାରୁ ସମାଜର ସମସ୍ତ ବର୍ଗର ବ୍ୟକ୍ତି ଏହାକୁ ଉତ୍ସାହର ସହ ଆୟୋଜନ କରିଥା'ନ୍ତି। ଲୋକନୃତ୍ୟ ପରମ୍ପରାରେ ଏକମାତ୍ର ଦାସକାଠି ନୃତ୍ୟ ବିଦଗ୍ଧ ଶିକ୍ଷିତ ଓ ଅଶିକ୍ଷିତ ବର୍ଗଙ୍କୁ ବହୁ ଭାବରେ ପ୍ରଭାବିତ କରିଥାଏ।

ଦାସକାଠି ଲୋକଚିତ୍ତରେ ପୌରାଣିକ ଭାବଧାରା ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ଛାନ୍ଦ, ଚୌତିଶା ଆଦି ପାଇଁ ଆଗ୍ରହ ସୃଷ୍ଟି କରାଇ ଥାଏ। ଏହାର ପରିବେଷଣ କୌଶଳ ଏବଂ ଶୈଳୀ ମନୋମୁଗ୍ଧକର, ସରସ, ସୁନ୍ଦର ଓ ଲାଳିତ୍ୟପୂର୍ଣ୍ଣ। ଦାସକାଠିରେ ପାଳିଆ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ। ତା'ର ଉପସ୍ଥିତ ବୁଦ୍ଧିବଳରେ ନାନା ପ୍ରକାର ହାସ୍ୟରସ ସୃଷ୍ଟି ହୁଏ। ଧରାବନ୍ଧା କୌତୁକପୂର୍ଣ୍ଣ କାହାଣୀ ସ୍ୱତନ୍ତ୍ର ରୀତିରେ ପରିବେଷଣ କରୁଥିବା କାରଣରୁ ଅନ୍ୟାନ୍ୟ ଲୋକନୃତ୍ୟ ଅପେକ୍ଷା ସମାଜରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଦାସକାଠି ମୁଖ୍ୟତଃ ଗଞ୍ଜାମ ଜିଲ୍ଲାରୁ ଜନ୍ମ ହୋଇ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଛି। ଲୋକମୁଖରେ ଶୁଣାଯାଏ, ବୈଷ୍ଣବ ଧର୍ମର ସମୃଦ୍ଧି କାଳରେ ହିଁ ଏହା ଆତ୍ମପ୍ରକାଶିତ। କୃଷ୍ଣ ଭକ୍ତି ପରମ୍ପରା ଅପେକ୍ଷା ରାମ ଉପାସନା ହେଉଛି ପ୍ରାଚୀନ। ସେଥିପାଇଁ କୁହାଯାଏ- ଏହା ରାମଲୀଳାର ପ୍ରଚାର ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିଲା। ସର୍ବୋପରି ରାମାୟଣର କାର୍ଯ୍ୟାବଳୀ ଓ ପୃଷ୍ଠଭୂମି ଦାସକାଠିରେ ପ୍ରତିଫଳିତ। ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଅଭିନ୍ନ ଯୋଡ଼ି ଏମାନଙ୍କ ଆଦର୍ଶ। ରାମଲୀଳାର ଗାୟକଙ୍କ ଦ୍ୱାରା ଏମାନେ ପ୍ରଭାବିତ।

ଦକ୍ଷିଣ ଓଡ଼ିଶାର 'ବାସିରି' ସଂପ୍ରଦାୟ ଦ୍ୱାରା ଏହା ସୃଷ୍ଟ। ଗାୟକମାନଙ୍କ ଦେହରେ ଜରିଲଗା ପୋଷାକ, ମୁଣ୍ଡରେ ପଗଡ଼ି, ହାତରେ ବଳାଖଡୁ, କାନରେ ଗୋଖରା ଶୋଭା ପାଇଥାଏ। କଳାକାରମାନେ ଧୋତୀକୁ କୁଞ୍ଚ ପକାଇ କଳାକୋର୍ଟ ପରିଧାନ କରନ୍ତି ଏବଂ ବେକରୁ ପାଦ ପର୍ଯ୍ୟନ୍ତ ସରୁ ଓଢ଼ଣୀ, ଅଣ୍ଟା ପାଟିଆ, କପାଳରେ ବୈଷ୍ଣବ ଧର୍ମୀ ତିଳକ, କାନରେ ନୋଳି, ମସ୍ତକରେ ପଗଡ଼ି ଧାରଣ କରନ୍ତି। ଗାୟକ ଓ ପାଳିଆ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିଥା'ନ୍ତି।

କାଠି ସଙ୍ଗୀତ ଏକ ସଂପୂର୍ଣ୍ଣ ନୂଆ ରୂପ ନେଇ ଦାସକାଠି ହୋଇଛି। ଗାୟକ ଓ ପାଳିଆ ସାଧାରଣତଃ ରାମ ଉପାସକ। ଏଥିରେ ପାଳିଆ ମଝିରେ ମଝିରେ 'ରାମ ଯେ, ହରିରାମ ଯେ, ନବୀନ ସୁନ୍ଦର ଘନଶ୍ୟାମ ଯେ' ଘୋଷା ପଦଟିଏ ବାରମ୍ବାର ଉଚ୍ଚାରଣ କରିଥା'ନ୍ତି। ଭାରତୀୟ ସଙ୍ଗୀତ ଶାସ୍ତ୍ର ଅନୁଯାୟୀ 'ଆନନ୍ଦ' ବାଦ୍ୟଯନ୍ତ୍ର ମଧ୍ୟରେ ଦାସକାଠି ଅନ୍ତର୍ଭୁକ୍ତ। ଏହି ବାଦ୍ୟଯନ୍ତ୍ର ଦୁଇପ୍ରକାରର ବ୍ୟବହୃତ ହୁଏ। ଯଥା ରାମତାଳ ଓ ଲକ୍ଷ୍ମଣ ତାଳ। ଗାୟକଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟ ରାମତାଳ ଏବଂ ଚାରିଫାଳିଆ କାଠ, ଯାହା ପାଳିଆ ବ୍ୟବହାର କରିଥାଏ, ତାହା ଲକ୍ଷ୍ମଣତାଳ। ସାଧାରଣତଃ ଏହା ଶିଶୁ କାଠରୁ ପ୍ରସ୍ତୁତ।। ଏହି ବାଦ୍ୟ ବିଶ୍ୱକର୍ମାଙ୍କ ପ୍ରସ୍ତୁତ ପୌରାଣିକ ଯୁଗରୁ ପରମ୍ପରାକ୍ରମେ ଆସିଛି ବୋଲି କୁହାଯାଏ।

ଦାସକାଠିର କଳାକାର ଗ୍ରାମରୁ ଗ୍ରାମ ଓ ସହରାଦିରେ ପୁରାଣର ସଂଗୃହୀତ ଓ କାଳ୍ପନିକ ବିଷୟବସ୍ତୁ ପରିବେଷଣ କରିଥା'ନ୍ତି। ଯେପରି ଚନ୍ଦ୍ରାବତୀ ହରଣ, ନିଳାଦ୍ରୀ ହରଣ, କାମକଳା ହରଣ, ସୁଲୋଚନା ପରିଣୟ, ଚିତ୍ରସେନ ହରଣ, ସୁଭଦ୍ରା ହରଣ, କୀଚକ ବଧ, କର୍ଣ୍ଣ ବଧ, ଅଭିମନ୍ୟୁ ବଧ ପ୍ରଭୃତି ଏହାର ବହୁ ଜନାଦୃତ ଆଲୋଚିତ ବିଷୟ। ଦାସକାଠିର କେତେକ ବିଷୟ ପାଳିଆ ପରିବେଷଣ କରେ, ଯାହାର ସମ୍ପର୍କ ମୂଳ ବିଷୟ ସହ ନଥାଏ। କିନ୍ତୁ ଦର୍ଶକର ମନୋରଞ୍ଜନ ହୋଇଥାଏ ଏବଂ କେତେକ ସାମାଜିକ ଶିକ୍ଷା ମଧ୍ୟ ମିଳିଥାଏ। ଯେପରି ଗାୟକ ଆଗରେ ବୋଲେ - 'ସମ୍ମୁଖ ସମର ଅଟେ ଧର୍ମଯୁଦ୍ଧ ନୀତି, ପୃଷ୍ଠଦେଶୁ ଯୁଦ୍ଧ କେବେ ନକରଇ କ୍ଷତ୍ରୀ'। ପାଳିଆ ପଛରେ ବୋଲେ - 'ମଧୁପରିଡ଼ାଙ୍କ ଝିଅ ଚତୁର ସୁନ୍ଦରୀ, ଆସିଛି କଟକରୁ ଏମ.ଏ ପାସ କରି'। ଅଭିମନ୍ୟୁ ବଧ ବିଷୟ ପରିବେଷଣ କଲାବେଳେ ପାଳିଆ ଆଧୁନିକ ସମାଜର ଏକ ସାମାଜିକ ଚିତ୍ର ପରିବେଷଣ କରିଥାଏ।

ଦାସକାଠି ଅଭିନୟ ମୁକ୍ତମଞ୍ଚରେ ହୋଇଥାଏ। ଆବାହମାନ କାଳରୁ ଉତ୍ତର ରାମଚରିତର ଶେଷ ଅଙ୍କ ପାଠ କଲେ ମନେହୁଏ ଲବକୁଶ ଏହିପରି ମୁକ୍ତମଞ୍ଚରେ ରାମାୟଣର ନାଟ୍ୟ ରୂପ ପରିବେଷଣ କରିଥିଲେ। ଅଭିନୟ ସ୍ଥାନର ଚାରିପାର୍ଶ୍ୱରେ ଦର୍ଶକଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଏ। ଏହି ଅଭିନୟ କ୍ଷେତ୍ରକୁ ମଣ୍ଡଳ କୁହାଯାଏ। ସଙ୍ଗୀତ ନୃତ୍ୟ ଓ ଅଭିନୟର ଏକ ମିଶ୍ରିତ କଳା ହେଉଛି ଦାସକାଠି।

ଦାସକାଠି ଆମ ପରମ୍ପରାରେ ଏକ ଗୀତିମୟ ସାହିତ୍ୟିକ କହିଲେ ଭୁଲ ହେବ ନାହିଁ। ଦାସକାଠିର ଅନ୍ୟ ନାମ ହେଉଛି- ରାମତାଳି। କାହିଁ କେଉଁ ଶତାବ୍ଦୀରୁ ସୃଷ୍ଟି ହୋଇଥିବା ଏହି ବିଦଗ୍ଧ କଳାକୁ ଆମ ପରମ୍ପରାର ବାର୍ତ୍ତାବହ ଭାବରେ ଗ୍ରହଣ କରାଯାଇଛି। ଆମ ସାଂସ୍କୃତିକ ତଥା ସାହିତ୍ୟିକ ଶ୍ରୋତସ୍ୱିନୀକୁ ମୁଖରିତ କରି ଗଢ଼ି ତୋଳିବାରେ ଦାସକାଠି ଗୁରୁତ୍ୱପୂର୍ଣ୍ଣ ଭୂମିକା ଉଲ୍ଲେଖଯୋଗ୍ୟ। ଆଜିର ଅତ୍ୟାଧୁନିକ ବସ୍ତୁବାଦୀ ଯୁଗରେ ଏହି ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ।

ଚଣ୍ଡିଖୋଲ, ମୋ: ୯୪୩୭୯୫୭୬୭୭

## ଆମ ବୃକ୍ଷଲତା ଆମ ଜୀବନ

**ବୃଦ୍ଧଦାରକ**

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

ବୃଦ୍ଧଦାରକ ହେଉଛି ଭାରତୀୟ ଉପମହାଦେଶର ଏକ ବହୁବର୍ଷୀୟ ବଳିଷ୍ଠ ଲତା। ପରେ ଏହାକୁ ହାୱାଇ, ଆଫ୍ରିକା ଓ କାରିବିଆନ ସମେତ ବିଶ୍ୱବ୍ୟାପୀ ଅନେକ ଅଞ୍ଚଳରେ ପ୍ରଚଳିତ କରାଯାଇଥିଲା। ଆକ୍ରମଣାତ୍ମକ ହେଲେ ମଧ୍ୟ ସୌନ୍ଦର୍ଯ୍ୟ ଏବଂ ଔଷଧୀୟ ମୂଲ୍ୟ ପାଇଁ ବୃଦ୍ଧଦାରକ ପ୍ରାୟତଃ ବହୁଳ ଆଦୃତ। ଅଷ୍ଟ୍ରେଲିଆରେ ବୃଦ୍ଧଦାରକକୁ ଏକ ଅନାବନା ଉଦ୍ଭିଦ ଭାବରେ ବିବେଚନା କରାଯାଏ ଏବଂ ଏହା କେପ୍ ୟର୍କ ଉପଦ୍ୱୀପ ପାଇଁ ଏକ ପ୍ରାଥମିକ ଅନାବନା ଉଦ୍ଭିଦ ତାଲିକାରେ ଅନ୍ତର୍ଭୁକ୍ତ ଅଛି।

ଦୃଢ଼କାଣ୍ଡ ବିଶିଷ୍ଟ ଏହି ଉଦ୍ଭିଦର ଡାଳ ବା ଶାଖା ରେଶମୀ ଧଳା ଆବରଣ ଦ୍ୱାରା ଆଚ୍ଛାଦିତ ହୋଇଥାଏ। ଗଛଟି ପ୍ରଥମ ୧/୨ବର୍ଷ ମଧ୍ୟରେ ଏକ ବୁଦା ଭାବରେ ବଢ଼ିଥାଏ ଏବଂ ୧୦ ମିଟର ଲମ୍ବ ପର୍ଯ୍ୟନ୍ତ ଲତାରେ ପରିଣତ ହୋଇ ଆଶ୍ରୟ ପାଇଁ ନିକଟବର୍ତ୍ତୀ ଯେକୌଣସି ବୃକ୍ଷ ବା ପଥର କିମ୍ବା କାନ୍ଥରେ ଗୁଡ଼େଇ ହୁଏ। ୮ ରୁ ୨୦ ସେମି ଲମ୍ବା ଏବଂ ୫ ରୁ ୧୫ ସେମି ଚଉଡ଼ା ପତ୍ରଗୁଡ଼ିକ ହାତୀ କାନ ଭଳି କିମ୍ବା ହୃତପିଣ୍ଡ ଆକାରର। ନିମ୍ନପୃଷ୍ଠ ଲୋମଯୁକ୍ତ ଓ ଧୂସର ଧଳା ଏବଂ ଉପଭାଗ ମସୃଣ। ଫନେଲ ଆକାରର ଫୁଲ ୩ ରୁ ୪ ସେମି ଲମ୍ବା ଏବଂ ଗୋଲାପୀ ଧଳା। ଫଳ (ବେରି) ଗୋଲାକାର, ୨ ସେମି ବ୍ୟାସବିଶିଷ୍ଟ, ଯେଉଁଥିରେ ୨ ରୁ ୪ ଟି ବିହନ ଥାଏ। ଭାରତରେ ଜୁଲାଇ-ଡିସେମ୍ବର ଏବଂ ମାର୍ଚ୍ଚ-ଏପ୍ରିଲରେ ଫୁଲ ଫୁଟେ। ଉଷ୍ମମଣ୍ଡଳୀୟ ଏବଂ ଉପ-ଉଷ୍ମମଣ୍ଡଳୀୟ ପରିସଂସ୍ଥାରେ ଖୋଲା ଜଙ୍ଗଲ, ଘନ ତୃଣଭୂମି, ରାସ୍ତା କଡ଼, ନଦୀ କୂଳ, ହ୍ରଦର ଧାର ଆଦି ସ୍ଥାନମାନଙ୍କରେ ଏହି ଉଦ୍ଭିଦ ଅଧିକ ଦେଖାଯାଏ।

ଆୟୁର୍ବେଦିକ ଗ୍ରନ୍ଥଗୁଡ଼ିକ ସୂଚାଇ ଦିଏ ଯେ ବୃଦ୍ଧଦାରକରେ ଏପରି ଗୁଣ ଅଛି, ଯାହା ସ୍ମୃତି, ଏକାଗ୍ରତା ଏବଂ ସାମଗ୍ରିକ ଜ୍ଞାନାତ୍ମକ କାର୍ଯ୍ୟକୁ ଉନ୍ନତ କରେ। ଏହାକୁ ପ୍ରାୟତଃ ମାନସିକ ସୁସ୍ଥତା ଓ ମସ୍ତିଷ୍କ ଟନିକ୍ ଏବଂ କାମୋଦ୍ଦୀପକ ଭାବରେ ବ୍ୟବହାର କରାଯାଏ। ଏହାର ପ୍ରଦାହ-ବିରୋଧୀ ଗୁଣ ଯୋଗୁଁ ସନ୍ଧି ଯନ୍ତ୍ରଣା ଦୂର କରିବାରେ ଏହାକୁ ଉପଯୋଗ କରାଯାଏ। ଦାଗ, ଏକଜିମା, କୁଣ୍ଡିଆ ଓ ଅନ୍ୟାନ୍ୟ ଚର୍ମରୋଗ, ପାଚନ ପ୍ରଣାଳୀର ସନ୍ତୁଳନ, ଅନ୍ତନଳୀ ସୁସ୍ଥତା, ଗନୋରିଆ, କ୍ରନିକ୍ ଅଲସର, ମଧୁମେହ, ରକ୍ତହୀନତା, ଭୋକହୀନତା, ଗଳାଘାତ, ଶ୍ୱାସରୋଗ, ଦୀର୍ଘକାଳୀନ ଅଲସର, ବାତରୋଗ, ସ୍ନାୟୁତନ୍ତ୍ରର ରୋଗ, ସ୍ଥୂଳତା, ସିଫିଲିସ୍, ଦୀର୍ଘକାଳୀନ କାଶ, ଅଣ୍ଡା, ଜ୍ୱର, ବାତରୋଗ, ହେମିପ୍ଲେଜିଆ ଓ ପତଳାଝାଡ଼ା ଆଦି ଚିକିତ୍ସାରେ ଏହା ଉପଯୋଗୀ। ଗର୍ଭାବସ୍ଥା ଏବଂ ସ୍ତନ୍ୟପାନ ସମୟରେ ଆୟୁର୍ବେଦିକ ଔଷଧ ଭାବରେ ଏହାକୁ ଏଡ଼ାଇବାକୁ ସାଧାରଣତଃ ପରାମର୍ଶ ଦିଆଯାଏ। କାରଣ ଏହା କିଛି ବିପରୀତ ପ୍ରତିକ୍ରିୟା ପ୍ରଦର୍ଶନ କରିପାରେ। କିଛି କ୍ଷେତ୍ରରେ, ଏହା ବାନ୍ତି କିମ୍ବା ପତଳାଝାଡ଼ା ସହିତ ପାକସ୍ଥଳୀ ଅସ୍ୱସ୍ତିକର କାରଣ ହୋଇପାରେ।

ପ୍ରାଚୀନ କାଳରେ ସେନା 'ବୈଦ୍ୟରାଜ' ସର୍ବଦା ଏହି ବୃକ୍ଷର ବିଭିନ୍ନ ଅଂଶକୁ ପ୍ରାଥମିକ ଚିକିତ୍ସା ଭାବରେ ଯୁଦ୍ଧକ୍ଷେତ୍ରକୁ ନେଇ ଯାଉଥିଲେ। ଆଲେକଜାଣ୍ଡାର ମଧ୍ୟ ଯୁଦ୍ଧକ୍ଷେତ୍ରକୁ ଯିବା ବେଳେ ଏହି ପତ୍ର ଓ ଚେରମୂଳି ନେଇ ଯାଉଥିବା କୁହାଯାଏ। ବୃଦ୍ଧଦାରକରେ ବିଭିନ୍ନ ପ୍ରକାରର ଇମ୍ୟୁନୋମୋଡୁଲେଟ୍ରି, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ଏବଂ ଆଣ୍ଟିଫଙ୍ଗାଲ, ଲାଇସର୍ଗାମାଇଡ୍ସ, ଏର୍ଗୋଲାଇନ୍ ଆଲକାଲଏଡ୍ସ ଯେପରିକି ଏର୍ଜିନ୍ ଗୁଣ ସମେତ ଲାଇସର୍ଜିକ୍ ଏସିଡ୍, ମିଥାଇଲର୍ଗୋମେଟ୍ରିନ୍, ମେଥାଇସର୍ଗାଇଡ୍, ଲାଇସର୍ଜିଲାଲାନାଇନ୍, ଆର୍ଜିରୋସାଇଡ୍ ରହିଛି।

ବୃଦ୍ଧଦାରକ ବାଣିଜ୍ୟିକ ଭିତ୍ତିରେ ବହୁଳ ଭାବରେ ଚାଷ କରାଯାଏ ଏବଂ ଏହା ଏକ ଲୋକପ୍ରିୟ ଭାରତୀୟ ଔଷଧୀୟ ଉଦ୍ଭିଦ, ଯାହା ଦୀର୍ଘ ସମୟ ଧରି ପାରମ୍ପରିକ ଆୟୁର୍ବେଦିକ ଔଷଧରେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୋଇଆସୁଛି। ଏହାର ବ୍ୟାପକ ଔଷଧୀୟ ସମ୍ଭାବନା ହେତୁ ଏହାକୁ ସ୍ଥାନୀୟ ଚାଷୀମାନଙ୍କୁ ଆୟ ପ୍ରଦାନ କରିବା ଏବଂ ଏହାର ଔଷଧୀୟ ଗୁଣର ଆହୁରି ଅନୁସନ୍ଧାନ କରିବା ପାଇଁ ଭାରତରେ ଏହାର ବ୍ୟାପକ ପରିମାଣରେ ଚାଷ କରାଯିବା ଉଚିତ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆସନ୍ତା ବର୍ଷକୁ ସୁନାବେଶର ନୂଆ ସେଟ୍

■ ରତ୍ନଭଣ୍ଡାର ୯୯ ପ୍ରତିଶତ କାମ ସରିଛି
■ ନୀଳାଦ୍ରି ବିଜେ ପରେ ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର ହେବ

ପୁରୀ, ୬।୭ (ସମିସ): ଆସନ୍ତା ବର୍ଷକୁ ମହାପ୍ରଭୁଙ୍କର ହେବ ସୁନାବେଶର ନୂଆ ସେଟ୍। ପବିତ୍ର ସୁନାବେଶ ଅବସରରେ ଏ ସଂପର୍କରେ ଘୋଷଣା କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଏନେଇ ପ୍ରାଥମିକସ୍ତରରେ ଆଲୋଚନା ହୋଇଛି। କିନ୍ତୁ ଏହାର ଦାୟିତ୍ୱ ମହାପ୍ରଭୁଙ୍କର। ତାଙ୍କର ଇଚ୍ଛା ଥିଲେ, କିଛି ଅସମ୍ଭବ ନୁହେଁ। ଦୀର୍ଘ ଦିନ ହେବ ସେବାୟତମାନଙ୍କର ଏହି ଦାବି ଏବଂ ଅନୁରୋଧ ରହିଛି। ଗତ ପରିଚାଳନା କମିଟି ସଦସ୍ୟମାନେ ବୈଠକରେ ଏହି ପ୍ରସଙ୍ଗ ବାରମ୍ବାର ଉତ୍ଥାପନ କରିଛନ୍ତି। ଯଦି ମହାପ୍ରଭୁଙ୍କ ଇଚ୍ଛା ଏବଂ ଆଶୀର୍ବାଦ ରହିବ, ତେବେ ନୂଆ ଅଳଙ୍କାର ତିଆରି ହେବ। ଏନେଇ ସରକାରୀସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଛି। ଠାକୁରଙ୍କ ଆଶୀର୍ବାଦ ରହିଲେ ଏହି ପ୍ରକ୍ରିୟା ଖୁବ୍‌ଶୀଘ୍ର ସମ୍ଭବ ହେବ। ସବୁ କିଛି ଠିକଠାକ୍ ରହିଲେ ଆସନ୍ତା ବର୍ଷ ମହାପ୍ରଭୁଙ୍କର ନୂଆ ଅଳଙ୍କାର ଦେଖିବାକୁ ମିଳିବ।

ବର୍ତ୍ତମାନ ସୁନାବେଶରେ ବ୍ୟବହୃତ ଅଳଙ୍କାର ଦୀର୍ଘ ବର୍ଷର। ଏହା ମଧ୍ୟ ପତଳା ହୋଇଆସିଲାଣି। ନୂଆ ଅଳଙ୍କାର ହେଲେ ପୁରୁଣା ଅଳଙ୍କାରକୁ ଦର୍ଶନ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପରିସରରେ କୌଣସି ଏକ ଜାଗାରେ ରଖିବାର ବ୍ୟବସ୍ଥା ହେବ ବୋଲି କହିଛନ୍ତି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ। ରତ୍ନଭଣ୍ଡାର ମରାମତି ସମ୍ପର୍କରେ ଆଇନମନ୍ତ୍ରୀ କହିଛନ୍ତି, ୯୯ ପ୍ରତିଶତ କାମ ଶେଷ ହୋଇଛି। ସମ୍ଭବତଃ ସୋମବାର ଏଏସ୍ଆଇ ଶ୍ରୀମନ୍ଦିର ପ୍ରଶାସନକୁ ରତ୍ନଭଣ୍ଡାର ହସ୍ତାନ୍ତର କରିବାର ଯୋଜନା ରହିଛି। ନୀଳାଦ୍ରି ବିଜେ ପରେ ମହାପ୍ରଭୁଙ୍କର ରତ୍ନ ଅଳଙ୍କାରକୁ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ପରବର୍ତ୍ତୀ ସମୟରେ ଗଠନ କରାଯାଇଥିବା ଉଚ୍ଚସ୍ତରୀୟ କମିଟି ଏବଂ ରିଜର୍ଭ ବ୍ୟାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଗଣତିମଣତି କରାଯିବ ବୋଲି କହିଛନ୍ତି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଝଟକିଲେ ସୁନା...

ସରିଥିଲା। ଅପରାହ୍ଣ ୧ଟା ୪୫ରୁ ୨ଟା ୪୫ ମଧ୍ୟରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ୩ଟା ୫୫ରୁ ୪ଟା ୧୦ମଧ୍ୟରେ ମଇଲମ, ୪ଟା ୧୦ରୁ ୪ଟା ୧୫ ମଧ୍ୟରେ ଶାଢ଼ି ଖଣ୍ଡୁଆ ଲାଗି ହୋଇ ସନ୍ଧ୍ୟା ଆଳତି ହୋଇଥିଲା। ପରେ ଅପରାହ୍ନ ୪ଟା ୪୫ରେ ଠାକୁରଙ୍କ ସ୍ୱର୍ଣ୍ଣ ଅଳଙ୍କାର ରଥ ନିକଟକୁ ବିଜେ କରାଯାଇଥିଲା। ଅପରାହ୍ଣ ୫ଟାରୁ ସୁନାବେଶ ଆରମ୍ଭ ହେବାକୁ ଥିବା ବେଳେ ଏହାର କିଛି ସମୟ ପୂର୍ବରୁ ଶ୍ରୀବିଗ୍ରହମାନଙ୍କୁ ସ୍ୱର୍ଣ୍ଣ, ରୁପା ଆଦି ମୂଲ୍ୟବାନ ଧାତୁଖଚିତ ଅଳଙ୍କାରରେ ବେଶ କରିଥିଲେ ପୁଷ୍ପାଳକ ସେବକ। ସେମାନଙ୍କୁ ଅନ୍ୟ ସେବକ ସହଯୋଗ କରିଥିଲେ। ସନ୍ଧ୍ୟା ୫ଟା ୫୫ସୁଦ୍ଧା ଠାକୁରମାନଙ୍କୁ ସୁନାବେଶରେ ସଜାଇବା ସମ୍ପୂର୍ଣ୍ଣ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ଶ୍ରୀମସ୍ତକରେ କିରୀଟ, ଗଳାରେ ମାଳା, ଓଡ଼ିଆଣୀ, କାନକୁଣ୍ଡଳ ଆଦି ଧାରଣ କରିଥିଲେ। ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଶ୍ରୀହସ୍ତ, ଶ୍ରୀପୟର, ହଳମୂଷଳ, ଶଙ୍ଖ, ଚକ୍ର ଆଦି ଲାଗି କରାଯାଇଥିଲା। ସୁନାବେଶରେ ଥାଇ ରଥ ଉପରେ ହିଁ ଠାକୁରମାନଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢ଼ିଥିଲା। ରାତିରେ ସୁନାବେଶ ମଇଲମ ପରେ ରଥାରୂଢ଼ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ରତ୍ନସିଂହାସନରେ ସୁନାବେଶ ବେଳେ ଠାକୁର ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିଥା'ନ୍ତି। କିନ୍ତୁ ରଥାରୂଢ଼ ଠାକୁରଙ୍କ ସୁନାବେଶର ବିଶେଷତ୍ୱ ହେଉଛି ଏହି ବେଶରେ ମହାପ୍ରଭୁ ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିନଥା'ନ୍ତି। ରଥାରୂଢ଼ ଠାକୁର ସୁନାବେଶରେ ସୋଲର ଚିତା ଧାରଣ କରିଥା'ନ୍ତି। ତେବେ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ ସିଂହଦ୍ୱାର ରଥ ପାଖରୁ ମାର୍କେଟ୍ ଛକ ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ଭକ୍ତମାନେ ଏକମୁହାଁ ହୋଇ ସିଂହଦ୍ୱାର ଅଭିମୁଖେ ଚାଲିଥିଲେ। ବାମପାର୍ଶ୍ୱରେ ଦଣ୍ଡାୟମାନ ନନ୍ଦିଘୋଷ କଡ଼ ଦେଇ ଡାହାଣକୁ ବୁଲି ସମ୍ମୁଖ ଭାଗରୁ ରଥାରୂଢ଼ ଠାକୁରଙ୍କୁ ସୁନାବେଶ ଦର୍ଶନ କରିଥିଲେ। ତାଳଧ୍ୱଜ ରଥ ପାର୍ଶ୍ୱ ଦେଇ ପୁନଶ୍ଚ ବଡ଼ଦାଣ୍ଡକୁ ଆସି ନିଜନିଜ ଗନ୍ତବ୍ୟ ସ୍ଥଳକୁ ଫେରିଯାଉଥିଲେ। ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ରାତି ୧୨ଟା ପର୍ଯ୍ୟନ୍ତ ରଥାରୂଢ଼ ଠାକୁରଙ୍କୁ ସୁନାବେଶରେ ଦର୍ଶନ କରିଥିଲେ ଭକ୍ତ। ଏହାପରେ ବେଶ ଓଲାଗି କରାଯାଇଥିଲା।

### 'ଏକ ଦେଶ...

କମିସନଙ୍କୁ ପ୍ରସ୍ତାବିତ ବ୍ୟବସ୍ଥାରେ ଯେପରି ଅଖଣ୍ଡ କ୍ଷମତା ଦିଆଯାଇଛି ତାହା ଗ୍ରହଣୀୟ ନୁହେଁ। ଏସଂପର୍କରେ ଅନ୍ୟତମ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ରଂଜନ ଗୋଗୋଇ ଦେଇଥିବା ମତାମତକୁ ସମର୍ଥନ କରି ଜଷ୍ଟିସ ଚନ୍ଦ୍ରଚୂଡ କହିଛନ୍ତି ଯେ କମିସନଙ୍କ କ୍ଷମତାରେ ଅଙ୍କୁଶ ଲଗାଇବା ପାଇଁ କୌଣସି ଗାଇଡଲାଇନ୍ସ ନାହିଁ। ଲୋକସଭା ସହିତ ଏକ ସମୟରେ ନିର୍ବାଚନ କରିବା ଲାଗି ବିଧାନସଭାମାନଙ୍କର କାର୍ଯ୍ୟକାଳ ବୃଦ୍ଧି କରିବା ବା ହ୍ରାସ କରିବା ଲାଗି କମିସନଙ୍କୁ ଅଖଣ୍ଡ କ୍ଷମତା ଦିଆଯାଇଛି। ଏଭଳି ପରିସ୍ଥିତିରେ କମିସନ ନିଜ ମର୍ଜି ମୁତାବକ ନିଷ୍ପତ୍ତି ନେଇପାରିବେ। ବିଧାନସଭାର କାର୍ଯ୍ୟକାଳ ୫ ବର୍ଷ ରହିବ ବୋଲି ସମ୍ବିଧାନରେ ବ୍ୟବସ୍ଥା ଥିବା ବେଳେ କମିସନ ଚାହିଁଲେ ଏହାର କାର୍ଯ୍ୟକାଳ ବୃଦ୍ଧି କରିପାରିବେ ବୋଲି 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବରେ ବ୍ୟବସ୍ଥା କରାଯାଇଛି। କମିସନଙ୍କୁ ଏଭଳି କ୍ଷମତା ଦିଆଯିବା ଠିକ୍ ନୁହେଁ। କେଉଁ ପରିସ୍ଥିତିରେ ଏବଂ କିଭଳି କମିସନ ଏହି କ୍ଷମତାର ପ୍ରୟୋଗ କରିପାରିବେ, ସେଥିଲାଗି ଯଥେଷ୍ଟ ସେଫଗାର୍ଡ ରହିବା ଜରୁରୀ। ବିନା ଗାଇଡ୍‌ଲାଇନ୍ସରେ ଏଭଳି ନିଷ୍ପତ୍ତି ନେବାଲାଗି କମିସନଙ୍କୁ କ୍ଷମତା ମିଳିଲେ ସମଗ୍ର ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ସେ ଉଦ୍‌ବେଗ ଜଣାଇଛନ୍ତି। ଗତ ମାର୍ଚ୍ଚରେ ସଂସଦୀୟ କମିଟିରେ ହାଜରେ ହାଇ ଜଷ୍ଟିସ ଗୋଗୋଇ ମଧ୍ୟ ଏଭଳି ଉଦ୍‌ବେଗ ଜଣାଇଥିଲେ। ଅନ୍ୟତମ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ୟୁୟୁ ଲଳିତ ସଂସଦୀୟ କମିଟିକୁ କହିଥିଲେ, 'ଏକ ଦେଶ, ଏକ ନିର୍ବାଚନ' ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବା ଉଚିତ।

ଜଷ୍ଟିସ ଚନ୍ଦ୍ରଚୂଡ଼ ଆହୁରି କହିଛନ୍ତି ଯେ ଏକ ସମୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ହେଲେ ଆଞ୍ଚଳିକ ଓ କ୍ଷୁଦ୍ର ଦଳ କ୍ଷତିଗ୍ରସ୍ତ ହେବେ ବୋଲି ଯାହା କୁହାଯାଉଛି, ତାହା ସଂପୂର୍ଣ୍ଣ ରୂପେ ଭୁଲ ବୋଲି କୁହାଯାଇ ପାରିବ ନାହିଁ। ନିର୍ବାଚନ ପ୍ରଚାର ବେଳେ ଆର୍ଥିକ ସମ୍ବଳ ଦୃଷ୍ଟିରୁ ବଡ଼ ବଡ଼ ଜାତୀୟ ଦଳ ଅନ୍ୟମାନଙ୍କୁ ପଛରେ ପକାଇଦେବେ। ତେଣୁ ଆଞ୍ଚଳିକ ଦଳମାନଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ବ୍ୟବସ୍ଥା ରହିବା ଜରୁରୀ। ସେ କହିଛନ୍ତି ଯେ ଲୋକପ୍ରତିନିଧି ଆଇନ ଓ ନିର୍ବାଚନ ଆଚରଣ ବିଧିରେ ନିର୍ବାଚନ ପ୍ରଚାର ବେଳେ ପ୍ରାର୍ଥୀମାନଙ୍କର ଖର୍ଚ୍ଚ ସୀମା ଧାର୍ଯ୍ୟ କରାଯାଇଛି। କିନ୍ତୁ ରାଜନୈତିକ ଦଳଙ୍କ ପାଇଁ ଏଭଳି ସୀମା ଧାର୍ଯ୍ୟ କରାଯାଇନାହିଁ। 'ଏକ ଦେଶ, ଏକ ନିର୍ବାଚନ' କାର୍ଯ୍ୟକାରୀ କରିବା ପୂର୍ବରୁ ଏସବୁ ସମସ୍ୟାର ସମାଧାନ ବାହାର କରାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି। ଆସନ୍ତା ୧୧ ତାରିଖରେ ଜଷ୍ଟିସ ଚନ୍ଦ୍ରଚୂଡ଼ ଏବଂ ଆଉ ଜଣେ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଜେଏସ୍ ଖେହେର ଜେପିସିରେ ଉପସ୍ଥିତ ହୋଇ ସେମାନେ ମତାମତ ରଖିବେ ବୋଲି ଜଣାପଡ଼ିଛି।

### ଏସ୍‌ଏସ୍‌ବିର ଭୁଲ୍...

(ଓଏସ୍‌ଏସ୍‌ସି) ପରି ବିଭିନ୍ନ ପ୍ରବେଶିକା ଓ ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ପ୍ରୋଭିଜିନାଲ୍ ଆନ୍‌ସାର୍ କି' ପ୍ରକାଶ ପରେ କୌଣସି ଦ୍ୱନ୍ଦ୍ୱ ଥିଲେ ପରୀକ୍ଷାର୍ଥୀଙ୍କ ଠାରୁ ଆବେଦନ ଆହ୍ୱାନ କରିଥାନ୍ତି। ଏଥିପାଇଁ ଫି' ନିର୍ଦ୍ଧାରଣ କରିବା ସହ ଅଭିଯୋଗ ସତ୍ୟ ହେଲେ ସେହି ଫି' ତାଙ୍କୁ ଫେରସ୍ତ କରାଯାଏ। ସତ୍ୟତା ନ ଥାଇ ଅଭିଯୋଗ କଲେ ଫି' ଫେରସ୍ତ ହୋଇନଥାଏ। ଫଳରେ ଅଭିଯୋଗ ସଂଖ୍ୟା କମାଇବାକୁ ଲକ୍ଷ୍ୟ ଥାଏ। ହେଲେ ଅଭିଯୋଗରେ ସତ୍ୟତା ଥିଲେ ଏସ୍‌ଏସ୍‌ବି କାହିଁକି ଫି' ଫେରସ୍ତ କରିବ ନାହିଁ? ଅପରପକ୍ଷରେ ଅନେକ ପିଲା ୨୦ରୁ ୩୧.୨୫ ମାର୍କ ଯାଏଁ ବଢ଼ିବ ବୋଲି ଦାବି କରିଛନ୍ତି। ସର୍ବାଧିକ ୩୧.୨୫ ମାର୍କ ମଧ୍ୟ ବଢ଼ିଛି। ତାହେଲେ ପ୍ରତି ପ୍ରଶ୍ନ ପିଛା ୨ଶହ ଟଙ୍କା ହିସାବରେ ୬,୨୫୦ ଟଙ୍କା ଫି' ଦାଖଲ କରିବାକୁ ହେବ। ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ନୁହେଁ। ଏସ୍‌ଏସ୍‌ବି ପକ୍ଷରୁ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ପାଇଁ ପିଲାଙ୍କ ମାର୍କ କମିଛି। ସେହି ତ୍ରୁଟିକୁ ସଜାଡ଼ିବାକୁ ପରୀକ୍ଷାର୍ଥୀମାନେ କାହିଁକି ଆର୍ଥିକ ଦଣ୍ଡ ପାଇବେ?

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତିକୁ ଗତ ୩ତାରିଖରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରାଯାଇଥିବାବେଳେ ପରୀକ୍ଷାର୍ଥୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆବେଦନ କଲାବେଳେ ୫ଶହ ଏବଂ ଗୋଟିଏ ଚ୍ୟାଲେଞ୍ଜ ପାଇଁ ୨ଶହ ଟଙ୍କା ଆଦାୟ କରିବା ଏସ୍‌ଏସ୍‌ବିର ବ୍ୟବସାୟିକ ମନୋଭାବ ଜଣାପଡୁଥିବା ଜଣେ ୟୁଜର୍ ଲେଖିଛନ୍ତି। ସେହିପରି ଗୌରିମଣୀ ଦାସ୍ ନାମକ ଜଣେ ପରୀକ୍ଷାର୍ଥୀ ତାଙ୍କ ପାଖରେ ଟଙ୍କା ନାହିଁ, ତାଙ୍କୁ ନ୍ୟାୟ ଦେବାକୁ ଅପିଲ୍ କରିଛନ୍ତି। ରଶ୍ମିରଞ୍ଜନ ଦାସ୍ ନାମକ ଜଣେ ୟୁଜର୍ ଲେଖିଛନ୍ତି ଯେ ପ୍ରଥମେ ଭୁଲ୍ ଉତ୍ତର ଦେବେ, ତା ପରେ ପ୍ରତିଟି ଚ୍ୟାଲେଞ୍ଜ ପାଇଁ ୨ଶହ ଲେଖାଏଁ ଆଦାୟ କରିବେ। ଗରିବ ମେଧାବୀଙ୍କ କଣ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନେକ ୟୁଜର୍ ଏହି ନିଷ୍ପତ୍ତିକୁ ପାଗଳାମି କହି ଉଭୟ ଏସ୍‌ଏସ୍‌ବି ଓ ବିଭାଗ ଉପରେ ବର୍ଷିଛନ୍ତି। ଏଣୁ ଏହି ନିଷ୍ପତ୍ତିର ପୁନଃ ବିଚାର କରିବା ସହ ଅଭିଯୋଗ ସତ୍ୟ ହେଲେ ଫି' ଫେରସ୍ତ କରିବାକୁ ଦାବି କରିଛନ୍ତି। ବିଏଡ୍ ପରୀକ୍ଷା ପରିଚାଳନାରେ ଅନିୟମିତତା ନେଇ ସନ୍ଦେହ ଥିବାରୁ ଆନ୍‌ସାର୍ କି' ପ୍ରକାଶ ପାଇବା ପରେ ବହୁ ପରୀକ୍ଷାର୍ଥୀ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ମଧ୍ୟ ପ୍ରକାଶ କରିଛନ୍ତି।

### ଆଜି ଅଧା ଓଡ଼ିଶାରେ...

ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ବଲାଙ୍ଗୀର, ସୋନପୁର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୟାଗଡ, କଟକ ଓ ଢେଙ୍କାନାଳ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ସତର୍କ ସୂଚନା ଜାରି କରାଯାଇଛି। ଏହାବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର ଓ ମୟୂରଭଞ୍ଜରେ ମଧ୍ୟ ବର୍ଷା ସମ୍ଭାବନା ଥିବା ଜଣାପଡ଼ିଛି। ୮ ତାରିଖରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ସୋନପୁର, ବରଗଡ, ସମ୍ବଲପୁର, ଝାରସୁଗୁଡା ଓ ସୁନ୍ଦରଗଡରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବୁଲେଟିନରେ ସୂଚନା ପ୍ରଦାନ କରାଯାଇଛି। ଆସନ୍ତା ୧୨ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଏହାପରେ ପାଣିପାଗରେ ସାମାନ୍ୟ ପରିବର୍ତ୍ତନ ଘଟିବା ନେଇ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି।

### ହୀରାକୁଦ ଖୋଲିଲା...

ସେଥିମଧ୍ୟରୁ ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣ ପଟର ୭ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୧୦.୦୪ ଫୁଟ୍ ରହିଥିଲା। ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ସୁଶୀଲ କୁମାର ବେହେରା ଓ ଯନ୍ତ୍ରୀମାନେ ଏହାକୁ ପରିଚାଳନା କରିଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବୀଶ ଶୁଭ୍ରା ପଣ୍ଡାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୫୦,୧୦୨ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୩୬,୫୦୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୯୭,୨୮୦ ଘନଫୁଟ, ପାୱାର ଚ୍ୟାନେଲ ଦେଇ ୩୫୭୭୧ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୨୨୩ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୦୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୫୨୬୨ କ୍ୟୁସେକ, ଖଇରମାଳଠାରେ ୭୮୦୦୦ କ୍ୟୁସେକ, ବାରମୁଲଠାରେ ୮୨୦୦୦ କ୍ୟୁସେକ ଏବଂ ମୁଣ୍ଡଳୀଠାରେ ୧୧୮୭୬୭ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ସେହିପରି ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୫୬.୯୮ ମିମି ଏବଂ ତଳମୁଣ୍ଡରେ ୧୮.୫୮ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜ୍ ସମସ୍ତ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିବାରୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଏଥିପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଜଳଭଣ୍ଡାରରୁ ଆଜି ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ମହାନଦୀ ଅବବାହିକାରେ ଥିବା ୧୩ଟି ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି। ଏହାସହ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ସର୍ବସାଧାରଣଙ୍କୁ ସଚେତନ କରାଯାଉଛି। ବନ୍ୟାଜଳ ନିଷ୍କାସନ ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି।

### ଶିବରାଜ, ଧର୍ମେନ୍ଦ୍ର...

କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ ଓ ଦଳର ବରିଷ୍ଠ ନେତ୍ରୀ ତଥା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍‌ଟି ରାମାରାଓଙ୍କ ଝିଅ ପୁରନ୍ଦେଶ୍ୱରୀଙ୍କ ନାମ ମଧ୍ୟ ଏଥିପାଇଁ ଚର୍ଚ୍ଚା ହେଉଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ୨୦୨୬ରେ ପଶ୍ଚିମବଙ୍ଗ, ତେଲଙ୍ଗାନା, କେରଳ, ଆସାମ ଓ ୨୦୨୭ରେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାମ, ଗୋଆ, ମଣିପୁର ବିଧାନସଭା ନିର୍ବାଚନ ହେବ ଏବଂ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ମଧ୍ୟ ଏହି ବର୍ଷ ଅନୁଷ୍ଠିତ ହେବ। ତେଣୁ ଏସବୁକୁ ଦୃଷ୍ଟିରେ ରଖି ଦଳ ସଭାପତି ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବ। ସମ୍ପ୍ରତି ତିନିଜଣ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ, ମନୋହରଲାଲ ଖଟ୍ଟର, ଧର୍ମେନ୍ଦ୍ର ପ୍ରଧାନଙ୍କ ନାମକୁ ନେଇ ଦଳର ଶୀର୍ଷ ମହଲରେ ଚର୍ଚ୍ଚା ଚାଲିଛି। ସେହିପରି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ପୁରନ୍ଦେଶ୍ୱରୀଙ୍କ ସହ ଦୁଇ ଟାଣୁଆ ସଙ୍ଗଠକ ବି.ଏଲ୍.ସନ୍ତୋଷ ଓ ସୁନୀଲ ବଂଶଲଙ୍କ ନାମ ମଧ୍ୟ ଆଲୋଚନା ପରିଧିରେ ରହିଛି। ଦଳର କିଛି ନେତା ସାଧାରଣ ସମ୍ପାଦକ ବିନୋଦ ତାୱଡ଼େଙ୍କ ନାମ ସମ୍ପର୍କରେ ମଧ୍ୟ ଚର୍ଚ୍ଚା କରୁଛନ୍ତି।

କୁହାଯାଉଛି ଯେ ଅଧ୍ୟକ୍ଷ ନିର୍ବାଚନ ନିମନ୍ତେ ବିଜେପି ମୁଖ୍ୟତଃ ୩ଟି ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଛି। ସଂଗଠନାତ୍ମକ ଅଭିଜ୍ଞତା, ଆଞ୍ଚଳିକ ସନ୍ତୁଳନ, ଜାତିଗତ ସମୀକରଣ ଏ କ୍ଷେତ୍ରରେ ପ୍ରାଥମିକତା ଗ୍ରହଣ କରିଛି। ଖୁବ୍ ଶୀଘ୍ର ସଭାପତି ନିର୍ବାଚନ ନିମନ୍ତେ ଏକ କେନ୍ଦ୍ରୀୟ କମିଟି ଗଠନ କରାଯିବ। ଦଳର ସମ୍ବିଧାନ ଅନୁଯାୟୀ ୫୦ ପ୍ରତିଶତ ସାଂଗଠନିକ ରାଜ୍ୟ ଶାଖାଙ୍କ ଅଧ୍ୟକ୍ଷ ନିଯୁକ୍ତି ପରେ ଜାତୀୟ ଅଧ୍ୟକ୍ଷ ନିର୍ବାଚନ ହେବ। ସମ୍ପ୍ରତି ବିଜେପିର ୩୭ଟି ରାଜ୍ୟ ଶାଖା ରହିଛି। ଏଥିରୁ ୨୬ଟିର ଅଧ୍ୟକ୍ଷ ଚୟନ ସରିଛି। ଚଳିତ ମାସ ପ୍ରାରମ୍ଭର ଦୁଇ ଦିନ ମଧ୍ୟରେ ବିଜେପି ୯ ରାଜ୍ୟର ନୂଆ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯାଇଛି। ତେଣୁ ଜାତୀୟ ସଭାପତି ନିର୍ବାଚନ ନିମନ୍ତେ କୌଣସି ବାଧା ନାହିଁ।

### ରାଜ୍ୟ ସଭାପତି...

ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଆସନ୍ତାକାଲି ପୂର୍ବାହ୍ନ ୧୧ଟାରୁ ୨ଟା ସୁଦ୍ଧା ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପଦ ପାଇଁ ନାମାଙ୍କନପତ୍ର ଦାଖଲ କରାଯିବ। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ନାମାଙ୍କନ ସଂକ୍ରାନ୍ତ ଆପତ୍ତି ଅଭିଯୋଗର ଯାଞ୍ଚ କରାଯାଇ ୪ଟା ସୁଦ୍ଧା ଅନ୍ତିମ ସୂଚୀ ପ୍ରକାଶ କରାଯିବ। ଆବଶ୍ୟକ ହେଲେ ୮ ତାରିଖ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ୧୧ଟା ୩୦ ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ। ଗତ ୧ରୁ ୩ ତାରିଖ ମଧ୍ୟରେ ପୂର୍ବରୁ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ତେବେ ପୁରୀରେ ଘଟିଥିବା ଦଳାଚକଟା ମୃତ୍ୟୁ କାରଣରୁ ଏହି ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଥିଲା।

## ୧୦୮ ଆମ୍ବୁଲାନ୍ସ ଅଚଳ ଯୋଗୁ ଘାଟିରେ ଯୁବକଙ୍କ ମୃତ୍ୟୁ ଘଟଣା

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କ ଅପରାଧିକ ଅବହେଳା: ବିଜେଡି

ବ୍ରହ୍ମପୁର/ଖଲ୍ଲିକୋଟ,୬।୭ (ସମିସ): ୧୦୮ ଆମ୍ବୁଲାନ୍ସ ସେବା କ୍ଷେତ୍ରରେ ଚରମ ଅବ୍ୟବସ୍ଥା ଲାଗି ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆଇତପୁର ଗ୍ରାମର ଶଙ୍କର ମହାରଣାଙ୍କ ମୃତ୍ୟୁ ଘଟିଛି। ବିଜୁ ଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ମୃତକଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେବା ସହ ଏହାକୁ ସରକାରଙ୍କ ଚରମ ଅପରାଧିକ ଅବହେଳା ବୋଲି କହିଛି।

ସୂଚନାଯୋଗ୍ୟ, ଗୁରୁବାର କ୍ରିକେଟ୍ ଖେଳିବା ବେଳେ ଛାତିରେ ବଲ୍ ବାଜିବାରୁ ଶଙ୍କର ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପରିବାରଲୋକେ ୧୦୮ ଆମ୍ବୁଲାନ୍ସକୁ କଲ୍ କରିଥିଲେ ମଧ୍ୟ ନ ଆସିବାରୁ ନିଜ ଉଦ୍ୟମରେ ବାଲୁଗାଁ ମେଡ଼ିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ନେବା ବେଳେ ବଡ଼ଘାଟିରେଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ଅନ୍ୟ ଆମ୍ବୁଲାନ୍ସ ଓ ପୁଲିସକୁ ଫୋନ୍ କରି ସହାୟତା ମାଗିଥିଲେ ମଧ୍ୟ ମିଳିନଥିଲା। ଫଳରେ ମା' ଆଗରେ ଛଟପଟ ହୋଇ ପୁଅର ଜୀବନ ଚାଲିଯାଇଥିଲା। ୩ ଘଣ୍ଟା ପରେ ଆମ୍ବୁଲାନ୍ସ ପହଞ୍ଚିବା ପରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲକୁ ନିଆଯାଇଥିଲା ସେଠାରେ ଡାକ୍ତର ମୃତ ଘୋଷଣା କରିବା ସହ ଯଦି ଶୀଘ୍ର ରୋଗୀଙ୍କୁ ମେଡ଼ିକାଲରେ ପହଞ୍ଚା ଯାଇଥାନ୍ତା, ତେବେ ଜୀବନ ବଞ୍ଚିଯାଇଥାନ୍ତା ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ଏକ ଅମୂଲ୍ୟ ଜୀବନ ଚାଲିଗଲା ବୋଲି ରବିବାର ଆଇତପୁର ଗ୍ରାମରେ ମୃତ ଶଙ୍କରଙ୍କ ପରିବାର ଓ ଗ୍ରାମବାସୀ ବିଜେଡି ପ୍ରତିନିଧି ଦଳ ନିକଟରେ ଅଭିଯୋଗ କରିଥିଲେ।

ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଖବର ପହଞ୍ଚିବାର ୨୦ ମିନିଟ୍ ମଧ୍ୟରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ରୋଗୀଙ୍କୁ ହସ୍ପିଟାଲ ନେଉଥିଲା। ହେଲେ ବିଜେପି ସରକାରରେ ଖବର ଦେବାର ୩ ଘଣ୍ଟା ପରେ ବି ଆମ୍ବୁଲାନ୍ସ ପହଞ୍ଚି ପାରିଲା ନାହିଁ। ଫଳରେ ଏକ ଅମୂଲ୍ୟ ଜୀବନ ହରାଇବାକୁ ପଡ଼ିଲା। ମୃତ ଶରୀରକୁ ଏମକେସିଜି ମେଡ଼ିକାଲରୁ ନିଜ ଗ୍ରାମକୁ ନେବା ପାଇଁ ପରିବାରବର୍ଗ ସହାୟତା ମାଗିଥିଲେ ମଧ୍ୟ କେହି ଶୁଣିନଥିଲେ ଏବଂ ନିଜ ହାତରୁ ୫ ହଜାର ଟଙ୍କା ଖର୍ଚ୍ଚ କରି ପରିବାରଲୋକେ ମୃତଦେହକୁ ଘରକୁ ନେଇଥିଲେ। ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ଗତକାଲି ସୁଦ୍ଧା କୌଣସି ସରକାରୀ ଅଧିକାରୀ ପରିବାର ନିକଟରେ ପହଞ୍ଚିନଥିଲେ। ବିଜେଡି ପ୍ରତିନିଧିମଣ୍ଡଳୀ ଯିବାର ଖବର ପାଇ ଗତରାତି ୧୧ଟାରେ ସରକାର ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୃତ ଶଙ୍କରଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାର ତାଙ୍କ ଭାଇଙ୍କୁ ତୁରନ୍ତ ଏକ ସରକାରୀ ଚାକିରି ଦିଅନ୍ତୁ ବୋଲି ବିଜୁ ଜନତା ଦଳର ପ୍ରତିନିଧିମଣ୍ଡଳୀ ଦାବି କରିଛନ୍ତି।



■ ମୃତକଙ୍କ ପରିବାରକୁ ଭେଟିଲେ ପ୍ରତିନିଧିମଣ୍ଡଳୀ
■ ଆମ୍ବୁଲାନ୍ସ ପରିଚାଳନାରେ ସ୍ୱାସ୍ଥ୍ୟ ବିଭାଗର ଚରମ ଦାୟିତ୍ୱହୀନତା

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଯାଇଥିବା ବିଜେଡି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିକ୍ରମ ପଣ୍ଡା, ସୁବାସ ବେହେରା, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣୀ ବୈଦ୍ୟ, ରଞ୍ଜିତା ସାହୁ, ବ୍ରହ୍ମପୁର ମେୟର୍ ସଂଘମିତ୍ରା ଦଳେଇ, ସୁବାସ ମହାରଣା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୋନମ ପଲେଇ, ପୂର୍ବତନ ଏନଏସି ଅଧ୍ୟକ୍ଷ ରାମମୋହନ ପଣ୍ଡା, ଭବାନୀକାନ୍ତ ସାହୁ, ପ୍ରଫୁଲ୍ଲ ସାହୁ, ରତ୍ନାକର ସାହୁ, ଦୟାନିଧି ସାହୁ, ସ୍ଥାନୀୟ ସରପଞ୍ଚ ଟ୍ୱିଙ୍କିଲ୍ ତରାଇ ପ୍ରମୁଖ ସାମିଲ ଥିଲେ।

# ସମୁଦ୍ରରେ ବୁଡ଼ି ପର୍ଯ୍ୟଟକ ମୃତ, ୪ ଗୁରୁତର

ଭୋଗରାଇ, ୬।୭ (ସମିସ): ରବିବାର ଉଦୟପୁର ବେଳାଭୂମି ନିକଟ ସମୁଦ୍ରରେ ବୁଡ଼ି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ବିହାର ରାଜ୍ୟର ଭାଗଲପୁର ଅଞ୍ଚଳର କେତେଜଣ ଯୁବକ ଆଜି ଅପରାହ୍ଣ ପ୍ରାୟ ୩ଟାରେ ଉଦୟପୁର ବେଳାଭୂମିରେ ମଦ୍ୟ ପାନ କରି ସମୁଦ୍ରରେ ଗାଧୋଉଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଓ ଅପରାହ୍ଣ ୫ଟାରେ ପଶ୍ଚିମବଙ୍ଗର ୫ଜଣ ଯୁବକ/ଯୁବତୀ ଗାଧୋଉଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଭାସି ଯାଇଥିଲେ। ୪ ଜଣଙ୍କୁ ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଯୁବକମାନେ ଉଦ୍ଧାର କରି ପଡ଼ୋଶୀ ପଶ୍ଚିମବଙ୍ଗର ଦୀଘା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ବିହାର ଭାଗଲପୁର ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।


**AFFIDAVIT**

By virtue of an affidavit sworn before Notary Public, Rourkela, dated 29.05.2025, I Basanti Mohapatra, W/o- Bipin Bihari Mohapatra Address - QR No C3M 33,R.D.A Colony, Chhend phase 2, PO- Rourkela 15, PS-Chhend, Dist- Sundargarh , Odisha, Pin- 769015 declare that I have changed my name from Basantibala Mohapatra to Basanti Mohapatra. Henceforth I shall be known as BASANTI MOHAPATRA for all purposes.
Basanti Mohapatra

**ODISHA MINING ADARSHA VIDYALAYA**
AT-Phulbad, PO-Umuri, Jeypore,Dist-Koraput (Odisha), Pin-764002
(An English Medium Secondary School Under Ministry of S & M E, Govt. of Odisha, Sponsored by Odisha Mining Corporation)
Phone : 7978897651 E-mail : principalomavjeypore@gmail.com

**SHORT TENDER CALL NOTICE No. 01/25**

Sealed Tenders are invited from Registered Firms having GST number and Tax Clearance for supply of Grocery items, Non-Veg items, Students' TLM , School Uniforms and Sports Items latest by 22 July 2025 5.00 P.M. by Regd/Speed Post. The tender paper for each item with terms and conditions may be obtained from the Office of the Principal, ODISHA MINING ADARSHA VIDYALAYA, JEYPORE on cash payment of Rs. 200/- only per form during office hours. The tenders will be opened in presence of the Tenderers or their duly authorised representative at 11 A.M. on 23 July 2025. The Principal, ODISHA MINING ADARSHA VIDYALAYA, JEYPORE has the sole right to reject any one or all Tenders without assigning any reason thereof.
sd/-
Principal, OMAV, Jeypore

**NOTICE (for Minor)**

By virtue of an affidavit sworn before Notary Public, Udala, Mayurbhanj dated 28-05-2025 I, Debashree Lenka , Address of Kanhupur P.O.- B.C.Pur, Dist-Mayurbhanj, Odisha, Pin-757085 declare that I have changed the name of my son from Kanha Lenka to Jyoti Prakash Lenka. Henceforth, he shall be known as Jyoti Prakash Lenka for all purposes.
(Debashree Lenka)

B-274
E-mail ID: cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**

File No.- B-I- Tourism-05/2025/26152 / Bhubaneswar, the 4th July, 2025
Invitation for Bids
1st Corrigendum

Tender Reference No. C.E. (B) - 14 / 2025-26
Name of the Work : Periphery Development of Narayani Temple, Khalikote in Ganjam District.

The following changes have been made in Bid Identification No. C.E. (B) - 14 / 2025-26
1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from dt.21.07.2025 to 17.00 hours of dt.05.08.2025 instead of dt.04.07.2025 to dt.19.07.2025 for ONLINE BIDDING respectively.
2. Online bids shall be received till 17.00 Hours of dt.05.08.2025 instead of dt.19.07.2025.
3. The technical bids will be opened at 11.30 A.M. of dt.06.08.2025 instead of dt.21.07.2025.

All other terms and conditions remain unchanged.
Chief Engineer (Buildings-I), Odisha, Bhubaneswar
OIPR-34117/11/0116/2526

**NOTICE**

By virtue of an affidavit sworn before Notary Public, Balasore , Sl. No.-75/3 , Date-26/06/2025 . I Raghunath Singh (New Name ) , Adress- At- San Maitapur, Po-Maitapur, Ps-Bhadrak, Dist-Bhadrak, Odisha, Pin-756111 declare that I have change my name from Kanha Singh (Old Name) to Raghunath Singh (New Name). Henceforth, I shall be known as Raghunath Singh (New Name) for all purposes.
Raghunath Singh

SBI
**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଆସ୍କା ମୁଖ୍ୟ ଶାଖା
କଳିଙ୍ଗ ରୋଡ ଆସ୍କା, ଗଞ୍ଜାମ, ପିନ୍-୭୬୧୧୧୦
**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡ଼ିକୁ "ଯେଉଁଠାରେ ଯେପରି ଅଛି ଓ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୨.୦୭.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ
ଗାଡ଼ି ତନଖି କରିବାର ତାରିଖ ଓ ସମୟ: ୧୭.୦୭.୨୦୨୫ ରୁ ୨୧.୦୭.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା (ରବିବାର ଛୁଟିଦିନ)

| କ୍ର ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡ଼ିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀମତୀ ମଞ୍ଜୁଳା ବେହେରା, ସ୍ୱାମୀ: ଶ୍ରୀ ଭୂପତି ଭୂଷଣ ବେହେରା, ସା: ଖମେଶ୍ୱରୀପାଟଣା, ଗୋପିନାଥ ମନ୍ଦିର ନିକଟ, ଆସ୍କା, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୧୦ / ଆକାଉଣ୍ଟ ନଂ.: ୪୧୪୬୬୭୩୨୦୩୦ | TATA ACE GOLD+ DIESEL BS VI Regd. No.: OD32H3494 Chassis No.: MAT559029NVN63147 Engine No.: 700CCDI02NXXSF1811 | ୦୪.୦୬.୨୦୨୫ ସୁଦ୍ଧା ଟ.୪,୦୬,୦୯୦.୧୩ + ୦୫.୦୬.୨୦୨୫ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୩,୦୦,୦୦୦/- / ଟ.୩୦,୦୦୦/- / ଟ.୫,୦୦୦/- |

ଇଚ୍ଛୁକ ନିଲାମଧାରୀ ଯେଉଁମାନେ ଲଗ୍‌ଇନ୍ ଆଇଡି ଏବଂ ପାସ୍‌ୱାର୍ଡ ତିଆରି କରିବା ପାଇଁ ସହାୟତା ଚାହୁଁଛନ୍ତି, ଡାଟା ଅପ୍‌ଲୋଡିଂ, ବିଡ୍ କାଗଜାତ ଦାଖଲ, ଟ୍ରେନିଂ/ଡେମୋନଷ୍ଟ୍ରେସନ୍, ଅନ୍‌ଲାଇନ ଇଣ୍ଟର-ସେ ବିଡିଂର ନିୟମ ଓ ସର୍ତ୍ତାବଳୀ ଇତ୍ୟାଦି ଏବଂ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରିବା ନିମନ୍ତେ ୱେବ୍‌ସାଇଟ୍: https://baanknet.com ପରିଦର୍ଶନ କରନ୍ତୁ। baanknet.com ବ୍ୟାଙ୍କ ଆକାଉଣ୍ଟରୁ ରସିଦ ପ୍ରାପ୍ତ କଲାପରେ ଏବଂ ଏହି ସୂଚନାକୁ ଇ-ନିଲାମ ୱେବ୍‌ସାଇଟ୍‌ରେ ଅପଲୋଡ କରିବା ପରେ ପ୍ରାକ୍-ବିଡ୍ ଅମାନତ ବିଡରଙ୍କୁ କ୍ରେଡିଟ୍ କରାଯିବ। ବ୍ୟାଙ୍କିଙ୍ଗ୍ ପ୍ରକ୍ରିୟାରେ କିଛି ସମୟ ଲାଗିପାରେ, ତେଣୁ ନିଲାମଧାରୀମାନଙ୍କୁ ପରାମର୍ଶ କି, ସେମାନେ ନିଜସ୍ୱ ଇଚ୍ଛାରେ ଶେଷ ସମୟରେ ହେବାକୁ ଥିବା ଅସୁବିଧାକୁ ଏଡ଼ାଇବା ନିମନ୍ତେ ଇ-ନିଲାମର ଯଥେଷ୍ଟ ପୂର୍ବରୁ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରନ୍ତୁ। ସରକାରୀ/ସ୍ଥାନୀୟ ସଂସ୍ଥାକୁ ପ୍ରଦାନ କରିବାକୁ ଥିବା କୌଣସି ବୈଧାନିକ ଦେୟ/ଦାୟିତ୍ୱ ଇତ୍ୟାଦି ବିଷୟରେ ଜଣା ନାହିଁ ଏବଂ ଯଦି କିଛି ଥାଏ, ତାହା ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବାର ଅଧିକାର ସଂରକ୍ଷିତ ରଖିଅଛି।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : https://sbi.co.in/web/sbi-in-the-news/auction-notices/sarfaesi-and-others, https://baanknet.com (e-Bkray Portal)

ଗାଡ଼ିର ପାର୍କିଂ ସ୍ଥାନ: ମେସର୍ସ ଦିଶା ଆସୋସିଏଟ୍ସ, ଏନ୍‌ଏଚ୍-୫, ଗୋପାଳପୁର ଜଙ୍କସନ୍, ଚୁରା ବାଏପାସ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ

ଗାଡ଼ି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ମୋ.: ୬୩୭୦୫୨୧୮୩୭

ସ୍ଥାନ : ଆସ୍କା, ତାରିଖ : ୦୫.୦୭.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

### ନର୍ସିଂହୋମରେ ମାଆ ଓ ଶିଶୁର ମୃତ୍ୟୁକୁ ନେଇ ଉତ୍ତେଜନା

# ଟାଉନ ଥାନାରେ ଡାକ୍ତରଙ୍କ ବିରୋଧରେ ଅଭିଯୋଗ

କେନ୍ଦ୍ରାପଡ଼ା,୬।୭ (ସମିସ):

କେନ୍ଦ୍ରାପଡ଼ା ସହରର ପୁରୁଣା ମେଡିକାଲ ରୋଡରେ ଥିବା ଏକ ନର୍ସିଂହୋମରେ ଜଣେ ଗର୍ଭବତୀ ଓ ଗର୍ଭସ୍ଥ ସନ୍ତାନକୁ ଡାକ୍ତର ମାରି ଦେଇଥିବା ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଡାକ୍ତର ମୃତ ମହିଳାଙ୍କ ସ୍ୱାମୀଙ୍କୁ ଅଶ୍ଳୀଳ ଭାଷା ପ୍ରୟୋଗ କରିଛନ୍ତି। କେବଳ ସେତିକି ନୁହେଁ ନର୍ସିଂହୋମର କର୍ମଚାରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିଥିଲେ। ଜଣେ କ୍ୟାମେରାମ୍ୟାନ୍ଙ୍କ କ୍ୟାମେରା ଛଡାଇ ନେଇଥିଲେ। ଏ ନେଇ ମୃତ ମହିଳାଙ୍କ ସ୍ୱାମୀ ଥାନାରେ ଏତଲା ଦେଇଛନ୍ତି। ମୃତ ମହିଳା ଜଣକ ଜଗତସିଂହପୁର ଜିଲ୍ଲା ପାରାଦୀପ ଲକ୍ ଥାନା ଅଞ୍ଚଳର ସେକ କୁନାଙ୍କ ପତ୍ନୀ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ସେକ କୁନାଙ୍କ ଶଶୁର ଘର କେନ୍ଦ୍ରାପଡ଼ା ସହରରେ। ପତ୍ନୀଙ୍କ ପ୍ରସବ ସମୟ ପାଖେଇ ଆସିବାରୁ ପାରାଦୀପରୁ କେନ୍ଦ୍ରାପଡ଼ା ଆଣିଥିଲେ। ରବିବାର ସକାଳେ ପତ୍ନୀଙ୍କୁ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ଡାକ୍ତର ଅସ୍ତ୍ରୋପଚାର ଗୃହକୁ ପତ୍ନୀଙ୍କୁ ନେଇଥିଲେ। ଏହାପରେ ରକ୍ତ ଯୋଗାଡ କରିବାକୁ କହିଥିଲେ। ସ୍ୱାମୀ ଓ ଅନ୍ୟ ସମ୍ପର୍କୀୟ ରକ୍ତ ଯୋଗାଡ କରିବା ପାଇଁ ଯାଇଥିଲେ। ରକ୍ତ ନେଇ ଆସିବା ପରେ ଡାକ୍ତର କହିଲେ ଉଭୟ ଛୁଆ ଓ ମା'ଙ୍କ ମୃତ୍ୟୁ ଘଟିଛି। ଡାକ୍ତର ସଠିକ ଭାବେ ଚିକିତ୍ସା ନ କରି ମା' ଓ ଛୁଆକୁ ମାରିଦେଲେ ବୋଲି ସ୍ୱାମୀ ସେକ କୁନା ଏତଲାରେ ଦର୍ଶାଇଛନ୍ତି।



ଏହି ଅଭିଯୋଗ ହେବା ପରେ କୁନାଙ୍କ ସମ୍ପର୍କୀୟ ନର୍ସିଂହୋମ ସମ୍ମୁଖରେ ଧାରଣା ଦେଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଟାଉନ୍ ଥାନାଧିକାରୀ ଦିଲ୍ଲୀପ କୁମାର ସାହୁ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ନର୍ସିଂହୋମ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଫଳରେ ପରିବାର ଲୋକେ ଧାରଣା ପ୍ରତ୍ୟାହାର କରିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁଲିସ ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି। ଟାଉନ୍ ଥାନାଧିକାରୀ ଦିଲ୍ଲୀପ କୁମାର ସାହୁ କହିଛନ୍ତି, ଏ ନେଇ ଏକ ମାମଲା ଥାନାରେ ରୁଜୁ ହୋଇଛି। ପ୍ରସବ କରିଥିବା ଡାକ୍ତର ରଶ୍ମିରଞ୍ଜନ ପାତ୍ରଙ୍କୁ ଜେରା କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଡାକ୍ତର ଚିକିତ୍ସାରେ ଅବହେଳା କରିଛନ୍ତି କି ନାହିଁ ତାହା ସ୍ପଷ୍ଟ ହେବ। ସେହି ଆଧାରରେ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି। ଅପରପକ୍ଷରେ ପ୍ରସବ କରିଥିବା ଡାକ୍ତର ଶ୍ରୀ ପାତ୍ର ଚିକିତ୍ସା ଅବହେଳାଜନିତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## କେନ୍ଦ୍ରାପଡ଼ା ଜିଲ୍ଲା ପାରାକ୍ରୀଡ଼ା ସଂଘ ଗଠିତ




କେନ୍ଦ୍ରାପଡ଼ା,୬।୭ (ସମିସ): ଭିନ୍ନକ୍ଷମଙ୍କ ଥେରାପି ସେବା ଓ ସଶକ୍ତୀକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ 'ପୁନର୍ବାସ' ଆନୁକୂଲ୍ୟରେ ପ୍ରଥମଥର ପାଇଁ ଜିଲ୍ଲା ପାରାକ୍ରୀଡ଼ା ସଂଘ ଗଠିତ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ପାରାକ୍ରୀଡ଼ାର ବିକାଶ ଓ ପ୍ରୋତ୍ସାହନକୁ ଧ୍ୟାନ ଦେବା ସହିତ ଏହା ଲୁକ୍କାୟିତ ଭାବେ ଥିବା ଯୋଗ୍ୟ ଭିନ୍ନକ୍ଷମ କ୍ରୀଡ଼ାବିତ୍ଙ୍କୁ ପ୍ରତିଭା ବିକାଶରେ ସହାୟତା ପାଇଁ ଉଦ୍ୟମ କରିବ। ଏହାର ମୁଖ୍ୟ ଉପଦେଷ୍ଟା ଭାବେ ପୁନର୍ବାସର ପ୍ରତିଷ୍ଠାତା ବିରଜା ରାଉତରାୟ, ଉପଦେଷ୍ଟା ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା ଓ ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ମନୋନୀତ କରାଯାଇଛି। ସେହିପରି ନୂତନ ଭାବେ ଗଠିତ ଏହି ଜିଲ୍ଲା ପାରାକ୍ରୀଡ଼ା ସଂଘର ସଭାପତି ଭାବେ ବରିଷ୍ଠ ଆଇନଜୀବୀ ସୁଶ୍ରୀ ନାୟକ, ଉପସଭାପତି ଭାବେ ମନୋରଞ୍ଜନ ସିଂହ, ସମ୍ପାଦକ ଭାବେ ଲଲିଟେନ୍ଦୁ ପଣ୍ଡା, ଯୁଗ୍ମ ସଂପାଦକ ଭାବେ ସେକ ସୌକତ, ସହସମ୍ପାଦକ ଭାବେ ସମରେନ୍ଦ୍ର ଚୌଧୁରୀ, କୋଷାଧ୍ୟକ୍ଷ ଭାବେ ସରୋଜକାନ୍ତ ସାହୁ ସର୍ବସମ୍ମତ ଭାବେ ମନୋନୀତ ହୋଇଛନ୍ତି। ଏଥିସହିତ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ପାରା କ୍ରୀଡ଼ାବିତ୍ ପ୍ରଶାନ୍ତ ନାୟକ, ବଳରାମ ସ୍ୱାଇଁ, ମୋନାଲି ସ୍ୱାଇଁ ଓ କ୍ରୀଡ଼ାବିତ୍ ସୁହାନା ପରବିନ୍ ଏବଂ ପୁନର୍ବାସର ବରିଷ୍ଠ ସଭ୍ୟ ବଂଶୀଧର ମହାନ୍ତି ମନୋନୀତ ହୋଇଛନ୍ତି। ସାଧାରଣ ପରିଷଦର ସଭ୍ୟ ଭାବେ ସ୍ୱପ୍ନାଂଶୁ କୁମାର ଦାସ, ଜ୍ୟୋତିର୍ମୟ ଦାସ, ଭରତ କୁମାର ସାହୁ, ଅରୁଣ କୁମାର ବେହେରା, ମହମ୍ମଦ ଜାହିଦ ଖାନ୍, ତ୍ରିଲୋଚନ ପ୍ରଧାନ, ଅମୀୟ କୁମାର ବିଶ୍ୱାଳ, ପ୍ରତାପ ସ୍ୱାଇଁ, ବରିଷ୍ଠ ଆଡଭୋକେଟ ସଞ୍ଜୟ କୁମାର ଜେନା, କ୍ଷୀରୋଦ କର ପ୍ରମୁଖ ମନୋନୀତ ହୋଇଛନ୍ତି। ଏ ଅବସରରେ ନିକଟରେ ଚେନ୍ନାଇଠାରେ ଅନୁଷ୍ଠିତ ଜାତୀୟ ପାରାସେଲିଂ ପ୍ରତିଯୋଗିତା ଯୁଗ୍ମ ବର୍ଗରେ ରୌପ୍ୟ ପଦକ ବିଜେତା ପାରା କ୍ରୀଡ଼ାବିତ୍ ମୋନାଲି ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ପାଲିମି ନିକଟରେ ନଦୀବନ୍ଧ ଅତଡ଼ା ଧସିଲା



ଗୋବିନ୍ଦପୁର, ୬।୭ (ସମିସ): ଆଳି ବ୍ଲକ ଅନ୍ତର୍ଗତ ପାଲିମୀ ଗ୍ରାମ ନିକଟରେ କାଣୀ ନଦୀବନ୍ଧ ପାଶ୍ୱର୍ ଅତଡ଼ା ଧସିଛି। ଏବେ ବନ୍ୟା ଆସି କୂଳରେ ପାଣି ଲାଗିଯାଇଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଛନ୍ତି। ପାଲିମୀ ଗ୍ରାମ ନିକଟ ଗଣେଶ୍ୱରପୁରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସେତୁ କାର୍ଯ୍ୟ କରାଯାଉଛି। ପୋଲ ନିର୍ମାଣ ଯୋଗୁଁ ମାଟି ହାଣି ଗର୍ତ୍ତ କରାଯାଇଥିବାରୁ ଅତଡା ଧସିଥିବା କୁହାଯାଉଛି। କାଣୀ ନଦୀବନ୍ଧ ଏହି ସ୍ଥାନରେ ଦୁର୍ବଳ ଅବସ୍ଥାରେ ରହିଛି। ଯେକୌଣସି ସମୟରେ ଅଘଟଣ ଘଟିବା ସମ୍ଭାବନା ରହିଛି। ନଦୀରେ ବନ୍ୟା ଓ ଅବିଶ୍ରାନ୍ତ ବର୍ଷା ଲାଗି ରହିଥିବାରୁ ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଆଜି କେନ୍ଦ୍ରାପଡା ଜିଲ୍ଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବଙ୍କୁ ଅବଗତ କରାଇଛନ୍ତି। ତୁରନ୍ତ ନଦୀବନ୍ଧ ମରାମତି କରା ନ ଗଲେ ଲୋକେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଜଳସମ୍ପଦ ବିଭାଗର ମଧୁସୂଦନପୁର ସେକ୍ସନ କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ପଣ୍ଡା କହିଛନ୍ତି, ବନ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ଧସିଥିବା ସ୍ଥାନରେ ଅସ୍ଥାୟୀ ମରାମତି କରାଯିବ।

## ପ୍ରଫୁଲ୍ଲ ଦାସଙ୍କ ନିଯୁକ୍ତି ପରେ ଆଳି କଂଗ୍ରେସରେ ଉତ୍ସାହ

ରାଜକନିକା, ୬।୭ (ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ସାରା ଓଡ଼ିଶାର ସମସ୍ତ ଜିଲ୍ଲାରେ କଂଗ୍ରେସ ସଂଗଠନକୁ ମଜବୁତ କରିବା ପାଇଁ ନୂତନ ଭାବେ ଜିଲ୍ଲା ସଂଯୋଜକ ନିଯୁକ୍ତ କରାଯାଇଛି। ଏହି କ୍ରମରେ କଂଗ୍ରେସର ଆଗ ଧାଡ଼ିର ନେତା ପ୍ରଫୁଲ୍ଲ ଦାସଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଂଯୋଜକ ଭାବେ ନିଯୁକ୍ତି ନେଇ ଚିଠି ପ୍ରକାଶ ପରେ ଆଳି ଓ ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ତାଙ୍କ ନିଯୁକ୍ତିକୁ ସ୍ୱାଗତ କରାଯାଇଛି। ତାଙ୍କର ଏହି ନିଯୁକ୍ତିରେ ତମାମ ଜିଲ୍ଲାର କଂଗ୍ରେସ ସଂଗଠନ ଅଧିକ ମଜବୁତ ହେବା ସହ ଲୋକଙ୍କ ଭରସା ଜିତିବ ବୋଲି କଂଗ୍ରେସର ଆଳି ନିର୍ବାଚନ ମଣ୍ଡଳୀ ନେତ୍ରୀ ଦେବସ୍ମିତା ଶର୍ମା ପ୍ରକାଶ କରିବା ସହ ସ୍ୱାଗତ ଜଣାଇଛନ୍ତି। ପିସିସି ସଦସ୍ୟ ବାବୁରାମ ଜେନା, ବ୍ଲକ କଂଗ୍ରେସର ପୂର୍ବତନ ବ୍ଲକ ସଭାପତି ସଭାପତି ମଙ୍ଗୁଳି ଚରଣ ବେହେରା, ୨୭ନଂ ଜୋନ ସଭାପତି ଅଜୟ ଦାସ, ୨୮ନଂ ଜୋନ ସଭାପତି ସତ୍ୟ ପରିଡା ଓ ୨୯ନଂ ଜୋନ ସଭାପତି ରଙ୍ଗଲାଲ ମଲ୍ଲିକ, ଯୁବ ନେତା ପ୍ରମୋଦ ପତି ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ମୀନାରାଣୀ ମଲିକ, ସମିତିସଭ୍ୟ ଶରତ ରାଉତ, ଲକ୍ଷ୍ମୀପ୍ରିୟା ନାୟକ, ଅମିତ ନାୟକ, ଅଞ୍ଜନା ସାହୁ, ସାରଥୀ ହେମ୍ବ୍ରମ ମଲିକ, ସରପଞ୍ଚ ଗଙ୍ଗାଧର ବେହେରା, ତ୍ରୈଲୋକ୍ୟପୁର ପଞ୍ଚାୟତ କଂଗ୍ରେସ ସଭାପତି ହରେକୃଷ୍ଣ ନାୟକ, ପୂର୍ବତନ ସରପଞ୍ଚ ପଙ୍କଜ ଦାସ, ଧନୁର୍ଜୟ ଦାସ, ପ୍ରଦୀପ ମଲିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



### ● ରାଜକନିକାରେ ବଢ଼ୁଛି ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା

# ମିଳୁନି ଶଯ୍ୟା, ରୋଗୀଙ୍କୁ ତଳେ ଶୁଆଇ ଚିକିତ୍ସା

ରାଜକନିକା,୬।୭ (ସମିସ): ଯାହା ଅନୁମାନ କରାଯାଉଥିଲା ତାହା ହିଁ ହେଲା। ରାଜକନିକା ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ନା ରହିଲା ଆଗୁଆ ସତର୍କତା, ନା ଆକ୍ରାନ୍ତ ପାଉଛନ୍ତି ସଠିକ୍ ଚିକିତ୍ସା ସେବା। ରାଜ୍ୟରେ ସୃଷ୍ଟି ହୋଇଥିବା ହଇଜା ମୁକାବିଲା ପାଇଁ ମୁଖ୍ୟ ଶାସନ ସଚିବଙ୍କ କଡ଼ା ଚେତାବନୀ ପରେ ବି ରାଜକନିକାରେ ଏହାର କୌଣସି ସତର୍କତାକୁ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଆଜି ୨୦ରୁ ଅଧିକ ଆକ୍ରାନ୍ତ ମେଡିକାଲରେ ପହଞ୍ଚିଛନ୍ତି। ଏକାବେଳକେ ଏତେ ସଂଖ୍ୟକ ରୋଗୀ ଭର୍ତ୍ତି ହେବାରୁ ଶଯ୍ୟା ଅଭାବ ପଡିଲା। ଫଳରେ ରୋଗୀଙ୍କୁ ତଳେ ଶୁଆଇ ଚିକିତ୍ସା କରାଯାଉଛି। ସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବରୁ ଗତ ୨୦ ତାରିଖ ଦିନ ଓଳାଭର ଅଞ୍ଚଳର ଗୋବିନ୍ଦପୁର ଗ୍ରାମର ଭାନୁମତି ସାହୁଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା କଥାକୁ ସ୍ୱାସ୍ଥ୍ୟ ବିଭାଗ ସ୍ୱାସଜନିତ ମୃତ୍ୟୁ କହି ଟାଳି ଦେବା ପରେ ଆଜି ସ୍ଥିତି ବିଗିଡିଛି।

ଆଜି ରାଜକନିକା ବ୍ଲକ୍ର ବିଭିନ୍ନ ଗାଁରୁ ୨୦ରୁ ଅଧିକ ଝାଡ଼ାବାନ୍ତି ରୋଗୀ ମେଡିକାଲରେ ପହଞ୍ଚିବା ପରେ ବି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଘଟଣାକୁ ହାଲୁକା ଭାବେ ନେଇଛି। ଏ ସମ୍ପର୍କରେ ମେଡିକାଲ ଅଫିସରଙ୍କୁ ପଚାରିବାକୁ ଚେଷ୍ଟା କରିଥିଲେ ବି ତାହା ସମ୍ଭବ ହୋଇନାହିଁ। ତେବେ ରାଜକନିକା ମେଡିକାଲରେ ଭିତ୍ତିଭୂମି ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯିବା ପରେ ବି ଶଯ୍ୟା ସଂଖ୍ୟା ୧୬ରେ ସୀମିତ ରହିଛି। ୧୬ ଶଯ୍ୟା ବିଶିଷ୍ଟ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ଟି ଶଯ୍ୟା ପ୍ରସୂତୀଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ବଳକା ୯ ଶଯ୍ୟାକୁ ସାଧାରଣ ଶଯ୍ୟା ଭାବେ ବ୍ୟବହାର କରାଯାଉଛି। ରାଜ୍ୟରେ ବର୍ତ୍ତମାନ ହଇଜାର ପ୍ରାଦୁର୍ଭାବ ବଢୁଥିବାବେଳେ ଏହି ପ୍ରତିକୂଳ ପରିସ୍ଥିତିରେ ରାଜକନିକା ବ୍ଲକ୍ ମୁଖ୍ୟାଳୟ ଚିକିତ୍ସାକେନ୍ଦ୍ରରେ ରୋଗୀ ଶଯ୍ୟା ବିନା ତଳେ ପଡ଼ି ରହିବା ଆମ ବିକଶିତ ସ୍ୱାସ୍ଥ୍ୟସେବାକୁ ପ୍ରମାଣ କରୁଛି। ଏଠାରେ ସବୁ ସମୟରେ ଡାକ୍ତର ରହୁ ନ ଥିବାବେଳେ କର୍ମଚାରୀଙ୍କ ମଧ୍ୟରେ ରହୁନି ସେବା ମନୋଭାବ। ଏମିତି ସ୍ଥିତିରେ କେବଳ କାଗଜକଲମରେ ଚାଲୁଥିବା ସ୍ୱାସ୍ଥ୍ୟ ସେବାକୁ ତାତ୍ସଲ୍ୟ କରିଛନ୍ତି ନୂଆଗାଁ ରୋଗୀଙ୍କ ସମ୍ପର୍କୀୟ ଚମ୍ପା ମଲିକ। ବ୍ଲକ୍ ମୁଖ୍ୟାଳୟର ଏଭଳି ଅବସ୍ଥା ଥିବାବେଳେ ଗ୍ରାମାଞ୍ଚଳରେ ଥିବା ଓଳାଭର, କଣ୍ଡିଆ, କୋଇଲିପୁର ଓ କାଟଣା ପିଏଚସି କଥା ପଚାରେ କିଏ? ବଦଳିଆ ଡାକ୍ତର ଓ କର୍ମଚାରୀରେ ଦଶନ୍ଧି ଧରି ଚାଲିଆସୁଥିବା ଏଭଳି ସମସ୍ୟାର ସୁଧାର ଆଣି ହଇଜା ସ୍ଥିତିରେ ଅଧିକ ସମ୍ବେଦନ ହେବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ସିଡିଏମଓ ଓ ଜିଲ୍ଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଝାଡ଼ାବାନ୍ତି ସଂକ୍ରମଣ ରୋକିବାର ସମସ୍ତ ସତର୍କତା ଅନୁପାଳନ ପାଇଁ ବଜାରର ହୋଟେଲ, ଜଳଖିଆ ଦୋକାନ, ଚାଟ, ଦହିବରା, ଲସି ଆଦି ଦୋକାନରେ ପରିଚ୍ଛନତା ପ୍ରତି ଦୃଷ୍ଟି ଦେବା ଓ ଜଳ ଉତ୍ସର ବିଶୋଧନ ଉପରେ ପ୍ରଶାସନ ନଜର ଦେବା ଅବସମ୍ଭାବୀ ହୋଇପଡିଛି।



# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଉତ୍ସବ

କେନ୍ଦ୍ରାପଡ଼ା,୬।୭ (ସମିସ): ବାରୁଅସ୍ଥ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ଭାରତ ସରକାରଙ୍କ କ୍ରୀଡା ଓ ଯୁବସେବା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବ ଭାରତ ସଂଗଠନ ସହଯୋଗରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କଳା ନିକେତନ ଓ ରେଡିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟଅତିଥି, ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ବିଜେପି ନେତା କିଶୋର ପଣ୍ଡା, ମୁଖ୍ୟବକ୍ତା ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ସଭାପତି ତଥା ସମାଜସେବୀ ହରିଶ୍ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଅଜୟ କୁମାର ସ୍ୱାଇଁ, ନାଟ୍ୟକାର ଭୀମସେନ ପ୍ରଧାନ ପ୍ରମୁଖ ଯୋଗ ଦେଇ ଶ୍ୟାମାପ୍ରସାଦଙ୍କ ତ୍ୟାଗପୂତ ଜୀବନ, ଆଦର୍ଶ ଦେଶପ୍ରେମ ଓ କାଶ୍ମୀର ଆନ୍ଦୋଳନ ସମେତ ଅଖଣ୍ଡ ଭାରତ ଗଠନ ପାଇଁ ସେ ଦେଖିଥିବା ସ୍ୱପ୍ନ ସମ୍ପର୍କରେ ଆଲୋକପାତ କରିଥିଲେ। ଗୀତିକାର ତଥା କଣ୍ଠଶିଳ୍ପୀ ବିମଳ ପରିଡା ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଯୁବବର୍ଗ ମହାନ ଜନନାୟକ ଶ୍ୟାମାପ୍ରସାଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ବିକଶିତ ଭାରତ ବର୍ଷ ଗଠନ ପାଇଁ ଅଧିକ ସମୟ ଲାଗିବ ନାହିଁ ବୋଲି କହିଥିଲେ। ଆରମ୍ଭରେ ଅତିଥିମାନେ ଶ୍ୟାମାପ୍ରସାଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ନିରୂପମା ଜେନା ବନ୍ଦେ ମାତରଂ ସଙ୍ଗୀତ ଗାନ କରିଥିଲେ। ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ଇଂଜିନିୟର ବିଶ୍ୱଜିତ ପରିଡା,




ସୁଶ୍ରୀ ସଙ୍ଗୀତା ଜେନା, ପ୍ରଭାତ ବେହେରା, ଅଙ୍କିତା ପରିଡା, ପ୍ରତୀକ୍ଷା ନାୟକ, ନୃତ୍ୟ ଗୁରୁ ପ୍ରକାନ୍ତ ମହାରଣା, ସଙ୍ଗୀତ ଗୁରୁ ପ୍ରମୋଦ ଦାସ, ଚିତ୍ର ଗୁରୁ ପବନ ଧଳ, ସ୍ମୃତିରେଖା ପ୍ରିୟଦର୍ଶିନୀ, ମାନସ ମୁଦୁଲି, କୃଷ୍ଣଚନ୍ଦ୍ର ଜେନା, ରେଖାଞ୍ଜଳି ଜେନା, ପାୟଲ ପ୍ରିୟଦର୍ଶିନୀ ବାରିକ, ପ୍ରଭୁ ପ୍ରସାଦ ଦାସ , ଅର୍ଚ୍ଚନା ପରିଡା, ରୂପାଲି ସୂତାର ପ୍ରମୁଖ ଉପସ୍ଥିତ ରହି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ରେଡିଓ ଭାବଗ୍ରାହୀର ଶିଳ୍ପୀ ବିମଳ ପରିଡାଙ୍କ ରଚିତ ଓ ନିର୍ଦ୍ଦେଶିତ ଦେଶାତ୍ମବୋଧକ ସଙ୍ଗୀତ ଗାଇଥିଲେ। ପ୍ରବଚକ ବିକ୍ରମ କେଶରୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଳପୁଆରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଦାବି




ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୬।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଧୋୟାଞ୍ଚଳର ଅଳପୁଆଠାରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରତ୍ୟେକ ବର୍ଷ ବନ୍ୟା ଓ ବାତ୍ୟା ଦ୍ୱାରା ଧୋୟାଞ୍ଚଳ ପ୍ରଭାବିତ ହୋଇଥାଏ। ବିପର୍ଯ୍ୟୟ ସମୟରେ ଗରିବ ଓ ଅସହାୟ ଲୋକଙ୍କୁ ସ୍ଥାନାନ୍ତରିତ କରି ବାତ୍ୟା ଆଶ୍ରୟସ୍ଥଳୀ ଭଳି ସୁରକ୍ଷିତ ସ୍ଥାନରେ ରଖାଯାଏ। କିନ୍ତୁ ଅଳପୁଆ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଅଳପୁଆ ପଞ୍ଚାୟତର ଅଳପୁଆ ହାଇସ୍କୁଲ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଦର୍ଶାଇ ବ୍ଲକ ପ୍ରଶାସନ ଗତ ତିନିବର୍ଷ ପୂର୍ବେ ଏହାକୁ ଭାଙ୍ଗି ଦେଇ ଚୁପ୍ ବସିଛି। ଆଜି ପର୍ଯ୍ୟନ୍ତ କୌଣସି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇନାହିଁ। ପଞ୍ଚାୟତରେ ଦଳିତଙ୍କ ସଂଖ୍ୟା ଶତକଡା ଷାଠିଏ ଭାଗରୁ ଅଧିକ ହୋଇଥିବାବେଳେ ଏଠାରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ନେଇ ସରକାରଙ୍କ ନିରବତା ଓ ସ୍ଥାନୀୟ ନେତାଙ୍କ ଦାବି ଉପସ୍ଥାପନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରା ନ ଯାଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପଞ୍ଚାୟତର ଗରିବ ଓ ଅସହାୟ ଲୋକଙ୍କୁ ଭଙ୍ଗା ସ୍କୁଲ ଘରକୁ ସ୍ଥାନାନ୍ତରିତ କରାଯିବା ବିସ୍ମିତ କରିଛି। ଜନସଂଖ୍ୟା ଓ ପଞ୍ଚାୟତର ଆୟତନ ଅନୁସାରେ ଗୋଟାଏ ବାତ୍ୟା ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ଥଇଥାନ କରିବା ପାଇଁ କମ ହେଉଥିବାବେଳେ ଆଦୌ ବାତ୍ୟା ଆଶ୍ରୟସ୍ଥଳୀ ନ ଥିବା ନେତାଙ୍କ ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପଞ୍ଚାୟତ ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ନିହାତି ଆବଶ୍ୟକ ମନେ କରି ଅଳପୁଆ ହାଇସ୍କୁଲ ନିକଟରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ପାଇଁ ସମାଜସେବୀ ଗଗନ ମହାଳିକ, ଅଶୋକ ନାୟକ, କିଶୋର ରାଉତ, ଦଳିତ ନେତା ନିମାଇଁ ସେଠୀ, ପ୍ରଶାନ୍ତ ସେଠୀ, ଦୀନବନ୍ଧୁ ଜେନା, ଅଳପୁଆ ପଞ୍ଚାୟତ ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ସରପଞ୍ଚ ପଦ୍ମିନୀ ବେହେରା, ଜାନକୀ ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟ ଚନ୍ଦନ ସାହୁ, ଦିଲ୍ଲୀପ ବିଶ୍ୱାଳ, ବ୍ରଜବିହାରୀ ଧଳ, ଅଚ୍ୟୁତାନନ୍ଦ ଦାଶ, ଦେବାଶିଷ ଧଳ ପ୍ରମୁଖ ଦାବି କରିଛନ୍ତି।

## ଫାର୍ମାସିଷ୍ଟ ସୁଶାନ୍ତ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମାର୍ଶାଘାଇ,୬।୭ (ସମିସ): ମାର୍ଶାଘାଇ ବ୍ଲକ୍ ଜଳପୋକ ପଞ୍ଚାୟତର ନାନକାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ସୁଶାନ୍ତ କମାର ଜେନାଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରଂଜିତ୍ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ମେଜର ଭରତ ଚନ୍ଦ୍ର ଜେନା, ସମ୍ମାନୀତ ଅତିଥି ନକୁଳ ଚରଣ ନାୟକ, ଗୟାଧର ଜେନା, ଡାକ୍ତର ସୌରଭ ମହାପାତ୍ର, ଡାକ୍ତର ସୀତାକାନ୍ତ କର, ଅଜୟ କୁମାର ଜେନା, ପ୍ରଭାତ କୁମାର ଦାସ ପ୍ରମୁଖ ଯୋଗଦେଇ ଫାର୍ମାସିଷ୍ଟ ସୁଶାନ୍ତ କୁମାର ଜେନା ଦୀର୍ଘ ୩୩ ବର୍ଷ ୩ମାସ ମେଡ଼କାଳରେ ଅନେକ ସମୟରେ ଡାକ୍ତର ପଦବୀ ଖାଲି ସମୟରେ ରୋଗୀଙ୍କୁ ସେବା ଯୋଗାଇ ଅଞ୍ଚଳବାସୀଙ୍କ ଆସ୍ଥାଭାଜନ ହୋଇଥିବା କହିଥିଲେ। ସେବାନିବୃତ୍ତ ଶ୍ରୀ ଜେନାଙ୍କ ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା, ଉତ୍ସର୍ଗୀକୃତ ସେବା ଯୋଗାଇ ସମସ୍ତଙ୍କ ଅତ୍ୟନ୍ତ ପ୍ରିୟଭାଜନ ହୋଇଥିଲେ। ତାଙ୍କର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ମେଡ଼ିକାଲ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଫାର୍ମାସିଷ୍ଟ ଶ୍ରୀ ଜେନାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ଭାଗ୍ୟଧର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ପଟ୍ଟାମୁଣ୍ଡାଇ କଲେଜର ସ୍ୱନକ୍ଷତ୍ର ଉତ୍ସବ

# 'ସଫଳ ଛାତ୍ରଛାତ୍ରୀ କଲେଜ ପ୍ରତିଷ୍ଠା ଉଦ୍ଦେଶ୍ୟ ପୂରଣ କରିପାରିବେ'

ପଟ୍ଟାମୁଣ୍ଡାଇ,୬।୭ (ସମିସ):

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରି ଛାତ୍ରଛାତ୍ରୀ ନିଜ ନିଜକୁ ସୁନାଗରିକ ଭାବେ ଗଢି ତୋଳିବା ସହିତ ସାମାଜିକ ପରିବର୍ତ୍ତନର ସୂତ୍ରଧାର ହୋଇପାରିଲେ କଲେଜ ପ୍ରତିଷ୍ଠାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ନାକ ସ୍ୱୀକୃତିପ୍ରାପ୍ତ ପଟ୍ଟାମୁଣ୍ଡାଇ କଲେଜର ୫୫ତମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗ ଦେଇ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ ଦୁଃଶାସନ ପରିଡ଼ାଙ୍କ ପୌରୋହିତ୍ୟ ଓ ଅଧ୍ୟାପକ ଚିନ୍ମୟ ସାମଲଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସମ୍ମାନିତ ଅତିଥି, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ପ୍ରଫେସର ଡଃ ପରିଡା ସ୍ୱାଗତ ଭାଷଣ ଦେଇ କଲେଜର ବିଭିନ୍ନ ସମସ୍ୟା ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାପିକା ଡ ଅଞ୍ଜଳି ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ଡଃ ପ୍ରେମଲତା ରାଉତ, ପ୍ରାଧ୍ୟାପକ ରଞ୍ଜିତ କେଶରୀ ସେନାପତି, ପ୍ରାଧ୍ୟାପକ ଉମାକାନ୍ତ ପାତ୍ର, ପ୍ରାକ୍ତନ ଡେମନଷ୍ଟ୍ରେଟର ବିଶ୍ୱନାଥ ଦାଶ ଓ ଗଣେଶ୍ୱର ଦାଶ, କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ବୃନ୍ଦାବନ ତ୍ରିପାଠୀଙ୍କ ପୁତ୍ର ଶ୍ରୀକାନ୍ତ ତ୍ରିପାଠୀ, ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ଡା ପଦ୍ମନାଭ ତ୍ରିପାଠୀଙ୍କ ନାତି ଦେବୀ ପ୍ରସନ୍ନ ତ୍ରିପାଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ +୩ କଳା ଛାତ୍ର ଜଗନ ନାୟକ, +୩ ବିଜ୍ଞାନ ଛାତ୍ରୀ ସଂଗୀତା ସାହୁ, +୩ ବାଣିଜ୍ୟ ଛାତ୍ରୀ ମଧୁସ୍ମିତା ସିଂହ, +୨ କଳା ଛାତ୍ରୀ ମନୀଷା ଆଚାର୍ଯ୍ୟ, +୨ ବିଜ୍ଞାନ ଛାତ୍ରୀ ଦୀପିକା ବେହେରା ଓ +୨ ବାଣିଜ୍ୟ ଛାତ୍ରୀ ରୀତିକା ଦାଶ ଓ କ୍ରୀଡ଼ା କ୍ଷେତ୍ରରେ ସଫଳତା ପାଇଁ +୩ କଳା ଛାତ୍ରୀ ଶର୍ମିଷ୍ଠା ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ଶ୍ରେଷ୍ଠ ଛାତ୍ରୀ ଭାବେ +୩ ବିଜ୍ଞାନର ସଂଗୀତା ସାହୁଙ୍କୁ ମାନଗୋବିନ୍ଦ ପୁରସ୍କାର ପ୍ରଦାନ କରାଯାଇଥିଲା।






ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ପ୍ରଭାକର ରାଉତ, ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ପ୍ରଫେସର ଦେବବ୍ରତ ପ୍ରଧାନ, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରଫେସର ରମେଶ ଜେନା, ପ୍ରଫେସର କୈଳାସ ପାତ୍ର, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରଫେସର ଭରତ ପାତ୍ର, କଲେଜ ଆଲୁମିନି ଆସୋସିଏସନର ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ ,ଉପ ସଭାପତି ଚିତ୍ରଶିଳ୍ପୀ ରାଜେନ୍ଦ୍ର ଦାଶ ,କୋଷାଧ୍ୟକ୍ଷ କିଶୋର କୁମାର ସ୍ୱାଇଁ ,ଶିକ୍ଷାବିତ କସ୍ତୁରୀ ଚରଣ ସ୍ୱାଇଁ , ପ୍ରାଧ୍ୟାପକ ରବୀନ୍ଦ୍ର ପଣ୍ଡା, ପ୍ରାଧ୍ୟାପକ କ୍ୟାପଟେନ ମନୋଜ ପରିଡା, ପ୍ରାଧ୍ୟାପକ ଡ଼ ସୁନୀଲ ପ୍ରଧାନ ପ୍ରାଧ୍ୟାପକ ଡ଼ ରମେଶ ସାହୁ ପ୍ରାଧ୍ୟାପକ ପ୍ରମୋଦ ସ୍ୱାଇଁ, ପ୍ରାଧ୍ୟାପକ ଅମୀୟ ଦାସ, ପ୍ରାଧ୍ୟାପକ ସର୍ବେଶ୍ୱର ସାହୁ ପ୍ରାଧ୍ୟାପକ ଡ଼ ଫକୀର ପ୍ରଧାନ ପ୍ରମୁଖ ବହୁ ପ୍ରାଧ୍ୟାପକ ଅଧ୍ୟାପକ ଅଧ୍ୟାପିକା, ମାନ୍ୟଗଣ୍ୟ ବ୍ୟକ୍ତି ଓ ପୁରାତନ ଛାତ୍ରସଂସଦ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମନେ ଯୋଗ ଦେଇଥିଲେ ଓ ଶେଷରେ ପ୍ରାଧ୍ୟାପକ ଡ଼ ସୁନୀଲ ପ୍ରଧାନ ଧନ୍ୟବାଦ ଦେଇଥିଲେ ଓ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ରଞ୍ଜନ ବେହୁରା, ରଞ୍ଜନ ଗାହାଣ, ଅରବିନ୍ଦ ପାଣ୍ଡ?,ସୁଭାଶିଷ ମିଶ୍ର, ଆଲୋକ ସାହୁ, ପ୍ରଦ୍ୟୁମ୍ନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସରୋଜ ନାୟକ, ଜିତେନ୍ଦ୍ର ମଲ୍ଲିକ ଅଧ୍ୟାପିକା ସରୋଜିନୀ ମିଶ୍ର ନିବେଦିତା ପ୍ରଧାନ,ଦେବସ୍ମିତା ତ୍ରିପାଠୀ, ସୋନାଲି ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଲଗାଣ ବର୍ଷାରେ ବ୍ୟାପକ ପରିବା ଫସଲ ନଷ୍ଟ

- ଦର ଆକାଶଛୁଆଁ, ଚିନ୍ତାରେ ଖାଉଟି
- କାମରେ ଲାଗୁନି ସୌରଚାଳିତ ଶୀତଳଭଣ୍ଡାର
- ସ୍ଥାୟୀ ପିଣ୍ଡିକୁ ସ୍ଥାନାନ୍ତର ହେଉନି ଦୈନିକ ବଜାର

ଭୁବନ, ୬।୭(ସମିସ)

କିଛିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷାରେ ପନିପରିବା ଫସଲ ଅମଳ ହ୍ରାସ ପାଇଥିବାବେଳେ ଦର ଆକାଶଛୁଆଁ ହୋଇଛି। ଫଳରେ ଖାଉଟି ଚିନ୍ତାରେ ପଡ଼ିଛନ୍ତି। ଅଧିକାଂଶ ପରିବା ଦର ୮୦ ଟଙ୍କା ଉପରେ ରହିଥିବାରୁ ଲୋକେ ଆବଶ୍ୟକତାଠାରୁ କମ୍ କିଣୁଥିବା ଦେଖିବାକୁ ମିଳୁଛି। ବର୍ଷା ଯୋଗୁଁ ଭୁବନ ଅଞ୍ଚଳର ପରିବା ଫସଲ ନଷ୍ଟ ହୋଇଥିବାରୁ ଏପରି ପରିସ୍ଥିତି ଉପୁଜିଛି। ଯାଜପୁର ବାରବାଟି ପରିବା ଉପରେ ବ୍ୟବସାୟୀ ଓ ଖାଉଟି ନିର୍ଭର କରୁଥିବାବେଳେ ବାହାରୁ ଆସୁଥିବା ପରିବା ଦର ଆକାଶଛୁଆଁ ହୋଇଛି। ଏବେ ହାଟରେ ବିନ୍ କିଲୋ ପିଛା ୧୫୦ଟଙ୍କା, କଞ୍ଚାଲଙ୍କା ୨୦୦, ଝୁଡୁଙ୍ଗ ୧୦୦, ପୋଟଳ ୮୦, ବାଇଗଣ ୬୦, ବିଲାତି ୬୦, ପିଆଜ ୩୦ ରସୁଣ ୩୦୦, ସାରୁ ୮୦, ଭେଣ୍ଡି ୬୦, କଖାରୁ ୪୦, ସଜନା ୧୦୦, ଛଚିନ୍ଦ୍ରା ୬୦, କଲରା ୮୦, କାକୁଡ଼ି ୬୦, କାଙ୍କଡ଼ ୮୦, ଜହ୍ନି କିଲୋ ପିଛା ୬୦ ଟଙ୍କାରେ ବିକ୍ରି ହେଉଛି। ପରିବା ଦର ବୃଦ୍ଧି ଯୋଗୁଁ ଗରିବ ଦିନମଜୁରିଆ କେବଳ ଆଳୁ ପିଆଜରେ କାମ ଚଳାଇବାକୁ ବାଧ୍ୟ ହେଉଛନ୍ତି।

ବ୍ଲକର ୪୦ ପ୍ରତିଶତ ପରିବାର ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ପ୍ରାକୃତିକ ବିପତ୍ତି ଚାଷୀଙ୍କୁ ଅନେକ ସମୟରେ କ୍ଷତି ପହଞ୍ଚାଉଛି। ଅନ୍ୟପଟେ ବ୍ଲକରେ ଥିବା ଏକମାତ୍ର ଶୀତଳଭଣ୍ଡାର ୨୦୦୪ରେ ଜମିଜମା ସହ ବିକ୍ରି ହୋଇଯାଇଥିଲା। ଶୀତଳ ଭଣ୍ଡାର ନ ଥିବାରୁ ଚାଷୀମାନେ ବଳକା ପରିବା ସଂରକ୍ଷଣ କରି ନ ପାରି ଶାଗମାଛ ଦରରେ ବିକ୍ରିକରି କ୍ଷତି ସହୁଛନ୍ତି। ଏଣୁ ପରିବା ଦର ନିୟନ୍ତ୍ରଣ ପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ପ୍ରତି ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ମହୁଲପାଳ ଓ ଅରଖପାଳ ପଞ୍ଚାୟତରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ୫ ଟନ କ୍ଷମତା ବିଶିଷ୍ଟ ସୌର ଚାଳିତ ଶୀତଳଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା। ମହୁଲପାଳ ପଞ୍ଚାୟତ ନୀଳକଣ୍ଠପୁର ଛକରେ ୨୦ ଲକ୍ଷ ବ୍ୟୟରେ ନିର୍ମିତ ଶୀତଳ ଭଣ୍ଡାରକୁ ଗତ ମାସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ। ତେବେ ମାସେ ବିତିଯାଇଥିଲେ ବି ତାହା କାର୍ଯ୍ୟକ୍ଷମ ହେଉନି। ଫଳରେ କାମରେ ଲାଗୁ ନ ଥିବାରୁ ଚାଷୀମାନେ ନିରାଶ ହେଉଛନ୍ତି। ଅପରପକ୍ଷରେ ଭୁବନ ଦୈନିକ ହାଟକୁ ପ୍ରାୟ ୨ ଶହରୁ ଅଧିକ ବ୍ୟବସାୟୀ ଆସୁଥିବାବେଳେ ଏହା ଅସ୍ଥାୟୀ ହାଟ ହୋଇଥିବାରୁ କାମାକ୍ଷାନଗର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କୌଣସି ହାଟରେ ବ୍ୟବସାୟୀଙ୍କ ପାଇଁ ପିଣ୍ଡି ନିର୍ମାଣ କରାଯାଇନାହିଁ। ଫଳରେ ବ୍ୟବସାୟୀ ଖୋଲା ଆକାଶ ତଳେ ଖରା ବର୍ଷାରେ ବସି ପରିବା ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଖୋଲା ଆକାଶ ତଳେ ପରିବା ବିକୁଥିବା ବ୍ୟବସାୟୀ ହାଟ ମାହାସୁଲ୍ ଦେଉଥିଲେ ମଧ୍ୟ ଏମାନଙ୍କ ପାଇଁ କୌଣସି ସୁବିଧା କରାଯାଉ ନାହିଁ। ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ରଗଡ଼ି ଛକରେ ପିଣ୍ଡି ଅଛି, ହେଲେ ବ୍ୟବସାୟୀ ସେଠାକୁ ଯାଉନାହାନ୍ତି।

## ଜିରାଳରେ ହେବ ଜନଶୁଣାଣି

ଭୁବନ, ୬।୭(ସମିସ): ଭୁବନ ବ୍ଲକ ଜିରାଳ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହିବେ। ତେବେ ଗତ ସୋମବାର ଜିରାଳଠାରୁ ମାତ୍ର ୩ କିମି ଦୂର କାମାକ୍ଷାନଗର ବ୍ଲକ ବାଙ୍କୁଆଳ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣିରେ ମାତ୍ର ୨୨ ଜଣ ଅଭିଯୋଗକାରୀ ଉପସ୍ଥିତ ଥିଲେ। ତେଣୁ ଜିରାଳ ଜନଶୁଣାଣିର ସଫଳତା ନେଇ ସନ୍ଦେହ ଉପୁଜିଛି। ଅନ୍ୟପଟେ ଜିରାଳ ପଞ୍ଚାୟତ କାମାକ୍ଷାନଗର ଥାନା ଅଧୀନରେ ଆସୁଥିବା ବେଳେ ଜନଶୁଣାଣି କାର୍ଯ୍ୟକ୍ରମରେ ଶୃଙ୍ଖଳା ରକ୍ଷା ପାଇଁ ଭୁବନ ବିଡିଓଙ୍କ ପକ୍ଷରୁ ଭୁବନ ଥାନାଧିକାରୀଙ୍କୁ ଚିଠିଲେଖି ଅନୁରୋଧ କରାଯାଇଛି।

## ସର୍ଦ୍ଦାର ପଟେଲ୍ ହାଇସ୍କୁଲର ହୀରକ ଜୟନ୍ତୀ

ଢେଙ୍କାନାଳ, ୬।୭(ସମିସ): ଓଡ଼ାପଡ଼ା ବ୍ଲକ ସଦାଶିବପୁର ସର୍ଦ୍ଦାର ପଟେଲ୍ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ପଙ୍କଜ କୁମାର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲ ପ୍ରତିଷ୍ଠାରେ ମୁଖ୍ୟ ପୁରୋଧାମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ସ୍ମରଣୀକା ଉନ୍ମୋଚନ କରାଯାଇଥିଲା। ସ୍କୁଲ ପ୍ରତିଷ୍ଠାରେ ପ୍ରମୁଖ ସାରଥି ସାଜିଥିବା ପ୍ରାକ୍ତନ ଶିକ୍ଷକ ତୀର୍ଥବାସୀ ବରାଳ, ରତ୍ନାକର ପାଣି, ଶିବପ୍ରସାଦ ଶତପଥୀ ଓ ସ୍ୱର୍ଗତ ନାରାୟଣ ପ୍ରଧାନଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନବକୃଷ୍ଣଙ୍କ ଶ୍ରାଦ୍ଧ ଦିବସରେ ନିଶା ନିବାରଣ ଆନ୍ଦୋଳନ ଲାଗି ସଜବାଜ

ଢେଙ୍କାନାଳ, ୬।୭(ସମିସ): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଜିଲ୍ଲାସ୍ତରୀୟ ସାଧାରଣ ସଭା ଗାନ୍ଧୀ ଅଧ୍ୟୟନ କେନ୍ଦ୍ରରେ ଅନ୍ତର୍ଯ୍ୟାମୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଆଗାମୀ ନଭେମ୍ବର ୨୩ ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ସମ୍ମିଳନୀକୁ ସଫଳ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ବର୍ତ୍ତମାନର ସରକାର ୨୦୨୯ ସୁଦ୍ଧା ମଦ ବନ୍ଦ କରିବେ ବୋଲି ନିର୍ବାଚନୀ ଇସ୍ତାହାରରେ କହିଥିଲେ। ତେବେ ସରକାରକୁ ବର୍ଷେ ପୂରିଥିବା ବେଳେ ମଦ ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ପରିବର୍ତ୍ତେ ଅଧିକ ମଦ ବିକ୍ରିକୁ ପ୍ରୋତ୍ସାହନ ଦେଉଛନ୍ତି। ଏଣୁ ଆଗାମୀ ଦିନରେ ନିଶା ନିବାରଣ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ବିଭିନ୍ନ ବ୍ଲକରେ କମିଟି ଗଠନ କରି ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ନଭେମ୍ବର ୨୩ରେ ଭୁବନେଶ୍ୱର ମହାସମାବେଶକୁ ସଫଳ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଶାନ୍ତିଲତା ବେହେରା, ଉର୍ବଶୀ ନାୟକ, ରମେଶ ପଣ୍ଡା, ଖୁଲଣା ମହାଲିକ, ବବିତା ବେହେରା, ମିନତୀ ସାହୁ, ଟିକିଲି ପଣ୍ଡା, ରୁଦ୍ରପ୍ରସାଦ ଶରଣ, ସରୋଜ ଶତପଥୀଙ୍କ ସମେତ ତଥା ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ଓ ଇନ୍ଦୁମତୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଜିଲ୍ଲାରେ ସରକାରଙ୍କ ତରଫରୁ ଡାକ୍ତରଖାନାରେ ନିଶା ନିବାରଣ କେନ୍ଦ୍ର ଓ ନିଶା ଖାଇ ରୋଗାକ୍ରାନ୍ତ ହେଉଥିବା ଲୋକଙ୍କୁ ସରକାରୀ ଚିକିତ୍ସା କରାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ବିନୟ ସାହୁ ଧନ୍ୟବାଦ ଦେଇଥିଲେ।

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ପାଳିତ




ଗଁଦିଆ, ୬।୭(ସମିସ): ଗଁଦିଆ ବ୍ଲକ ଲାଉଲଇର ସ୍ୱେଚ୍ଛାସେବୀ ସଂଗଠନ ପ୍ରିୟ କାର୍ଯ୍ୟାଳୟରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଡା. ନିବେଦିତା ନାୟକ ଯୋଗଦେଇ ଡ. ମୁଖାର୍ଜୀଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଡା. ସାହିଲ ଆଫ୍ରିଦ ଯୋଗଦେଇ ଡ. ମୁଖାର୍ଜୀଙ୍କ ରାଜନୈତିକ ଜୀବନଶୈଳୀ ଉପରେ ଆଲୋଚନା କରିଥିଲେ। ପ୍ରିୟର ନିର୍ଦ୍ଦେଶକ ଟଙ୍କଧର ବାରିକ ସ୍ୱାଗତ ଭାଷଣ ଦେଇ ଡ. ମୁଖାର୍ଜୀଙ୍କ ଫଟୋଚିତ୍ରରେ ମଲ୍ୟାପର୍ଣ ଧୂପଦୀପ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଇଲାନପ୍ରଭା ସେନାପତି, ଅନ୍ନପୂର୍ଣ୍ଣା ଧଳ, ସୋନାଲି ଧଳ, ସ୍ୱାଗତିକା ରାଉତ, ସୌଭାଗ୍ୟଲକ୍ଷ୍ମୀ ତରାଇ, ଲକ୍ଷ୍ମୀପ୍ରିୟା ନାୟକ, ସତ୍ୟପ୍ରକାଶ ନାୟକ, ପର୍ଶୁରାମ ଦାସ, ରବୀନ୍ଦ୍ର କୁମାର ସାମଲ, ପ୍ରକାଶ ସାମଲ ପ୍ରମୁଖ ଯୋଗଦେଇଥିଲେ।

## ସର୍ବୋଦୟ ମଣ୍ଡଳର ବୈଠକ

ଢେଙ୍କାନାଳ, ୬।୭(ସମିସ): ଉତ୍କଳ ସର୍ବୋଦୟ ମଣ୍ଡଳର ଢେଙ୍କାନାଳ ଜିଲ୍ଲା ବୈଠକ ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଗାନ୍ଧୀ ଅଧ୍ୟୟନ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ବୈଠକରେ ସର୍ବୋଦୟ ବିଚାର, ଦର୍ଶନ ଉପରେ ଆଲୋଚନା ହୋଇ ଜିଲ୍ଲାର ସାଙ୍ଗଠନିକ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ସର୍ବୋଦୟ ଦର୍ଶନ ବିଚାରର ପ୍ରଚାର ପ୍ରସାରକୁ ତ୍ୱରାନିତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଛି। ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ ଗତ ମେ ୧୦ ତାରିଖ କାମାକ୍ଷାନଗରସ୍ଥିତ ବାଲିଗୋରଡ଼ ଗ୍ରାମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସର୍ବୋଦୟ ମଣ୍ଡଳ ସମ୍ମିଳନୀର ବିବରଣୀ ପାଠ କରିବା ସହ ଖର୍ଚ୍ଚର ହିସାବ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ସର୍ବୋଦୟ ପତ୍ରିକାର ସମ୍ପାଦକ ଇନ୍ଦୁମତୀ ସାହୁ, ଜିଲ୍ଲା ସଂଯୋଜକ ସରୋଜ ଶତପଥୀ, ଡ. ତୁଷାରକାନ୍ତି ନାୟକ, ବିନୟ ସାହୁ, ରୁଦ୍ରପ୍ରସାଦ ଶରଣ, ଡ. ଭବାନୀ ଶଙ୍କର ମିଶ୍ର, ବନୀତା ସାମଲ, ଉର୍ବଶୀ ନାୟକ, ଶାନ୍ତିଲତା ବେହେରା, ଟିକିଲି ପଣ୍ଡା, ବବିତା ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜୟନ୍ତ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

- ଫାଇଲେରିଆ ନିରାକରଣ ସମ୍ପର୍କିତ ବୈଠକ

## ଅଗଷ୍ଟ ୧୦ରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ




ଢେଙ୍କାନାଳ, ୬।୭(ସମିସ): ଢେଙ୍କାନାଳ ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ଫାଇଲେରିଆ ନିରାକରଣ ସମ୍ପର୍କିତ ଆନ୍ତଃ କ୍ଷେତ୍ରୀୟ ସମନ୍ୱୟ ବୈଠକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଫାଇଲେରିଆ ନିରାକରଣ ନିମନ୍ତେ ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ୭ଟି ସ୍ଥାନରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲାର ଭୁବନ, ପରଜଙ୍ଗ, ହିନ୍ଦୋଳ, ସଦର ବ୍ଲକ ସମେତ କାମାକ୍ଷାନଗର, ହିନ୍ଦୋଳ, ପରଜଙ୍ଗ ଏନଏସି ଓ ଢେଙ୍କାନାଳ ପୌରାଞ୍ଚଳରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏସଏସଜି ଗ୍ରୁପ, ଗ୍ରାମାଞ୍ଚଳର ଜନପ୍ରତିନିଧିମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାପାଳ କହିଥିଲେ। ଏହାସହ ଡେଙ୍ଗୁ ମୁକାବିଲା ନିମନ୍ତେ ସଚେତନତା ସୃଷ୍ଟି, ପାଣି ଜମିରହିବାକୁ ନ ଦେବା, ପ୍ଲାଷ୍ଟିକ ବ୍ୟର୍ଜ୍ୟବସ୍ତୁକୁ ଠିକ ଭାବେ ଘୋଡ଼ାଇ ରଖିବାକୁ ପରାମର୍ଶ ଦେଇଥିଲେ।

## ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ଚାରାରୋପଣ



ଢେଙ୍କାନାଳ, ୬।୭(ସମିସ): ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଫରେଷ୍ଟ ପାର୍କ ସମ୍ମୁଖ ଜିଏସଟି ଅଫିସ ନିକଟରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଏକ ଭ୍ରାମ୍ୟମାଣ ଚାରା ବଣ୍ଟନ ଗାଡ଼ିର ଶୁଭାରମ୍ଭ କରିଥିଲେ।

## ଆଖୁଚାଷ ସମ୍ପର୍କିତ ଆଲୋଚନାଚକ୍ର




ଭୁବନ, ୬।୭(ସମିସ): ଭୁବନ ଏନ୍‌ଏସି କାଳୀବଜାରସ୍ଥିତ ଏକ ହୋଟେଲ କନଫରେନ୍ସ ହଲରେ ଆଇପିଏଲ ପକ୍ଷରୁ ଆଖୁଚାଷ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କଟକ ଜିଲ୍ଲା କେନ ସେଲସ ଅଧିକାରୀ ରାଜୀବ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଆଖୁଚାଷୀ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସ, ମୁଖ୍ୟବକ୍ତା ଭାବେ ଆଇପିଏଲ ଜେନେରାଲ ମ୍ୟାନେଜର ୟୁଏନ ସିଂହ, ସମ୍ମାନିତ ଅତିଥି ଭାବେ ସଞ୍ଜୀବ କୁମାର ସିହ୍ନା, ଅରୁଣ କୁମାର ପାଣିଗ୍ରାହୀ, ଦୁର୍ଗାପ୍ରସାଦ ଦ୍ୱିବେଦୀ, ଆଖୁବିଭାଗ ମୁଖ୍ୟ ରାଜେଶ ସିହ୍ନା, ବିଶ୍ୱକଲ୍ୟାଣୀ ବେହେରା, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଭୁବନ ଆମ୍ବ କମିଟି ସଭାପତି ଜଗବନ୍ଧୁ ପୃଷ୍ଟି ଯୋଗଦେଇ ଆଇପିଏଲ ସାର ପ୍ରୟୋଗ, ଆଖୁଚାଷର ରୋଗପୋକ, ଚିନି ଉତ୍ପାଦନ ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଢେଙ୍କାନାଳ ୟୁନିଟ୍ ସେଲସ ଅଧିକାରୀ ରତ୍ନାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନ, ସୁକିନ୍ଦା ବ୍ରାହ୍ମଣୀ, ରାମିଆଳ, ଡମଶାଳ ଓ ପାଣ୍ଡରା ନଦୀ କୂଳରେ ଆଖୁଚାଷ କରୁଥିବା ଚାଷୀଙ୍କ ସମସ୍ୟା ବୁଝିଥିଲେ। ସମସ୍ୟା ସମାଧାନ ନିମନ୍ତେ ଆଲୋଚନା ହୋଇଥିଲା। ଡମ୍ବୁରୁଧର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା।

## ୟୁକୋ ବ୍ୟାଙ୍କ ପକ୍ଷରୁ ପରିପୂର୍ତ୍ତି ଅଭିଯାନ



ଢେଙ୍କାନାଳ, ୬।୭(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତ ବଉଳପୁର ଗ୍ରାମରେ କଲ୍ୟାଣ ମଣ୍ଡପରେ ବନସୁରକ୍ଷା ଯୋଜନା ଅଧୀନରେ ୟୁକୋ ବ୍ୟାଙ୍କ ପକ୍ଷରୁ ପରିପୂର୍ତ୍ତିରି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ଏସ୍‌ଏଲ୍‌ବିସି ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ୟୁକୋ ବ୍ୟାଙ୍କ କଟକ ମୁଖ୍ୟ କାର୍ଯ୍ୟାଳୟ ମୁଖ୍ୟ ପ୍ରବନ୍ଧକ ରଶ୍ମିରଞ୍ଜନ ମହାପାତ୍ର, ନାବାର୍ଡ ଡିଡିଏମ୍ ପ୍ରଶାନ୍ତ କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ ଏବଂ ସଦାଶିବପୁର ସରପଞ୍ଚ ଧରିତ୍ରୀ ମଲ୍ଲିକ ଯୋଗଦେଇଥିଲେ। ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଦେବାଶିଷ କୁଣ୍ଡୁ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଖାତା ଖୋଲିବା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ନାମାଙ୍କନ, ନିଷ୍କ୍ରିୟ ହୋଇଥିବା ଖାତାର ପୁନଃ ପ୍ରମାଣୀକରଣ, ଡିଜିଟାଲ୍ ଧୋକାଧାଡ଼ି, ଅନକ୍ଲେମ୍ଡ ଜମାରାଶି ଏବଂ ଅଭିଯୋଗ ସମାଧାନ ବିଷୟରେ ସଚେତନତା ଇତ୍ୟାଦି ବିଷୟରେ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଇବା ଉପରେ ଆଲୋଚନା ହୋଇଥିଲା। ୟୁକୋ ବ୍ୟାଙ୍କ୍ ସଦାଶିବପୁର ଶାଖା ପ୍ରବନ୍ଧକ ସ୍ନେହାପ୍ରଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଟ୍ରାକ୍ଟ କ୍ଲବ୍ ପକ୍ଷରୁ ଜଳ ବିତରଣ ସେବା




ଢେଙ୍କାନାଳ, ୬।୭(ସମିସ): ସ୍ଥାନୀୟ ବାଜିଚୌକସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ରୋଟ୍ରାକ୍ଟ କ୍ଲବ୍ ପକ୍ଷରୁ ଶ୍ରଦ୍ଧାଳୁ ଓ ସେବକମାନଙ୍କୁ ଗ୍ଲୁକୋଜ୍ ଜଳ ବିତରଣ କରାଯାଇଛି। ଯୁବରାଜ ଅମରଜ୍ୟୋତି ସିଂହଦେଓ, ରୋଟାରୀ କ୍ଲବ୍ ସଭାପତି ରୋଟାରିଆନ୍ ସାଗରିକା ମିଶ୍ର, ରୋଟ୍ରାକ୍ଟ କ୍ଲବ୍ ଅଧ୍ୟକ୍ଷ ରୋଟାରିଆନ୍ ରାଜକିଶୋର ବେହେରା, ଅଭିମନ୍ୟୁ ସାହୁ, ରୋଟ୍ରାକ୍ଟର ଡିଷ୍ଟ୍ରିକ୍ଟ ପ୍ରତିନିଧି ପ୍ରତ୍ୟୁଷ ସାହା, ପ୍ରଫେସର ହରେକୃଷ୍ଣ କର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ସେବା ଶିବିରକୁ ଶୁଭାରମ୍ଭ କରିଥିଲେ। ଅତିଥିମାନେ ରୋଟ୍ରାକ୍ଟ କ୍ଲବ୍‌ର ଏହି ସେବା କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ଦାୟିତ୍ୱ ନିର୍ବାହ କରୁଥିବା ପୁଲିସ କର୍ମଚାରୀ, ଏନ୍‌ସିସି କ୍ୟାଡେଟ, ମହାରଣା ସେବକ, ବୁଲା ବିକାଳିଙ୍କୁ ଗ୍ଲୁକୋଜ ଜଳ ଯୋଗାଇ ଦିଆଯାଇଛି। ରୋଟ୍ରାକ୍ଟ କ୍ଲବ୍ ସଭାପତି ପ୍ରେମଜିତ୍ ରାଜ ଓ ଅବିନାଶ ସାହୁ ଶିବିର ପରିଚାଳନା କରିଥିଲେ। ସଦସ୍ୟ ଅମିଷା, ପୁଷ୍ପାଞ୍ଜଳି, ସ୍ୱପ୍ନା, ପ୍ରଜ୍ଞା, ବିନୟ, ଇନ୍ଦ୍ରଜିତ୍, ଅନିଶ୍, ରଞ୍ଜନ, ସୌମ୍ୟବ୍ରତ ଏବଂ ସ୍ଥାନୀୟ ଭେଙ୍କଟେଶ୍ୱର ବିଦ୍ୟାଳୟ ଅଧ୍ୟକ୍ଷା ସୁଶୀଳା ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

## କୋଠାଘରେ ପଶିଗଲା ହାତୀ



ଗଁଦିଆ, ୬।୭(ସମିସ)

ଢେଙ୍କାନାଳ ବନଖଣ୍ଡ ଷଡ଼ଙ୍ଗୀ ବାନାଞ୍ଚଳ ଖଙ୍କିରା ସେକ୍ସନ ବେଗା ପଞ୍ଚାୟତ ବଡ଼ପୋଖରିଆ ଗ୍ରାମର ରଞ୍ଜନ ସାହୁଙ୍କ କୋଠାଘର ଗ୍ରୀଲ ଭାଙ୍ଗି ଶନିବାର ରାତି ୧୧ଟାରେ ଏକ ଦନ୍ତାହାତୀ ପଶି ତାଣ୍ଡବଲୀଳା କରିଛି। ହାତୀ ଦୀର୍ଘ ସମୟ ଆତଙ୍କ ସୃଷ୍ଟି କରିବା ସହ ୫ ବସ୍ତା ଚାଉଳ ଓ ୪ ବସ୍ତା ଧାନ ଖାଇ ଘରର ବହୁ ସାମଗ୍ରୀ ଭାଙ୍ଗିଦେଇଚି। ତେବେ ବହୁ କଷ୍ଟରେ ହାତୀ ଘରୁ ବାହାରିଥିଲା।

ଖଙ୍କିରା ବ୍ରାହ୍ମଣ ତଇଳାରେ ଟ୍ରେଞ୍ଚ ଖୋଳା ହୋଇ ନ ଥିବା ବେଳେ ଏହି ହାତୀ ଦୀର୍ଘଦିନ ଧରି ଚଳପ୍ରଚଳ କରୁଛି। ବଡ଼ପୋଖରିଆ ଗ୍ରାମରେ ପ୍ରବେଶ କରି ଆତଙ୍କ ସୃଷ୍ଟି କରୁଛି। ଟ୍ରେଞ୍ଚ ଖୋଳିବା ପାଇଁ ବହୁବାର ଅଭିଯୋଗ ହୋଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଏହି ବାଟଦେଇ ବିଭିନ୍ନ ସମୟରେ ବନ୍ୟଜନ୍ତୁ ଜଙ୍ଗଲରୁ ବାହାରି ଅଞ୍ଚଳବାସୀଙ୍କୁ ହଇରାଣ ଓ ଭୟଭିତ କରୁଛନ୍ତି। ଧାନବୁଣା ତଥା ତଳିପକାଠାରୁ ଅମଳ ପର୍ଯ୍ୟନ୍ତ ସ୍ଥାନୀୟ ଚାଷୀମାନେ ହଇରାଣ ହେବା ସହ ଫସଲକୁ ବନ୍ୟଜନ୍ତୁ ଦାଉରୁ ରକ୍ଷା କରିବା ପାଇଁ ରାତି ଅନିଦ୍ରା ହେବାକୁ ବାଧ୍ୟ ହେଉଛନ୍ତି। ଦୀର୍ଘଦିନ ଧରି ଖଙ୍କିରା ଫରେଷ୍ଟ ବିଟ୍ ଭୂତକୋଠିରେ ପରିଣତ ହୋଇଛି। ଏଠାରେ ନିଯୁକ୍ତ ଫରେଷ୍ଟର ଛୋଟ ତେନ୍ତୁଳିରେ ରହୁଥିବାରୁ ଖଙ୍କିରା ଅଞ୍ଚଳରେ ବନବିଭାଗ କିପରି କାର୍ଯ୍ୟ କରୁଥିବ ତାହା ବେଶ୍ ଅନୁମେୟ। ଧର୍ମକୁ ଆଖିଠାର ଭଳି ହାତଗଣତି ୪/୫ ଜଣ ହାତୀ ଘଉଡ଼ା ସ୍କ୍ୱାଡ୍‌କୁ ନେଇ ଚାଲିଛି ବନବିଭାଗର କାର୍ଯ୍ୟ। ଆହୁରି ମଧ୍ୟ ଉପଯୁକ୍ତ ପରିମାଣର ଟର୍ଚ୍ଚ ଲାଇଟ ଓ ବାଣ ଯୋଗାଇ ଦିଆଯାଇ ନ ଥିବାରୁ ନାନା ସମସ୍ୟା ଉପୁଜୁଛି। ଏ ବାବଦରେ ସରପଞ୍ଚ ରାହୁଲରାୟ ମହାଲିକ ଗଁଦିଆ ପଞ୍ଚାୟତ ସମିତି ବୈଠକରେ ଆଲୋଚନା କରିବା ସହ ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା ଫଳ ଶୂନ। ଏ ଦିଗରେ ଜିଲ୍ଲାପାଳ, ବନଖଣ୍ଡ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ଘୋଷକ ଅମୀୟ ଚାନ୍ଦଙ୍କୁ ଏଜିଂ ୱିଥ୍ ଡିଗ୍ନିଟି ଇଭେଣ୍ଟ ସମ୍ମାନ



ଢେଙ୍କାନାଳ, ୬।୭(ସମିସ): ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ତରଫରୁ ଏଜିଂ ୱିଥ୍ ଡିଗ୍ନିଟି ଇଭେଣ୍ଟର ଏକ କାର୍ଯ୍ୟକ୍ରମ ରାଷ୍ଟ୍ରପତି ଭବନରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଦେଶର ଖ୍ୟାତିସମ୍ପନ୍ନ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଓଡ଼ିଶାର ବରିଷ୍ଠ ଅନ୍ତର୍ଜାତୀୟ କ୍ରୀଡ଼ା ଘୋଷକ ଅମୀୟ ଚାନ୍ଦ ଯୋଗଦେଇଥିଲେ। ଏହି ଅବସରରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିପୂର୍ବରୁ ଚାନ୍ଦଙ୍କୁ ମହାତ୍ମା ଗାନ୍ଧୀ ଗ୍ଲୋବାଲ୍ ଆୱାର୍ଡ (ଲଣ୍ଡନ), ଇଣ୍ଟର୍‌ନ୍ୟାସନାଲ୍ ଏକ୍ସିଲେନ୍ସି (କଲୋମ୍ବୋ), ଭାରତରତ୍ନ ଏପିଜେ ଅବ୍‌ଦୁଲ୍ କଲାମ୍ ଆୱାର୍ଡ (ଦିଲ୍ଲୀ), ଭାରତ ଗୌରବ ଆୱାର୍ଡ (ଦିଲ୍ଲୀ), ଗ୍ଲୋରି ଅଫ୍ ଇଣ୍ଡିଆ ସ୍ୱର୍ଣ୍ଣପଦକ (ଦିଲ୍ଲୀ) ଓ ୨୦୧୭ରେ ବେଷ୍ଟ ସିଟିଜେନ୍ ଅଫ୍ ଇଣ୍ଡିଆ ସମ୍ମାନ ପ୍ରଦାନ କରାଯାଇଥିଲା।

## ସୁପ୍ରିମକୋର୍ଟରେ ବିହାର ଭୋଟର ତାଲିକା ବିବାଦ

ନୂଆଦିଲ୍ଲୀ,୬।୭(ଏଜେନ୍ସି): ବିହାରରେ ନିର୍ବାଚନ ବିଗୁଲ ବାଜିବା ପୂର୍ବରୁ ନୂଆ ସଂଘର୍ଷ ଆରମ୍ଭ ହୋଇଛି। ଭୋଟର ତାଲିକାର ଯାଞ୍ଚକୁ ନେଇ ଆରମ୍ଭ ହୋଇଛି ଏହି ସଂଘର୍ଷ। ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟାକୁ ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର ବିରୋଧକରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଆଧାର କାର୍ଡକୁ ବୈଧ ପରିଚୟ ପତ୍ର ଭାବେ ମାନ୍ୟତା ମିଳିଥିବା ବେଳେ ନିର୍ବାଚନ କମିଶନ ଏହାକୁ ଭୋଟର ତାଲିକା ଯାଞ୍ଚ ବେଳେ ପରିଚୟ ପତ୍ର ଭାବେ ଗ୍ରହଣ କରିନାହିଁ। ଏ ନେଇ ପ୍ରକାଶିତ ହୋଇଥିବା ତାଲିକାରେ ଆଧାର କାର୍ଡକୁ ସାମିଲ କରାଯାଇନାହିଁ। ଏହାକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛି। ଏ ନେଇ ମହୁଆ ସୁପ୍ରିମକୋର୍ଟରେ ଅନୁଚ୍ଛେଦ ୩୨ ଅନୁସାରେ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଜୁନ୍ ୨୪ରେ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶକୁ ରଦ୍ଦ କରିବାକୁ ଏଥିରେ ଦାବି କରାଯାଇଛି। କମିଶନଙ୍କ ଆଦେଶ ସମ୍ବିଧାନ ଅନୁଚ୍ଛେଦର ଉଲ୍ଲଂଘନ ବୋଲି ମହୁଆ ଆବେଦନରେ ଉଲ୍ଲେଖ କରାଯାଇଛି। ପୂର୍ବରୁ ଏକାଧିକ ବାର ମତଦାନ କରିଥିବା ବ୍ୟକ୍ତିଙ୍କୁ ଏଥର ନାଗରିକତା ପ୍ରମାଣ କରିବାକୁ ପରୋକ୍ଷରେ କୁହାଯାଉଛି। ତେଣେ କମିଶନ ଏହି ପ୍ରକ୍ରିୟାକୁ ଅନ୍ୟ ରାଜ୍ୟରେ ଲାଗୁ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପଶ୍ଚିମବଙ୍ଗରେ ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ବିରୋଧୀ ଏହି ପ୍ରକ୍ରିୟାକୁ ବନ୍ଦ କରିବାକୁ ଅଣ୍ଟା ଭିଡିଛନ୍ତି। ସେପଟେ ଆସୋସିଏସନ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ମଧ୍ୟ ଏହି ପ୍ରକ୍ରିୟାକୁ ବିରୋଧ କରି ପୂର୍ବରୁ ସୁପ୍ରିମକୋର୍ଟଙ୍କ ଦ୍ୱାରାସ୍ଥ ହୋଇଛି। ଏହାଦ୍ୱାରା ବିହାରରେ ଲକ୍ଷାଧିକ ଲୋକ ମତଦାନରୁ ବଞ୍ଚିତ ହେବେ ବୋଲି ଏଡିଆର ତାର ଆବେଦନରେ ଉଲ୍ଲେଖ କରିଛି। ଏହା ମଧ୍ୟରେ ଆରଜେଡି ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆରଜେଡି ଏମ୍‌ପି ମନୋଜ ଝା କମିଶନଙ୍କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଛନ୍ତି। ପିପୁଲ୍ସ ୟୁନିଅନ ଫର ସିଭିଲି ଲିବରଟିଜ୍ (ପିୟୁସିଏଲ୍) ଭଳି ରାଜ୍ୟର ଏକାଧିକ ସିଭିଲ ସୋସାଇଟି ଗ୍ରୁପ୍ ଓ ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବ ମଧ୍ୟ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଯୁଦ୍ଧ ପରେ ପ୍ରଥମଥର ପାଇଁ ସାମ୍ନାକୁ ଆସିଲେ ଖାମ୍‌ନେଇ

ତେହେରାନ୍,୬।୭(ଏଜେନ୍ସି): ଇସ୍ରାଏଲ ବିପକ୍ଷ ଯୁଦ୍ଧର ପାଖାପାଖି ମାସେ ପରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମନେଇ ପ୍ରଥମଥର ପାଇଁ ସର୍ବସମ୍ମୁଖରେ ଦେଖା ଦେଇଛନ୍ତି। ରାଜଧାନୀ ତେହେରାନ୍‌ରେ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସେ ସମସ୍ତଙ୍କ ସାମ୍ନାକୁ ଆସିଛନ୍ତି। ସେ ମୁସଲମାନଙ୍କ ସିୟା ସମ୍ପ୍ରଦାୟର ଧାର୍ମିକ କାର୍ଯ୍ୟରେ ଯୋଗ ଦେବା ସହ ସମର୍ଥକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ୮୬ ବର୍ଷୀୟ ଖାମନେଇଙ୍କୁ ନିଜ ଗହଣରେ ପାଇ ସମର୍ଥକମାନେ ବେଶ୍ ଉତ୍ସାହିତ ହେବା ସହ ତାଙ୍କ ସମର୍ଥନରେ ସ୍ଲୋଗାନମାନ ଦେଇଥିଲେ। ଆମ ଧମନୀ ତଥା ଶିରାପ୍ରସିରାରେ ଖାମନେଇଙ୍କ ପାଇଁ ରକ୍ତ ପ୍ରବାହିତ ହେଉଛି ବୋଲି ସମର୍ଥକମାନେ ସ୍ଲୋଗାନ ଦେଇ କହିଥିଲେ। ଇସ୍ରାଏଲ ଓ ଇରାନ ମଧ୍ୟରେ ୧୨ ଦିନର ଯୁଦ୍ଧ ଅବସରରେ ସେ ନିରାପଦ ସ୍ଥାନରେ ଲୁଚି ରହିଥିଲେ।

## ବ୍ରିଟିଶ୍ ଜେଟ୍‌କୁ ସଜାଡ଼ିବା ପାଇଁ ଆସିଲେ ୪୦ ଇଞ୍ଜିନିୟର

ତିରୁଅନନ୍ତପୁରମ,୬।୭(ଏଜେନ୍ସି): ବ୍ରିଟିଶ ଫାଇଟର ଜେଟ୍ ଏଫ୍-୩୫ ଠିକ୍ କରିବା ପାଇଁ ବ୍ରିଟେନରୁ ୪୦ ଇଞ୍ଜିନିୟର ରବିବାର ଭାରତ ପହଞ୍ଚିଛନ୍ତି। ବିମାନକୁ ଏଠାରେ ସଜଡ଼ାଯିବ କି ବ୍ରିଟେନ ନିଆଯିବ ସେ ନେଇ ଇଞ୍ଜିନିୟରଙ୍କ ଏହି ଦଳ ନିଷ୍ପତ୍ତି ନେବ। ଜୁଲାଇ ୨ରେ ଏହି ଦଳ ଭାରତ ଆସିବାର କାର୍ଯ୍ୟକ୍ରମ ଥିଲା। ଜୁନ୍ ୧୪ରେ ଏହି ଫାଇଟର ଜେଟ୍ କେରଳର ତିରୁଅନନ୍ତପୁରମ ବିମାନ ବନ୍ଦରରେ ଜରୁରୀ ଅବତରଣ କରିଥିଲା। ଅବତରଣ ପରେ ବିମାନରେ ବୈଷୟିକ ତ୍ରୁଟି ଦେଖିବାକୁ ମିଳିଥିଲା। ଫଳରେ ଏହି ବିମାନ ଫେରିପାରି ନଥିଲା। ଗତ ୧୩ ଦିନ ହେବ ୯୧୮ କୋଟିର ଏହି ବିମାନ ଏୟାରପୋର୍ଟରେ ଛିଡା ହୋଇଛି।

## ଦଲାଇଲାମା ଉତ୍ତରାଧିକାରୀ ଚୟନ କରିପାରିବେ ନାହିଁ: ଚୀନ୍

ନୂଆଦିଲ୍ଲୀ,୬।୭(ଏଜେନ୍ସି): ବୌଦ୍ଧ ଧର୍ମଗୁରୁ ଦଲାଇଲାମା ତାଙ୍କର ଉତ୍ତରାଧିକାରୀ ଚୟନ କରିପାରିବେ ନାହିଁ। ଏହି କଥା କହିଛନ୍ତି ଭାରତରେ ଅବସ୍ଥାପିତ ଚୀନ୍ ରାଜଦୂତ ସୁ ଫେଇହୋଙ୍ଗ୍। ସେ କହିଛନ୍ତି ଯେ, ୧୪ତମ ଦଲାଇଲାମା ଐତିହାସିକ ଓ ଧାର୍ମିକ ପରମ୍ପରାର ଅଂଶବିଶେଷ। 'ଦଲାଇଲାମାଙ୍କ ପୁନର୍ଜନ୍ମ ତାଙ୍କଠାରୁ ଆରମ୍ଭ ହୋଇ ନ ଥିଲା ବା ତାଙ୍କ ପାଇଁ ଶେଷ ମଧ୍ୟ ହୋଇପାରିବ ନାହିଁ। ପରମ୍ପରା ଜାରି ରଖିବା ବା ଶେଷ କରିବା କାର୍ଯ୍ୟ ଦଲାଇଲାମାଙ୍କ ହାତରେ ନାହିଁ। ପୁନର୍ଜନ୍ମ ପରମ୍ପରା ନେଇ ସେ ଏକା ନିଷ୍ପତ୍ତି ନେଇପାରିବେ ନାହିଁ'।

## ହତ୍ୟା ମାମଲାରେ ଆପ୍ ବିଧାୟକ ଗିରଫ

ଅହମଦାବାଦ୍,୬।୭(ଏଜେନ୍ସି): ହତ୍ୟା ଉଦ୍ୟମ ମାମଲାରେ ଗୁଜରାଟର ଆପ୍ ବିଧାୟକ ଚଇତାର ଭସଭା ଗିରଫ ହୋଇଛନ୍ତି। ନର୍ମଦା ଜିଲ୍ଲାର ଦେଡିଆପଡାର ତଲୁକା ପଞ୍ଚାୟତର ଜଣେ ଅଧିକାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ତାଙ୍କୁ ପୁଲିସ ଗିରଫ କରିଛି। ଶନିବାର ସନ୍ଧ୍ୟାରେ ଏକ ବୈଠକରେ ଯୁକ୍ତିତର୍କ ତଥା କଥା କଟାକଟି ହେବା ପରେ ସେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ କୋର୍ଡିନେସନ କମିଟିରେ ତାଙ୍କ ନୋମିନିଙ୍କୁ ସ୍ଥାନ ନ ମିଳିବାର ଭସଭା ଉତ୍କ୍ଷିପ୍ତ ହୋଇ ଆକ୍ରମଣ କରିଥିଲେ ବୋଲି ଏଫ୍ଆଇଆରରେ ଉଲ୍ଲେଖ କରାଯାଇଛି। ସେପଟେ ଏହି ଗିରଫଦାରୀକୁ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ନିନ୍ଦା କରିଛନ୍ତି।

## କ୍ରାଇମ୍ କ୍ୟାପିଟାଲରେ ପରିଣତ ହେଲାଣି ପାଟନା: ରାହୁଲ

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କ ହତ୍ୟା ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିହାରର ନୀତୀଶ କୁମାରଙ୍କ ସରକାରକୁ ତୀବ୍ର ସମାଲୋଚନା କରିଛନ୍ତି। ରାଜଧାନୀ ପାଟନା ଏବେ କ୍ରାଇମ୍ କ୍ୟାପିଟାଲରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ଯାଇଛି। ଏନଡିଏ ସରକାର ପାଟନାକୁ ଅପରାଧିଙ୍କ ଚରାଭୂଇଁରେ ପରିଣତ କରି ଦେଇଛନ୍ତି। ବିହାରରେ ବର୍ତ୍ତମାନ ଲୁଟ୍, ଗୁଳି ଚାଳନା, ହତ୍ୟା ସାଧାରଣ ଅପରାଧରେ ପରିଣତ ହୋଇଛି। ଅପରାଧକୁ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ରାହୁଲ କହିଛନ୍ତି। ଉଲ୍ଲେଖଥାଉ କି, ମଗଧ ହସ୍ପିଟାଲର ମାଲିକ ଗୋପାଳ ଖେମ୍‌କାଙ୍କୁ ଶୁକ୍ରବାର ରାତି ୧୧.୪୦ରେ ନିଜ ଆପାର୍ଟମେଣ୍ଟର ଗେଟ୍ ସମ୍ମୁଖରେ ଗୁଳି କରି ହତ୍ୟା କରାଯାଇଥିଲା। ଏହାକୁ ନେଇ ବିହାରରେ ହଇଚଇ ସୃଷ୍ଟି ହୋଇଛି।



# ଟ୍ରମ୍ପଙ୍କୁ ଖୋଲା ଚ୍ୟାଲେଞ୍ଜ ଦଳ ଗଢ଼ିଲେ ଏଲନ୍ ମସ୍କ

**ରିପବ୍ଲିକାନ୍ ଓ ଡେମୋକ୍ରାଟ୍ ଉଭୟ ଭ୍ରଷ୍ଟ**
**୨ ଦଳୀୟ ବ୍ୟବସ୍ଥାକୁ ଭାଙ୍ଗିବ ଆମେରିକା ପାର୍ଟି**

ୱାସିଂଟନ, ୬।୭ (ଏଜେନ୍ସି): ବ୍ୟବସାୟ, ରାଜନୀତି, ନେତାଙ୍କୁ ସମର୍ଥନ, ମନ୍ତ୍ରୀପଦ, ସରକାରୀ ନିଷ୍ପତ୍ତିକୁ ବିରୋଧ, ବିବାଦ, ଇସ୍ତଫା ପରେ ପୁଣି ରାଜନୀତିରେ ସାମିଲ ହେବା ଘଟଣା ଆମେରିକାରେ ଚହଳ ପକାଇ ଦେଇଛି। ଶିଳ୍ପପତି ଏଲନ ମସ୍କଙ୍କ ସହ ଏଭଳି ଘଟଣା ଘଟିଛି। ବନ୍ଧୁତା ବଇରୀ ପାଲଟି ଯାଇଛି। ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ କରି ଆର୍ଥିକ ସହାୟତା ଦେଇଥିବା ମସ୍କ ବିବାଦ ପରେ ରାଷ୍ଟ୍ରପତିଙ୍କ ଠାରୁ ଦୂରେଇ ଯାଇଛନ୍ତି। ଶତ୍ରୁତା ଏତେ ବଢ଼ି ଯାଇଛି ଯେ ଖୋଲାଖୋଲି ଭାବେ ଟ୍ରମ୍ପଙ୍କୁ ବିରୋଧ କରି କ୍ଷମା ମାଗିବାକୁ ପଛାଇ ନାହାନ୍ତି। ଟ୍ରମ୍ପ ମଧ୍ୟ ତାଙ୍କୁ ଧମକ ଦେଇଛନ୍ତି। ଟେସ୍‌ଲା ମାଲିକଙ୍କୁ ଦକ୍ଷିଣ ଆଫ୍ରିକା ପଠାଇ ଦେବେ ବୋଲି ମଧ୍ୟ କହିଛନ୍ତି। ଏପରି ସମୟରେ ଆମେରିକା ରାଷ୍ଟ୍ରପତିଙ୍କୁ ଜବାବ ଦେବା ଲାଗି ଅରବପତି ଏଲନ ମସ୍କ ଶନିବାର ନୂଆ ରାଜନୈତିକ ଦଳ ଗଠନ କରିବାକୁ ଘୋଷଣା କରିଛନ୍ତି। ସେ ଏହାର ନାମ 'ଆମେରିକା ପାର୍ଟି' ରଖିଛନ୍ତି। ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏକ୍ସରେ ମସ୍କ ଏହି ସୂଚନା ଦେଇଛନ୍ତି।

ମସ୍କ ଏହି ଘୋଷଣା କରି ଦେଶର ବର୍ତ୍ତମାନର ରାଜନୈତିକ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ସେ ଦେଶରେ ଏକ ଦଳୀୟ ବ୍ୟବସ୍ଥା ଚାଲିଥିବା ଉଲ୍ଲେଖ କରିଛନ୍ତି। ଆମେ ଗଣତନ୍ତ୍ରରେ ନୁହେଁ, ବରଂ ଏକ ଦଳୀୟ ବ୍ୟବସ୍ଥାରେ ରହୁଛେ। ଦେଶକୁ ବର୍‌ବାଦ କରି ଦେବାଳିଆ କରିଦିଆଯାଉଛି। ଏବେ ଆମେ ଏକଦଳୀୟ ବ୍ୟବସ୍ଥାକୁ ଭାଙ୍ଗିବାକୁ ଯାଉଛୁ। ମସ୍କ ଘୋଷଣା କରିଛନ୍ତି ଯେ ଆଜି ଆମେରିକା ପାର୍ଟି ଗଠନ କରାଯାଇଛି। ଲୋକଙ୍କୁ ପୁଣିଥରେ ସ୍ୱାଧୀନତା ଫେରାଇ ଦେବାକୁ ଏହି ନିଷ୍ପତ୍ତି ନିଆଯାଇଛି। ଏହାକୁ ନେଇ ସେ ଏକ୍ସରେ ସର୍ଭେ ମଧ୍ୟ କରିଥିଲେ। ଏଥିରୁ ୬୬% ଲୋକ ନୂଆ ରାଜନୈତିକ ଦଳ ଚାହୁଁଥିବା ଜଣାପଡ଼ିଛି। ଏବେ ଲୋକଙ୍କ ଇଚ୍ଛା ପୂରଣ ହେବ। ରପବ୍ଲିକାନ ଏବଂ ଡେମୋକ୍ରାଟ ପାର୍ଟି ଆମେରିକାକୁ ବର୍‌ବାଦ ଏବଂ ଦୁର୍ନୀତିର ଗନ୍ତାଘର କରିଦେଇଛନ୍ତି। ଏବେ ଦେଶକୁ ଦୁଇ ଦଳୀୟ ବ୍ୟବସ୍ଥାରୁ ସ୍ୱାଧୀନତା ମିଳିବ। ଟ୍ରମ୍ପଙ୍କ ସହ ବିବାଦ ମଧ୍ୟରେ ମସ୍କ ଏଭଳି ଘୋଷଣା କରିଛନ୍ତି।

ଏହା ପୂର୍ବରୁ ଆମେରିକା ସ୍ୱାଧୀନତା ଦିବସ ଅବସରରେ ମସ୍କ ଏକ୍ସରେ ଏକ ସର୍ଭେ କରାଇ ଥିଲେ। ଏଥିରେ ଦୁଇ ଦଳୀୟ ବ୍ୟବସ୍ଥାରୁ ସ୍ୱାଧୀନତା ଚାହୁଁଛନ୍ତି କି ନାହିଁ ଏବଂ ଆମେରିକା ପାର୍ଟି ଗଠନ କରିବା ଉଚିତ କି ବୋଲି ପଚାରି ଥିଲେ। ସର୍ଭେରେ ୬୫.୪ ପ୍ରତିଶତ ଲୋକ ହଁ ଏବଂ ୩୪.୬ ପ୍ରତିଶତ ନା କହିଥିଲେ। ସୂଚନାଯୋଗ୍ୟ ଯେ ଗତ କିଛି ସପ୍ତାହ ହେଲା ଟ୍ରମ୍ପ ଏବଂ ମସ୍କଙ୍କ ମଧ୍ୟରେ ବିବାଦ ଉଗ୍ର ହୋଇଥିଲା। ଉଭୟ ଗୃହରେ ପାରିତ ଟ୍ରମ୍ପଙ୍କ ପ୍ରିୟ 'ୱାନ ବିଗ୍ ବିୟୁଟିଫୁଲ ବିଲ୍' ଏହି ନିଆଁରେ ଘିଅ ଢାଳି ଥିଲା। ଏହାକୁ ମସ୍କ ତୀବ୍ର ସମାଲୋଚନା କରିଥିଲେ। ପୂର୍ବରୁ ମସ୍କ ଟ୍ରମ୍ପଙ୍କ କ୍ୟାବିନେଟରେ ପ୍ରମୁଖ ପରାମର୍ଶଦାତା ଭାବେ କାମ କରୁଥିଲେ। 'ଡିପାର୍ଟମେଣ୍ଟ ଅଫ୍ ଗମେଣ୍ଟ ଏଫିସିଏନ୍ସି'ର ନେତୃତ୍ୱ ନେଇ ସେ ସରକାରୀ ଖର୍ଚ୍ଚ କାଟ୍ କରୁଥିଲେ। ତେବେ ଟ୍ରମ୍ପଙ୍କ ଟିକସ ଏବଂ ବ୍ୟୟ ବିଲ୍‌କୁ ସେ ବିରୋଧ କରିଥିଲେ। ଏହା ଦ୍ୱାରା ଆଗାମୀ ୧୦ ବର୍ଷରେ ଆମେରିକା ୩.୩ ଟ୍ରିଲିୟନ ଡଲାରର ଋଣ ବୃଦ୍ଧି କରିବ ବୋଲି ସେ ଆଶା କରିଥିଲେ। ବିଭିନ୍ନ ପ୍ରସଙ୍ଗରେ ମତଭେଦ ତୀବ୍ର ହେବା ପରେ ସେ ଟ୍ରମ୍ପ ପ୍ରଶାସନରୁ ଇସ୍ତଫା ଦେଇଥିଲେ।



## ମହାକାଶ ଷ୍ଟେସନ୍‌ର କପୋଲାରେ ଶୁଭାଂଶୁ

ଟେକ୍ସାସ୍, ୬।୭ (ଏଜେନ୍ସି): ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ନୂଆ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏଥିରେ ଶୁଭାଂଶୁ ଆଇଏସଏସର କପୋଲା ମଡ୍ୟୁଲୋର ଝରକାରୁ ପୃଥିବୀକୁ ଦେଖୁଥିବା ଜଣାପଡୁଛି। ଇସ୍ରୋ, କେନ୍ଦ୍ର ସରକାର ଏବଂ ଆମେରିକା ସ୍ପେସ୍ କମ୍ପାନୀ ଅକ୍ସିୟମ ପକ୍ଷରୁ ଏହି ଫଟୋ ସେୟାର କରାଯାଇଛି। କପୋଲା ମଡ୍ୟୁଲୋ ହେଉଛି ଏକ ଗୋଲାକାର ପର୍ଯ୍ୟବେକ୍ଷଣ କେନ୍ଦ୍ର। ଏଥିରେ ୭ଟି କାଚ ଝରକା ରହିଛି। ଏହା ମାଧ୍ୟମରେ ମହାକାଶ ଯାତ୍ରୀ ବାହାରର ମହାକାଶ, ପୃଥିବୀ ଏବଂ ଷ୍ଟେସନ କାର୍ଯ୍ୟକୁ ଦେଖିଥାନ୍ତି ଓ ନିୟନ୍ତ୍ରଣ କରିଥାନ୍ତି। ଏହା ପୃଥିବୀର ସବୁଠାରୁ ସୁନ୍ଦର ଚିତ୍ର ଉତ୍ତୋଳନ କରୁଥିବା ସ୍ଥାନ ପାଲଟି ଯାଇଛି। ଗତ ୨୫ ତାରିଖରେ ଶୁଭାଂଶୁଙ୍କ ସମେତ ୪ ମହାକାଶଚାରୀ ଆଇଏସଏସକୁ ଯାତ୍ରା ଆରମ୍ଭ କରି ୨୮ ଘଣ୍ଟା ପରେ ପହଞ୍ଚି ଥିଲେ। ଶୁଭାଂଶୁ ମହାକାଶରେ ଇଣ୍ଡିଆନ ଏଜୁକେଶନ ଇନଷ୍ଟିଚ୍ୟୁଟ୍‌ସର ୭ଟି ପରୀକ୍ଷଣ କରିବେ। ଏହି ଅଭିଯାନ ଭାରତର ଗଗନଯାନ ମିଶନକୁ ବଳ ଦେବ।

## ୨୪ ବର୍ଷ ପରେ ଗିରଫ ହେଲା ସିରିଏଲ୍ କିଲର୍

**ଗାଡ଼ି ଭଡ଼ା ନେଇ ଡ୍ରାଇଭରକୁ ହତ୍ୟା କରି ଲୁଟୁଥିଲା**

ନୂଆଦିଲ୍ଲୀ,୬।୭(ଏଜେନ୍ସି): ୨୪ ବର୍ଷର ତଲାଶି ପରେ ଜଣେ ସିରିଏଲ କିଲରକୁ ଗିରଫ କରାଯାଇଛି। ଅଜୟ ଲାମ୍ବା ନାମକ ଏହି ସିରିଏଲ କିଲରଙ୍କୁ ଦିଲ୍ଲୀ ପୁଲିସ କ୍ରାଇମ୍ ବ୍ରାଞ୍ଚ୍ ଗିରଫ କରିଛି। ସେ ୪ଟି ହତ୍ୟା ଓ ଡକାୟତି ମାମଲାରେ ଅଭିଯୁକ୍ତ ଥିଲେ ଓ ତାଙ୍କୁ ପୁଲିସ ଖୋଜୁଥିଲା। ପାଖାପାଖି ଅଢେଇ ଦଶନ୍ଧି ପରେ ଗିରଫ କରିବାରେ ପୁଲିସ ସଫଳ ହୋଇଛି। ଅଜୟ ଓ ତା'ର ସହଯୋଗୀଙ୍କ ଟ୍ୟାକ୍ସି ଭଡା କରି ଉତ୍ତରାଖଣ୍ଡ ଯାଉଥିଲେ। ସେଠାରେ ଚକ୍ରାନ୍ତ କରି ଟ୍ୟାକ୍ସି ଡ୍ରାଇଭରଙ୍କୁ ହତ୍ୟା କରି ଉତ୍ତରାଖଣ୍ଡର ପାହାଡୀ ଉପତ୍ୟାକାରେ ମୃତୁଦେହକୁ ଫୋପାଡି ଦେଉଥିଲେ। ଏହାପରେ ଟ୍ୟାକ୍ସି ତଥା କାରଗୁଡିକୁ ସୀମା ପାର କରି ପଡୋଶୀ ଦେଶ ନେପାଳରେ ବିକ୍ରି କରୁଥିଲେ। ୨୦୦୧ରେ ଦିଲ୍ଲୀ, ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡର କ୍ୟାବ ଡ୍ରାଇଭରମାନଙ୍କୁ ହତ୍ୟା କରିଥିଲେ ବୋଲି ଦିଲ୍ଲୀ ଡିସିପି ଆଦିତ୍ୟ ଗୌତମ କହିଛନ୍ତି। ଅଜୟ ଓ ତାର ସହଯୋଗୀ ଆହୁରି କେତୋଟି ହତ୍ୟା କରିଥାଇପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ଏହି କ୍ରମରେ ତା'ର ଦୁଇଜଣ ସହଯୋଗୀଙ୍କୁ ପୁଲିସ ଗିରଫ କରି ପଚରାଉଚରା କରୁଛି। ଦିଲ୍ଲୀ ନିବାସୀ ୪୮ ବର୍ଷୀୟ ଅଜୟ ଲାମ୍ବା ଷଷ୍ଠ ଶ୍ରେଣୀରୁ ପାଠ ପଢା ଛାଡିଥିଲେ। ଏହାପରେ ସେ ଉତ୍ତରପ୍ରଦେଶର ବରେଲି ଚାଲିଯାଇଥିଲେ। ସେଠାରେ ସେ ଧୀରେନ୍ଦ୍ର ଓ ଦିଲୀପ ନେଗୀଙ୍କ ସହ ସାଥି ହୋଇ ଅପରାଧ କରିବାକୁ ଷଡ଼ଯନ୍ତ୍ର କରୁଥିଲେ। ଅଜୟ ନାମରେ ବେଆଇନ୍ ଭାବେ ଅସ୍ତ୍ରଶସ୍ତ୍ର ରଖିବାର ଅନ୍ୟ ଏକାଧିକ ମାମଲା ରହିଛି। ସେ ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ନେପାଳରେ ରହୁଥିଲା। ଏହାପରେ ସେ ପରିବାର ସହ ଡେରାଡୁନକୁ ଯାଇ ସେଠାରେ ବସବାସ କରୁଥିଲା। ସେଠାରେ ରହି ସେ ଓଡ଼ିଶାରୁ ଦେଶର ଅନ୍ୟ ରାଜ୍ୟଗୁଡିକୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲା। ଗତବର୍ଷ ଓଡ଼ିଶାର ବ୍ରହ୍ମପୁରରେ ଏକ ଗହଣା ଦୋକାନ ଡକାୟତି ମାମଲାରେ ଗିରଫ ହୋଇଥିଲା ଓ ଜାମିନରେ ବାହାରିଥିଲା ବୋଲି ପୁଲିସ କହିଛି।

## ଟେକ୍ସାସ୍‌ରେ ବନ୍ୟା; ମୃତ୍ୟୁସଂଖ୍ୟା ୫୧କୁ ବୃଦ୍ଧି

ୱାଶିଂଟନ,୬।୭(ଏଜେନ୍ସି): ଆମେରିକାର ଟେକ୍ସାସ ରାଜ୍ୟରେ କ୍ରମାଗତ ବର୍ଷା ହେବା ଫଳରେ ବନ୍ୟା ସ୍ଥିତି ଆହୁରି ଉତ୍କଟ ହୋଇଛି। ଅଚାନକ ଆସିଥିବା ଏହି ବନ୍ୟାରେ ଏପର୍ଯ୍ୟନ୍ତ ୫୧ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ବାଳିକାମାନଙ୍କର ଏକ ସମର କ୍ୟାମ୍ପ ମଧ୍ୟ ଏଥିରେ ବୁଡି ଯାଇଥିଲା। କ୍ୟାମ୍ପରୁ ୭୫୦ଜଣ ବାଳିକାଙ୍କୁ ଉଦ୍ଧାର କରାଯାଇଛି। କିନ୍ତୁ ୨୭ ଜଣ ବାଳିକା ନିଖୋଜ ଅଛନ୍ତି। ଟେକ୍ସାସର ସେନ ଆଣ୍ଟୋନିଓରେ ୧୫ ଇଞ୍ଚ୍ ବର୍ଷା ହେବା ପରେ ମାତ୍ର ୪୫ ମିନିଟ୍ ମଧ୍ୟରେ ଗୁଆଡାଲୁପ୍ ନଦୀରେ ୨୬ ଫିଟ୍ ଅର୍ଥାତ ୮ ମିଟର ଉଚ୍ଚର ବନ୍ୟା ଆସିଥିଲା। ଫଳରେ ଘର ଓ ଗାଡ଼ିଗୁଡିକ ଖେଳଣା ଭଳି ଭାସି ଯାଇଥିଲା। ଉଦ୍ଧାର କାର୍ଯ୍ୟରେ ୧୪ ହଲିକପ୍ଟର, ୧୨ଟି ଡ୍ରୋନକୁ ସାମିଲ କରାଯାଇଛି। ଏପର୍ଯ୍ୟନ୍ତ ମୋଟ୍ ୮୫୦ ଲୋକଙ୍କୁ ଉଦ୍ଧାର କରାଯାଇଛି।

## ସରକାରୀ ଘର ଛାଡୁ ନାହାନ୍ତି ପୂର୍ବତନ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼

- କେନ୍ଦ୍ରକୁ ଚିଠି ଲେଖିଲା ସୁପ୍ରିମକୋର୍ଟ ପ୍ରଶାସନ
- ଏ ପର୍ଯ୍ୟନ୍ତ ୪ ବିଚାରପତିଙ୍କୁ ବଙ୍ଗଳା ମିଳି ପାରିନାହିଁ
- ବ୍ୟକ୍ତିଗତ କାରଣ ପାଇଁ ଖାଲି କରିନାହିଁ: ଜଷ୍ଟିସ ଚନ୍ଦ୍ରଚୂଡ଼

ନୂଆଦିଲ୍ଲୀ, ୬।୭ (ଏଜେନ୍ସି): ପୂର୍ବତନ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଏ ପର୍ଯ୍ୟନ୍ତ ନିଜ ସରକାରୀ ବଙ୍ଗଳା (କୃଷ୍ଣ ମେନନ ମାର୍ଗ, ୫) ଖାଲି କରିନାହାନ୍ତି। ଧାର୍ଯ୍ୟଠାରୁ ଅଧିକ ସମୟ ପର୍ଯ୍ୟନ୍ତ ସେ ଏଠାରେ ରହିଲେଣି। ଏବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟ ପ୍ରଶାସନ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛି। ଖୁବ୍‌ଶୀଘ୍ର ପୂର୍ବତନ ସିଜେଆଇଙ୍କ ବଙ୍ଗଳା ଖାଲି କରି ହସ୍ତାନ୍ତର କରିବାକୁ କୁହାଯାଇଛି। ଏହା ପରେ ବଙ୍ଗଳାକୁ 'ହାଉସିଂ ପୁଲ୍' ରେ ସାମିଲ କରାଯିବ।

ଏବେ ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ମିଶାଇ ୩୩ ବିଚାରପତି ଅଛନ୍ତି। ଏବେ ଜଣେ ବିଚାରପତିଙ୍କ ପଦ ଖାଲି ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ୪ ବିଚାରପତିଙ୍କୁ ସରକାରୀ ବଙ୍ଗଳା ମିଳିପାରି ନାହିଁ। ରିପୋର୍ଟ ଅନୁଯାୟୀ ତିନି ଜଣ ବିଚାରପତି ସୁପ୍ରିମକୋର୍ଟର ଟ୍ରାଞ୍ଜିଟ ଆପାର୍ଟମେଣ୍ଟରେ ଏବଂ ଜଣେ ବିଚାରପତି ରାଜ୍ୟ ଅତିଥି ଭବନରେ ରହୁଛନ୍ତି। ତେଣୁ ଯେତେ ଶୀଘ୍ର ସମ୍ଭବ କୋଠା ଫେରାଇବାକୁ ଦାବି କରାଯାଇଛି।

ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼ ଗତ ବର୍ଷ ନଭେମ୍ବର ୧୦ରେ ଅବସର ଗ୍ରହଣ କରିଥିଲେ। ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟରତ ପ୍ରଧାନ ବିଚାରପତିଙ୍କୁ ଅଷ୍ଟମ ଶ୍ରେଣୀର ବଙ୍ଗଳା ପ୍ରଦାନ କରାଯାଇଥାଏ। ସେ ଅବସର ନେଲା ପରେ ସପ୍ତମ ଶ୍ରେଣୀର ବଙ୍ଗଳାରେ ରହିପାରିବେ। ଏଥିପାଇଁ ୬ ମାସ ପର୍ଯ୍ୟନ୍ତ କୌଣସି ଭଡ଼ା ଦେବାକୁ ପଡ଼ିବ ନାହିଁ। କିନ୍ତୁ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼ ଅବସରର ଆଠ ମାସ ପରେ ବି ବଙ୍ଗଳା ଖାଲି କରିନାହାନ୍ତି। ନିୟମ ଅନୁଯାୟୀ ସେ କେବଳ ୬ ମାସ ପର୍ଯ୍ୟନ୍ତ ଏହି ବଙ୍ଗଳାରେ ରହିପାରିବେ। ମାତ୍ର ଏହି ସମୟସୀମା ମେ' ୩୧ରୁ ଶେଷ ହେଲାଣି। ଏଥିଯୋଗୁଁ ତାଙ୍କର ଦୁଇ ଉତ୍ତରାଧିକାରୀ ପୂର୍ବତନ ସିଜେଆଇ ସଞ୍ଜୀବ ଖାନ୍ନା ଏବଂ ସିଜେଆଇ ବିଆର ଗଭାଇ କ୍ରିଷ୍ଣା ମେନନ ମାର୍ଗ ସ୍ଥିତ ବଙ୍ଗଳାକୁ ଯିବାକୁ ଉଚିତ ମଣିନାହାନ୍ତି। ସୁପ୍ରିମକୋର୍ଟ ପ୍ରଶାସନ ଗତ ୧ ତାରିଖରେ କେନ୍ଦ୍ର ଆବାସ ମନ୍ତ୍ରାଳୟକୁ ଏହି ଚିଠି ଲେଖିଥିଲା। ଏଥିରେ କୁହାଯାଇଥିଲା ଯେ ଏ ପର୍ଯ୍ୟନ୍ତ କୃଷ୍ଣ ମେନନ ସ୍ଥିତ ବଙ୍ଗଳା ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼ଙ୍କ କବ୍‌ଜାରେ ରହିଛି। ବିଳମ୍ବ ନ କରି ଏହାକୁ ଖାଲି କରାଯାଉ।



ଘର ଖାଲି ନ କରିବାକୁ ନେଇ ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି ଯେ ବ୍ୟକ୍ତିଗତ କାରଣ ପାଇଁ ଏପରି ହୋଇଛି। ସୁପ୍ରିମକୋର୍ଟ ପ୍ରଶାସନଙ୍କୁ ଏ ନେଇ ସୂଚନା ଦିଆଯାଇଥିଲା। ସରକାରୀ ବଙ୍ଗଳାରେ ଅଧିକ ସମୟ ପର୍ଯ୍ୟନ୍ତ ରହିବାକୁ ଚାହୁଁ ନ ଥିଲି। କିନ୍ତୁ ଝିଅଙ୍କ ଆବଶ୍ୟକତା ଲାଗି ସ୍ୱତନ୍ତ୍ର ସୁବିଧା ଥିବା ଘର ଜରୁରୀ। ଫେବୃଆରୀ ମାସଠାରୁ ଘର ଖୋଜୁଛି । ସର୍ଭିସ ଆପାର୍ଟମେଣ୍ଟ ଏବଂ ହୋଟେଲ ବି ଦେଖୁଛି, କିନ୍ତୁ ସେଠାକୁ ଯାଇପାରି ନାହିଁ। ଏପ୍ରିଲ ୨୮ରେ ଏ ନେଇ ପୂର୍ବତନ ସିଜେଆଇ ଖାନ୍ନାଙ୍କୁ ଚିଠି ଲେଖି ସୂଚନା ଦେଇଥିଲି। ଜୁନ୍ ୩୦ ପର୍ଯ୍ୟନ୍ତ ରହିବାକୁ ଅନୁମତି ମାଗିଥିଲି। ମାତ୍ର କୌଣସି ଜବାବ ମିଳି ନ ଥିଲା। ଏ ନେଇ ସିଜେଆଇ ଗଭାଇଙ୍କ ସହ ମଧ୍ୟ କଥା ହୋଇଛି। ଖୁବଶୀଘ୍ର ବଙ୍ଗଳା ଛାଡିଦେବି ବୋଲି କହିଛି।

● ବ୍ରିକ୍ସରେ ମୋଦୀ

## ବିଶ୍ୱକୁ ନୂଆ ବ୍ୟବସ୍ଥା ଆବଶ୍ୟକ

ରିଓଡି ଜାନେରିଓ, ୬।୭(ଏଜେନ୍ସି): ବ୍ରାଜିଲର ରିଓ ଡି ଜାନେରିଓରେ ବ୍ରିକ୍ସ ସମ୍ମିଳନୀ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ଯୋଗ ଦେଇ ବର୍ତ୍ତମାନ ବିଶ୍ୱକୁ ଏକ ନୂଆ ବ୍ୟବସ୍ଥାର ଆବଶ୍ୟକତା ରହିଛି କହିଛନ୍ତି। ବିଂଶ ଶତାବ୍ଦୀରେ ଗଠନ କରାଯାଇଥିବା ବିଭିନ୍ନ ସଂସ୍ଥା ଏକବିଂଶ ଶତାବ୍ଦୀର ସମସ୍ୟା ଓ ଚ୍ୟାଲେଞ୍ଜଗୁଡ଼ିକୁ ପ୍ରତିହତ କରିବାରେ ଅକ୍ଷମ। ଏଆଇ ଯୁଗରେ ପ୍ରତି ମୁହୂର୍ତ୍ତରେ ଜ୍ଞାନକୌଶଳରେ ପରିବର୍ତ୍ତନ ହେଉଛି। କିନ୍ତୁ ୮୦ ବର୍ଷ ତଳେ ଗଠନ ହୋଇଥିବା ସଂସ୍ଥା ଗୁଡ଼ିକରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅନ୍ୟପକ୍ଷରେ ପ୍ରଥମଥର ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଏହି ସମ୍ମିଳନୀରେ ଯୋଗ ଦେଇନାହାନ୍ତି।

## ଦାନା ପାଇଁ ଟଙ୍କା ନାହିଁ କାନ୍ଧରେ ଲଙ୍ଗଳ ଟାଣିଲେ ବୃଦ୍ଧ, କଣ୍ଟି ଧରିଲେ ପତ୍ନୀ

ମୁମ୍ବାଇ, ୬।୭ (ଏଜେନ୍ସି): ପାଖରେ ଟଙ୍କା ନାହିଁ। ଖାଇବାକୁ ଦାନା ନାହିଁ। ହାତ ଥରୁଛି। ଓଜନ ଆଗରେ ପାଦ ନଇଁ ଯାଉଛି। ଖଟି ଖଟି ବେକ ଥକି ଗଲାଣି। ତଥାପି ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡୁଛି। ଟଙ୍କା ଅଭାବରୁ ବଳଦ କିଣିପାରୁ ନାହାନ୍ତି। ଭଡ଼ାରେ ଟ୍ରାକ୍ଟର କିମ୍ବା ଶ୍ରମିକ ଆଣିବାକୁ ମଧ୍ୟ ଅର୍ଥ ନାହିଁ। ଦିନକୁ ଦି ଓଳା ଖାଇବା ପାଇଁ ବୃଦ୍ଧ ଦମ୍ପତି ବିଲରେ ଖଟୁଛନ୍ତି। ୭୫ ବର୍ଷୀୟ ସ୍ୱାମୀ କାନ୍ଧରେ ଲଙ୍ଗଳ ଭିଡୁଥିବାବେଳେ ସ୍ତ୍ରୀ କଣ୍ଟି ଧରୁଛନ୍ତି। ଜୀବନର



ଅପରାହ୍ଣରେ ଗରିବ ଚାଷୀ ଅମ୍ବାଦାସ ପାୱାର ଏବଂ ତାଙ୍କ ପତ୍ନୀ ମୁକ୍ତାବାଇଙ୍କ ଏହି କଠୋର ପରିଶ୍ରମର କରୁଣ ଦୃଶ୍ୟ ଖୁବ୍ ଭାଇରାଲ ହେବାରେ ଲାଗିଛି। ମହାରାଷ୍ଟ୍ର ଲାତୁର ଅନ୍ତର୍ଗତ ହାଦୋଲତି ଗ୍ରାମର ଏହି ଦମ୍ପତିଙ୍କ ଭିଡିଓ ସରକାରୀ ଯୋଜନା ଉପରେ ପ୍ରଶ୍ନ ଉଠାଇଛି।

ଜୀବନ ଆମ ପାଇଁ କୌଣସି ବିକଳ୍ପ ଦେଇ ନାହିଁ ବୋଲି ଅମ୍ବାଦାସ କ୍ଷୋଭର ସହ କହିଛନ୍ତି। ଏହି ଦମ୍ପତି କହିଛନ୍ତି ଯେ ପୁଅ ଶ୍ରମିକ ଭାବେ କାମ କରୁଛି। ତା ରୋଜଗାର ୬ ଜଣିଆ ପରିବାର ଚଳାଇବା ପାଇଁ ଯଥେଷ୍ଟ ହେଉନାହିଁ। ଗତ କିଛି ବର୍ଷ ହେଲା ବର୍ଷାରେ ମଧ୍ୟ ଫସଲ ନଷ୍ଟ ହୋଇଯାଉଛି। ଏଥିପାଇଁ କ୍ଷତି ହେଉଛି। ତଥାପି ପେଟ ପାଟଣା ଲାଗି ଫସଲ କରିବାକୁ ବାଧ୍ୟ ହେଉଛୁ। କରୋନା ସମୟରେ ସ୍ଥିତି ପୂରା ଦୋହଲି ଯାଇଥିଲା। ଏଥିପାଇଁ ଋଣ କରିବାକୁ ପଡ଼ିଥିଲା। ଫସଲ ଭଲ ନ ହେବାରୁ ଏହାକୁ ସେ ସୁଝି ପାରୁ ନାହାନ୍ତି। ପ୍ରତି ବର୍ଷ ଫସଲ ନଷ୍ଟ ହେବା ସତ୍ତ୍ୱେ ଆଶା ରଖି ନିଜର ୨.୫ ଏକର ଜମିରେ ଚାଷ କରୁଛନ୍ତି। ଏହି ଭିଡିଓ ଭାଇରାଲ ହେବା ପରେ ରାଷ୍ଟ୍ରମନ୍ତ୍ରୀ ବାଲାସାହେବ ପାଟିଲ ଶନିବାର ତାଙ୍କ ଋଣ (୪୨, ୫୦୦ ଟଙ୍କା) ଛାଡ଼ କରିଦେଇଛନ୍ତି। ସମବାୟ ସମିତିକୁ ଋଣ ପରିଶୋଧ ପ୍ରମାଣପତ୍ର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ସରକାରୀ ଯୋଜନାରେ ତାଙ୍କୁ ସାମିଲ କରିବାକୁ ମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହୋଇପାରେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ।

**ବୃଷ:** କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିପାରନ୍ତି। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ବନ୍ଧୁ ଆର୍ଥିକ ସହାୟତା ଲୋଡ଼ିବେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ଚାକିରିଆଙ୍କୁ ଶୁଭ ଖବର ମିଳିପାରେ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଉଧାର ଅର୍ଥ ଫେରି ପାଇପାରନ୍ତି। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। କୋର୍ଟ କଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିପାରିବେ ନାହିଁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିପାରେ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସଙ୍ଗୀତପ୍ରତି ରୁଚି ବଢ଼ିବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରିଶ୍ରମର ଉଚିତ ଫଳ ମିଳିବ।

## ଆଜିର ଇତିହାସ

- ୧୬୫୬- ଅଷ୍ଟମ ଶିଖ୍ ଗୁରୁ ହରକିଶନ୍‌ଙ୍କ ଜନ୍ମ।
- ୧୭୯୯- ମହାରାଜା ରଣଜିତ୍ ସିଂହ ଲାହୋର ଉପରେ କବ୍‌ଜା କଲେ।
- ୧୯୧୬- ନ୍ୟୁଜିଲ୍ୟାଣ୍ଡରେ ଲେବର ପାର୍ଟିର ଗଠନ।
- ୧୯୭୮- ସୋଲୋମୋନ ଦ୍ୱୀପ ସଂଯୁକ୍ତ ରାଷ୍ଟ୍ରରୁ ସ୍ୱାଧୀନ ହେଲା।
- ୧୯୮୦- ଇରାନ୍‌ରେ ସିରିଆ ଆଇନ ଲାଗୁ ହେଲା।
- ୨୦୧୨- ରୁଷ୍‌ରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟା ଯୋଗୁଁ ୧୪୦ ଲୋକ ମୃତ।

# ମଣିଷର ଭାଷା ବୁଝିପାରେ କି ଏଆଇ



ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ'ଣ ସତରେ ମଣିଷଙ୍କ ଭାଷା, ଭାବନା ଏବଂ ଶବ୍ଦ ପଛରେ ଥିବା ଅର୍ଥକୁ ବୁଝିପାରେ ? ଏ ସଂକ୍ରାନ୍ତରେ ସ୍ନାୟୁ ବିଜ୍ଞାନୀ ବୀଣା ଡି. ଦ୍ୱିବେଦୀ ମତ ରଖିଛନ୍ତି। ସେ କହିଛନ୍ତି, ଏଆଇ ଯେତେ ବିକଶିତ ହେଲେ ବି ମଣିଷ ଭଳି ଭାଷାକୁ ଗଭୀରରୁ ବୁଝିବାକୁ ସକ୍ଷମ ନୁହେଁ। ସେହିପରି ନୋବେଲ ବିଜେତା ତଥା ଏଆଇ ଗଡ୍‌ଫାଦର୍ ଜେଫ୍ରି ହିଣ୍ଟନଙ୍କ କହିବା କଥା, 'ନ୍ୟୁରଲ ନେଟୱର୍କ ଏତେ ପ୍ରଗତି କରିସାରିଲାଣି, ଏହା ଭାଷାର ପାଟର୍ଣ୍ଣକୁ ବୁଝିବା ଲାଗି ସକ୍ଷମ। ଏପରିକି ଏଆଇ ଏବେ କ'ଣ କହୁଛି, ସେକଥା ମଧ ଜାଣିପାରୁଛି। ତେବେ ଠିକ୍ ଉତ୍ତର ଦେବା ଏବଂ ଆକର୍ଷଣୀୟ ବାକ୍ୟ ଗଠନ କରିବାକୁ କ'ଣ ବୁଦ୍ଧିମତା କୁହାଯିବ। ମଣିଷ ଭାଷାକୁ କେବଳ ଶବ୍ଦରେ ନୁହେଁ, ବରଂ ଭାବନା, ଅଙ୍ଗଭଙ୍ଗୀ ଏବଂ ସନ୍ଦର୍ଭରୁ ବି ବୁଝିଥାଏ। ଏଆଇ ହେଉଛି ଏହାର ବିପରୀତ। ଏଆଇ କେବଳ ଡାଟା ପ୍ୟାଟର୍ଣ୍ଣ ଉପରେ କାମ କରେ। ଏଆଇର ନା ଭାବନା ଥାଏ ନା ବ୍ୟକ୍ତିଗତ ଅନୁଭବ।' ବୀଣା କହନ୍ତି, 'କେବଳ ଲିଖିତ ଶବ୍ଦକୁ ଭାଷା ବୋଲି ବିବେଚନା କରିବା ହେଉଛି ସବୁଠୁ ବଡ଼ ଭୁଲ। ଉଦାହରଣ ସ୍ୱରୂପ ହିନ୍ଦୀ ଓ ଉର୍ଦ୍ଦୁ କହିବାର ଶୈଳୀ ଏକାପରି ଲାଗିଲେ ବି ଏହାର ଲିପି ଅଲଗା। ଏଆଇ ପାଇଁ ଭାଷା କେବଳ ଏକ ଟେକ୍ସଟ୍ ଡାଟା ହୋଇଥିବାବେଳେ ମଣିଷ ଭାଷାକୁ ନେଇ ବଞ୍ଚେ।' ସେହିପରି ମହାନ ଭାଷାବିଦ୍ ନୋଆମ ଚମସ୍କି କହିଥିଲେ, 'ମଣିଷ ପାଖରେ ଭାଷା ଶିଖିବାର ଜନ୍ମଜାତ କ୍ଷମତା ଅଛି। ଏହା ହେଉଛି ଏମିତି ଏକ ମାନସିକ ଶକ୍ତି, ଯାହାକୁ ବିଜ୍ଞାନ ସମ୍ପୂର୍ଣ୍ଣ ବୁଝିପାରି ନାହିଁ। ଅନ୍ୟପକ୍ଷରେ ଏଆଇର ନ୍ୟୁରଲ ନେଟୱାର୍କ କେବଳ ଗଣନା ଏବଂ ଆଲଗରଦିମ୍‌ର ଏକ ମାୟାଜାଲ। ଏଥିରେ ବୁଝିବାର ଶକ୍ତି କିମ୍ବା ଅନୁଭବ କରିବାର କ୍ଷମତା ନାହିଁ।' ଏଥିରୁ ନିଷ୍କର୍ଷ ଏୟା ବାହାରିଲା ଯେ, ଏଆଇ ଅନେକ କିଛି କହୁଥିଲେ ସୁଦ୍ଧା ମଣିଷର ଭାଷାକୁ ସମ୍ପୂର୍ଣ୍ଣ ଭାବେ ବୁଝିପାରେ ନାହିଁ। ଏଆଇ ମଣିଷର ଶବ୍ଦ ପଛର ଭାବ, ସନ୍ଦର୍ଭ, ଜଟିଳ ମାନବୀୟ ଅନୁଭବଠାରୁ ଏବେ ଅନେକ ଦୂରରେ ରହିଛି। ମଣିଷର ଭାଷା କେବଳ ଶବ୍ଦର ଖେଳ ନୁହେଁ, ଏହା ସମ୍ବେଦନା, ସଂସ୍କୃତି, ଅନୁଭବର ଏକ ଜଟିଳ ମିଶ୍ରଣ। ଯାହାକୁ ବୁଝିବା ପାଇଁ ଏଆଇକୁ ଆହୁରି ଦୀର୍ଘ ପଥ ଅତିକ୍ରମ କରିବାକୁ ହେବ।

# 'ଦ ରାଜା ସାବ୍'ରେ କରିନା



ବଲିଉଡ୍ ଅଭିନେତ୍ରୀ କରିନା କପୁର ଖାନ୍ ଅନେକ ଦିନରୁ ସାଉଥ୍ ଇଣ୍ଡଷ୍ଟ୍ରୀରେ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ହେଉଛି। ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ସ୍ପିରିଟ୍'ରେ କରିନା, ପ୍ରଭାସଙ୍କ ବିପକ୍ଷରେ ଦେଖାଯିବେ ବୋଲି ପୂର୍ବରୁ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଶେଷରେ ଏଥିରେ ତ୍ରିପ୍ତି ଦିମ୍‌ରିଙ୍କୁ ଫାଇନାଲ କରାଯାଇଥିଲା। ଏବେ 'ଦ ରାଜା ସାବ୍' ଫିଲ୍ମରେ କରିନା ନଜର ଆସିବେ ବୋଲି ଜଣାପଡ଼ିଛି। ତେବେ ସେ ଏଥିରେ ଲିଡ୍ ରୋଲରେ ନଜର ଆସିବେ ନାହିଁ। ଏଥିରେ କେବଳ ତାଙ୍କର ଏକ ଆଇଟମ୍ ନମ୍ବର ରହିଛି। ଏଥିପାଇଁ କରିନାଙ୍କୁ ବେଶ୍ ମୋଟା ଅଙ୍କର ଅର୍ଥ ମିଳିଥିବା ଚର୍ଚ୍ଚା ହେଉଛି। ମାରୁତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପ୍ରଭାସଙ୍କ ସହ ତିନି ଜଣ ଅଭିନେତ୍ରୀ( ମାଳବିକା ମୋହନନ୍, ନିଦ୍ଧି ଅଗ୍ରୱାଲ ଓ ରିଦ୍ଧି କୁମାର) ନଜର ଆସିବେ। ଏହା ୫ ଡିସେମ୍ବର, ୨୦୨୫ରେ ମୁକ୍ତିଲାଭ କରିବ। ତେବେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ାଇବା ପାଇଁ କରିନାଙ୍କର ଏହି ଡ୍ୟାନ୍ସ ନମ୍ବର ରଖାଯାଇଥିବା କୁହାଯାଉଛି। ଏଥିରେ ନୟନତାରାଙ୍କର ମଧ ଏକ ଡ୍ୟାନ୍ସ ନମ୍ବର ରହିଛି।

# କାଚ ବୋତଲରେ ମାଇକ୍ରୋପ୍ଲାଷ୍ଟିକ୍ ଅଧିକ

ପ୍ଲାଷ୍ଟିକ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ସମସ୍ତେ ଜାଣନ୍ତି। ତେଣୁ ଏବେ ସୁଦ୍ଧା କାଚ ବୋତଲକୁ ସୁରକ୍ଷିତ ଓ ପରିବେଶ ଅନୁକୂଳ ବୋଲି କୁହାଯାଉଥିଲା। ହେଲେ ଏଭଳି ଭାବିବା ଭୁଲ। କାଚ ବୋତଲରେ ବିକ୍ରି ହେଉଥିବା ଲେମ୍ବୁ ପାଣି, ସୋଡ଼ା ଆଦି ଅନ୍ୟ ପାନୀୟରେ ମାଇକ୍ରୋପ୍ଲାଷ୍ଟିକ୍‌ର ମାତ୍ରା ପ୍ଲାଷ୍ଟିକ୍ ବୋତଲ ତୁଳନାରେ ଅଧିକ ଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଫ୍ରାନ୍ସର ଖାଦ୍ୟ ସୁରକ୍ଷା ଏଜେନ୍ସି ଆନ୍ସେସ୍‌ର



ଅଧ୍ୟୟନକାରୀମାନେ କରିଥିବା ଅଧ୍ୟୟନରୁ ଏଭଳି କିଛି ଜାଣିବାକୁ ପାଇଛନ୍ତି। ତେବେ ସେମାନଙ୍କର ଆଶା ଥିଲା ଯେ, ପ୍ଲାଷ୍ଟିକ୍ ବୋତଲ ତୁଳନାରେ କାଚ ବୋତଲ ଅପେକ୍ଷାକୃତ ସୁରକ୍ଷିତ ରହିବ। ହେଲେ ସେମାନଙ୍କୁ ଏହାର ଓଲଟା ପରିଣାମ ଦେଖିବାକୁ ମିଳିଲା। ତେବେ କାଚ ବୋତଲ ଠିପିରେ ଲାଗିଥିବା ରଙ୍ଗ ଏହା ଲାଗି ଦାୟୀ ବୋଲି କୁହାଯାଉଛି। କାରଣ ବୋତଲ ଠିପିରେ ଲାଗିଥିବା ପ୍ଲାଷ୍ଟିକ୍‌ର ଏହି କଣିକା ପାନୀୟ ପଦାର୍ଥରେ ମିଶିଯାଏ। ଏହିପ୍ରକାରେ ପାନୀୟ ପଦାର୍ଥ ମାଧ୍ୟମରେ ଶରୀରକୁ ମାଇକ୍ରୋପ୍ଲାଷ୍ଟିକ୍ ଯାଏ। ଗବେଷଣାନୁସାରେ, କୋଲ୍ଡ଼ଡ୍ରିଙ୍କସ୍, ଲେମ୍ବୁ ପାଣି, ବିୟର କାଚ ବୋତଲରେ ପ୍ରତି ଲିଟରରେ ପ୍ରାୟ ୧୦୦ ମାଇକ୍ରୋପ୍ଲାଷ୍ଟିକ୍ କଣିକା ଅଛି। ଯାହାକି ପ୍ଲାଷ୍ଟିକ୍ କିମ୍ବା ଧାତୁ କଣ୍ଟେନର ତୁଳନାରେ ୫୦ ଗୁଣ ଅଧିକ। ସେହିପରି ସମସ୍ତ ବୋତଲ ତୁଳନାରେ ବିୟର ବୋତଲରେ ଅଧିକ ମାଇକ୍ରୋପ୍ଲାଷ୍ଟିକ୍ ଥିବା ଜଣାପଡ଼ିଛି। ଏଥିରେ ପ୍ରତି ଲିଟର ପିଛା ପ୍ରାୟ ୬୦ ପ୍ଲାଷ୍ଟିକ୍ କଣିକା ଥିଲା। ଏହାପରେ ଲେମ୍ବୁ ପାଣିରେ ପ୍ରାୟ ୪୦ ପ୍ରତିଶତ ପ୍ଲାଷ୍ଟିକ୍ କଣିକା ଥିଲା। ମଦକୁ ବାଦ୍ ଦେଲେ ଅନ୍ୟ ସମସ୍ତ ପାନୀୟ ପାଇଁ ଅନ୍ୟ ପ୍ୟାକେଜିଂ ତୁଳନାରେ କାଚ କଣ୍ଟେନର୍ ଅଧିକ ଦୂଷିତ ଥିଲା। ଅନ୍ୟପକ୍ଷରେ ଏହି ଅଧ୍ୟୟନର ରିପୋର୍ଟ 'ଜର୍ଣ୍ଣାଲ ଅଫ୍ ଫୁଡ୍ କମ୍ପୋଜିସନ ଏବଂ ଆନାଲିସ୍'ରେ ପ୍ରକାଶିତ।




# ଅଧରପଣା


**ଆଜି ତିନି ରଥ ଉପରେ ଅଧରପଣା ନୀତି ସମ୍ପନ୍ନ ହେବ। ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ରଥ ଉପରେ ଅନୁଷ୍ଠିତ ଅଧରପଣା ହେଉଛି ସର୍ବବୃହତ୍ ପଣାଭୋଗ। ରଥରେ ଥିବା ପାର୍ଶ୍ୱଦେବ ଦେବୀ, ଚଣ୍ଡିଚାମୁଣ୍ଡା, ଅଶରୀରୀମାନଙ୍କୁ ତୃପ୍ତ କରିବା ପାଇଁ ଏହି ନୀତି ପାଳନ କରାଯାଏ।**

ଅଧରପଣା ନୀତି ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଏବଂ ସନ୍ଧ୍ୟା ଆଳତି ପୂର୍ବରୁ ଅନୁଷ୍ଠିତ ହୋଇଥାଏ। ଏହା ଲାଗି ସ୍ୱତନ୍ତ୍ର ଅଧରହାଣ୍ଡି ତିଆରି କରାଯାଏ। ଶ୍ରୀବିଗ୍ରହମାନଙ୍କର ଶ୍ରୀଅଧର ଉଚ୍ଚତା ବିଶିଷ୍ଟ ଲାଉ ତୁମ୍ବ ଭଳି ସ୍ୱତନ୍ତ୍ର ଶୈଳୀରେ ମାଟିହାଣ୍ଡିରେ ପଣାକୁ ରଥ ଉପରେ ରଖାଯାଏ। ପ୍ରତି ରଥରେ ତିନି ହାଣ୍ଡି ହିସାବରେ ମୋଟ ୯ଟି ହାଣ୍ଡି ଅଧରପଣା ଭୋଗ କରାଯାଇ ଥାଏ। ପୂଜାପଣ୍ଡା ସେବକମାନେ ପଞ୍ଚୋପଚାର ପଦ୍ଧତିରେ ଶ୍ରୀବିଗ୍ରହମାନଙ୍କୁ ଅର୍ପଣ କରାଯାଏ। ଭୋଗ ହେବା ପରେ ପଣା ଥିବା ହାଣ୍ଡି ଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ଏହାକୁ ରଥରେ ଥିବା ପାର୍ଶ୍ୱ ଦେବଦେବୀ, ଚଣ୍ଡିଚାମୁଣ୍ଡା ତଥା ଅଶରୀରୀମାନଙ୍କୁ ତୃପ୍ତ କରିବା ଲାଗି ଏହି ହାଣ୍ଡି ରଥ ଉପରେ ଭଙ୍ଗା ଯିବାର ବିଧି ଅଛି। ପଣା ହାଣ୍ଡି ଭାଙ୍ଗିଲେ ଏହା ରଥ ତଳକୁ ବୋହିଯାଏ। ଏହି ପଣାକୁ କ୍ଷୀର, ସର, ଛେନା, କର୍ପୂର, ନବାତ, ଗୋଲମରିଚ, ଅଳେଇଚ ଏବଂ ପାଚିଲା କଦଳୀ ଆଦିରେ ପ୍ରସ୍ତୁତ କରାଯାଏ। ଦୁଇଟି ମଠ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ନୀତି ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଏ।

## ସ୍ୱସ୍ତି



# ହରିଶୟନ ଏକାଦଶୀରୁ ମାଙ୍ଗଳିକ କାର୍ଯ୍ୟ ମନା



ଆଷାଢ଼ ଶୁକ୍ଳ ଏକାଦଶୀରୁ ଆରମ୍ଭ ହୋଇଛି 'ଦେବଶୟନ' ବା 'ହରିଶୟନ' ଏକାଦଶୀ। ଏହି ଦିନରୁ ଭଗବାନ ବିଷ୍ଣୁ ଚାରି ମାସ ପର୍ଯ୍ୟନ୍ତ ଯୋଗନିଦ୍ରାକୁ ଯାଆନ୍ତି। ତେଣୁ ଏହି ସମୟ ମଧ୍ୟରେ କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ କରାଯାଇ ନ ଥାଏ। ସେହିପରି ଏହିଦିନରୁ ଚତୁର୍ମାସ ପ୍ରାରମ୍ଭ ହୋଇଥାଏ। ଏହା ଚାରିମାସ ଧରି ବଳବତ୍ତର ରହିବ।

ଏହି ସମୟ ମଧ୍ୟରେ ବିବାହ, ମୁଣ୍ଡନ, ଗୃହପ୍ରବେଶ ଭଳି କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ନାହିଁ। କାର୍ତ୍ତିକ ଶୁକ୍ଳ ଦେବୋତ୍‌ଥାପନ ଏକାଦଶୀ ପରେ ସବୁପ୍ରକାର ଶୁଭକାର୍ଯ୍ୟ ଆରମ୍ଭ ହୋଇଥାଏ। ଅନ୍ୟପଟେ ଚତୁର୍ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାକୁ ଯାଉଥିବାରୁ ଭଗବାନ ଶିବଙ୍କ ପୂଜା ଏହି ମାସଯାକ ଗୁରୁତ୍ୱ ବହନ କରେ। ଶ୍ରାବଣ ମାସରେ ଭଗବାନ ଶିବଙ୍କ ବିଧିବିଧାନ ପୂର୍ବକ ପୂଜାର୍ଚ୍ଚନା କରିବା ଦ୍ୱାରା ସମସ୍ତ ଦୁଃଖ ଓ କଷ୍ଟ ଦୂର ହୋଇଥାଏ। ଏହି ସମୟରେ ଚତୁର୍ମାସ ବ୍ରତ କରିବା ପାଇଁ ସନାତନ ଶାସ୍ତ୍ରରେ ଉଲ୍ଲେଖ ରହିଛି।

# ନୀଳାଦ୍ରି ବିଜେ

**ରଥଯାତ୍ରାର ଅନ୍ତିମ ପର୍ବ ହେଉଛି ନୀଳାଦ୍ରି ବିଜେ। ଏହିଦିନ ତିନି ଠାକୁର ରତ୍ନ ସିଂହାସନରେ ବିଜେ କରନ୍ତି। ତେବେ ଅଧରପଣା ପରଦିନ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହାକୁ 'ନୀଳଦ୍ରି ବିଜେ' ବା 'ନୀଳାଦ୍ରି ବିଜୟ' କୁହାଯାଏ। ସନ୍ଧ୍ୟାଧୂପ ନୀତି ପରେ ଗୋଟି ପହଣ୍ଡିରେ ଶ୍ରୀବିଗ୍ରହମାନେ ନିଳାଦ୍ରି ବିଜେ କରନ୍ତି। ଏହିଦିନ ମହାପ୍ରଭୁଙ୍କ ପାଖରେ ରସଗୋଲା ଭୋଗ ଲାଗି କରାଯାଏ।**

ଗୋଟି ପହଣ୍ଡିରେ ବିଜେ କରନ୍ତି: ଏହିଦିନ ରଥରେ ଚାରମାଳ ବନ୍ଧା ଯାଇଥାଏ। ଏହା ପରେ ବିଜେ କାହାଳୀ ବାଜେ। ତା'ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ତେବେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯାଏ। ଏହା ପରେ ଗୋଟି ପହଣ୍ଡିରେ ସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ରତ୍ନସିଂହାସନକୁ ବିଜେ କରନ୍ତି। ଏହି ସମୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି, ଘଣ୍ଟ, ଘଣ୍ଟି, ଶଙ୍ଖ ନାଦରେ ସିଂହଦ୍ୱାର ପ୍ରକମ୍ପିତ ହୁଏ।

**ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ ବଚନିକା:** ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରିବା ପରେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀଙ୍କ ଭେଟ ହୁଏ। ପରମ୍ପରା ଅନୁସାରେ, ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ହୋଇଥାଏ। ତା'ସହ ଏହା କିଛି କ୍ଷଣ ପରେ ଖୋଲି ଯାଏ। ପୁଣି ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଆଉ ଥରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଏ। ଏଠାରେ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ କଳି ହୋଇଥାଏ। ଶ୍ରୀଜଗନ୍ନାଥ ବଡ଼ ଭାଇ ଓ ସାନ ଭଉଣୀଙ୍କୁ ସାଙ୍ଗରେ ନେଇ ମାଉସୀ ଘରକୁ ଯାତ୍ରା କରିଥିଲେ। ସାଙ୍ଗରେ ଲକ୍ଷ୍ମୀ ମା' ଯାଇ ନ ଥିବାରୁ ସେ ଅଭିମାନ କରିଥିଲେ। ତେଣୁ ମହାପ୍ରଭୁ ଲକ୍ଷ୍ମୀ ମା'ଙ୍କ ମାନଭଞ୍ଜନ କରନ୍ତି। ମହାପ୍ରଭୁଙ୍କ ସହଚର ଓ ମା' ଲକ୍ଷ୍ମୀଠାକୁରାଣୀଙ୍କ ସହଚରୀଙ୍କ ମଧ୍ୟରେ ଲୋକ ପାରମ୍ପରିକ ବଚନିକା ପରେ ଜୟ ବିଜୟ ଦ୍ୱାର ଖୋଲେ।



**ରସଗୋଲାରେ ମାନ ଭଞ୍ଜନ:** ନୀଳାଦ୍ରି ବିଜେର ଅନ୍ୟତମ ବିଶେଷତ୍ୱ ହେଲା ରସଗୋଲା ଭୋଗ। ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ରସଗୋଲା ଖୁଆଇ ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରନ୍ତି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଦାମ୍ପତ୍ୟ ଭାବନାର ଏହା ଅନନ୍ୟ ନିଦର୍ଶନ। ବର୍ଷକୁ ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ନୀଳାଦ୍ରି ବିଜେ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ। ଅନ୍ୟପଟେ ଏହିଦିନକୁ ରସଗୋଲା ଦିବସ ଭାବେ ମଧ ପାଳନ କରାଯାଏ।

## ଜାଣନ୍ତୁ

ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ। ସେମିତି ଏକ ଶବ୍ଦ ହେଉଛି 'ଭଅଣ୍ଡ'। ଭୋଗ ମଣ୍ଡପରେ ଠାକୁରମାନଙ୍କୁ ଅର୍ପଣ କରାଯାଉଥିବା ଭୋଗ ସାମଗ୍ରୀ ଓ ସେଥି ନିମନ୍ତେ ଅନୁଷ୍ଠିତ ଧୂପକୁ ଭଅଣ୍ଡ କୁହାଯାଏ। ଠାକୁରଙ୍କ କୋଠଭୋଗ ଏହି ଭୋଗ ମଣ୍ଡପରେ ବଢ଼ା ଯାଇ ଅର୍ପଣ କରାଯାଏ। ସେହିପରି ଅଧିକ ଗହଳି ହେଲେ ଅଧିକ ଭୋଗ ରଖାଯାଏ। ଏହାକୁ ଅତିରିକ୍ତ ଭୋଗ ଭାବେ ଭୋଗ ମଣ୍ଡପରେ ଅବସ୍ଥାପିତ କରାଯାଇ ଠାକୁରଙ୍କୁ ଭୋଗ ଲାଗି କରାଯାଏ। ଏହା ଭଅଣ୍ଡ ନାମରେ ଜଣାଶୁଣା।

### ଗିଲ୍‌ଙ୍କ ରେକର୍ଡ ରନ୍; ଆକାଶଦୀପ ଓ ସିରାଜଙ୍କ ଘାତକ ବୋଲିଂ

# ଏଜ୍‌ବାଷ୍ଟନରେ ଭାରତର ଐତିହାସିକ ବିଜୟ



ଏଜ୍‌ବାଷ୍ଟନ,୬।୭ (ଏଜେନ୍ସି)

ଅଧିନାୟକ ଶୁବମନ ଗିଲ୍ (୨୬୯ ଓ ୧୬୧)ଙ୍କ ଦମ୍‌ଦାର ବ୍ୟାଟିଂ, ଆକାଶଦୀପ (୧୦/୧୮୭) ଓ ମହମ୍ମଦ୍ ସିରାଜ (୭/୧୨୭)ଙ୍କ ଘାତକ ବୋଲିଂ ବଳରେ ଭାରତ ୩୩୬ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ବିଜୟୀ ହୋଇଛି। ଏହା ଫଳରେ ଦଳ ଏହି ଭେନ୍ୟୁରେ ୯ମ ମୁକାବିଲାରୁ ଓ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ପ୍ରଥମ ବିଜୟ ହାସଲ କରିଛି। ପ୍ରଥମ ଟେଷ୍ଟରେ ପରାଜିତ ହୋଇଥିବା ଭାରତ ଏଠାରେ ମ୍ୟାଚ୍ ଜିତିବା ଫଳରେ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଜବରଦସ୍ତ ବ୍ୟାଟିଂ କରି ୪୩୦ ରନ୍ କରିଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହା ପରେ ଚଳିତ ସିରିଜ୍‌ର ତୃତୀୟ ଟେଷ୍ଟ ଲର୍ଡ୍ସରେ ଜୁଲାଇ ୧୦ରୁ ୧୪ ତାରିଖଯାଏ ଖେଳାଯିବ। ଏହି ମ୍ୟାଚ୍‌ରେ ବ୍ୟାଟରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ପ୍ରଥମ ଇନିଂସରେ ୧୮୦ ରନ୍‌ରେ ଆଗୁଆ ରହିବା ପରେ ୬ ୱିକେଟରେ ୪୨୭ ରନ୍ କରି ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଏହା ଫଳରେ ଭାରତ ଘରୋଇ ଇଂଲଣ୍ଡ ଆଗରେ ୬୦୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ବିଜୟ ଲକ୍ଷ୍ୟକୁ ପିଛା କରି ମ୍ୟାଚ୍‌ର ପଞ୍ଚମ ତଥା ରବିବାର ଶେଷ ଦିନ ଖେଳରେ ୨୭୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜେମି ସ୍ମିଥ୍ ସର୍ବାଧିକ ୮୮, ବ୍ରାଇଡନ କାର୍ସ ୩୮, ବେନ୍ ଷ୍ଟୋକ୍ସ ୩୩, ବେନ୍ ଡକେଟ ୨୫, ଓଲି ପୋପ୍ ୨୪, ହ୍ୟାରୀ ବ୍ରୁକ୍ ୨୩ ଓ ଦଳର ସବୁଠାରୁ ଅଭିଜ୍ଞ ବ୍ୟାଟର ଜୋ ରୁଟ୍ ମାତ୍ର ୬ ରନ୍ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରାଙ୍କ ସ୍ଥାନରେ ଖେଳୁଥିବା ଆକାଶଦୀପ ସର୍ବାଧିକ ୬ଟି ୱିକେଟ ପାଇଥିଲେ।

ପୂର୍ବରୁ ୫ମ ତଥା ଶେଷ ଦିନ ଖେଳ ଆରମ୍ଭ ପୂର୍ବରୁ ଏଠାରେ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ଓ ଓଦା ପଡ଼ିଆ ଯୋଗୁ ଖେଳ ୧୦୦ ମିନିଟ୍ ବନ୍ଦ ରହିଥିଲା। ଫଳରେ ଆଜି ଖେଳାଯିବାକୁ ଥିବା ୯୦ ଓଭରରୁ ୧୦ ଓଭର କାଟିଦିଆଯାଇଥିଲା। ଖେଳ ଆରମ୍ଭ ହେବାର ଅଳ୍ପ ସମୟ ମଧ୍ୟରେ ଗତକାଲିର ଦୁଇ ଅପରାଜିତ ବ୍ୟାଟର ଓଲି ପୋପ୍(୨୪) ଓ ହ୍ୟାରୀ ବ୍ରୁକ୍(୨୩)ଙ୍କୁ ଭାରତୀୟ ଫାଷ୍ଟ ବୋଲର ଆକାଶଦୀପ ଚମତ୍କାର ବୋଲିଂ କରି ଆଉଟ କରିଥିଲେ। ୮୩ ରନ୍‌ରେ ୫ମ ୱିକେଟ ଅକ୍ତିଆର କରିବା ପରେ ଭାରତୀୟ ବୋଲର ଉତ୍ସାହିତ ହୋଇଥିଲେ। କିନ୍ତୁ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ପ୍ରଥମ ଇନିଂସ ହିରୋ ଜେମି ସ୍ମିଥ୍ ଧୈର୍ଯ୍ୟର ସହ ମୁକାବିଲା କରିଥିଲେ। ଲଞ୍ଚ୍ ପୂର୍ବରୁ ବ୍ୟକ୍ତିଗତଭାବେ ମାତ୍ର ଦ୍ୱିତୀୟ ଓଭର ବୋଲିଂ କରିଥିବା ୱାଶିଂଟନ ସୁନ୍ଦର ଡିଆର୍‌ଏସ୍ ସହାୟତାରେ ଷ୍ଟୋକ୍‌ସ (୭୩ ବଲ୍‌ରେ ୩୩ରନ୍)ଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ଭାରତୀୟ ଶିବିରରେ ଆନନ୍ଦ ଖେଳାଇଦେଇଥିଲେ। ଲଞ୍ଚ୍ ବେଳକୁ ଇଂଲଣ୍ଡ ୧୫୩ ରନ୍‌ରେ ୬ଷ୍ଠ ୱିକେଟ ହରାଇ ବିପଦରେ ପଡ଼ିଥିଲା।

### ■ ୫୮ ବର୍ଷରେ ପ୍ରଥମ

ଏଜ୍‌ବାଷ୍ଟନରେ ଇଂଲଣ୍ଡକୁ ୩୩୬ ରନ୍‌ରେ ପରାସ୍ତ କରି ଏକାଧିକ ରେକର୍ଡ ପ୍ରତିଷ୍ଠା କରିଛି। ଭାରତ ଏଠାରେ ୧୯୬୭ରୁ ଟେଷ୍ଟ ଖେଳିଆସୁଥିଲାବେଳେ ୫୮ ବର୍ଷ ପରେ ପ୍ରଥମ ବିଜୟ ହାସଲ କରିଛି। ଏହି ମ୍ୟାଚ୍ ପରେ ଭାରତ ଏଠାରେ ୯ଟି ଟେଷ୍ଟ ଖେଳି ଗୋଟିଏ ବିଜୟ, ଗୋଟିଏ ଡ୍ର ରଖିଥିଲାବେଳେ ଅନ୍ୟ ୭ଟିରେ ପରାଜିତ ହୋଇଛି।

### ■ ବିଦେଶ ମାଟିରେ ସର୍ବବୃହତ୍ ବିଜୟ

ଏଠାରେ ଭାରତ (୩୩୬ ରନ୍‌ରେ) ଇଂଲଣ୍ଡକୁ ହରାଇ ରନ୍ ବ୍ୟବଧାନରେ ସର୍ବବୃହତ୍ ବିଜୟ ହାସଲ କରିଛି। ଏହା ପୂର୍ବରୁ ୨୦୧୬ରେ ୱେଷ୍ଟଇଣ୍ଡିଜ୍‌କୁ ନର୍ଥସାଉଣ୍ଡରେ ୩୧୮ ରନ୍‌ରେ ହରାଇ ଏହି ରେକର୍ଡର ଅଧିକାରୀ ହୋଇଥିଲା।

### ■ ଇଂଲଣ୍ଡରେ ଶ୍ରେଷ୍ଠ ବୋଲିଂ ସଫଳତା

ଏହି ମ୍ୟାଚ୍‌ରେ ଭାରତର ଫାଷ୍ଟ ବୋଲର ଆକାଶଦୀପ ସିଂ ୧୮୭ ରନ୍‌ରେ ୧୦ଟି ୱିକେଟ ଅକ୍ତିଆର କରିଛନ୍ତି। ଇଂଲଣ୍ଡରେ ଜଣେ ଭାରତୀୟ ଭାବେ ଏହା ଶ୍ରେଷ୍ଠ ବୋଲିଂ ସଫଳତା। ପୂର୍ବରୁ ୧୯୮୬ ଏହି ଗ୍ରାଉଣ୍ଡରେ ଚେତନ ଶର୍ମା ୧୮୮ ରନ୍ ଦେଇ ୧୦ଟି ୱିକେଟ ନେଇଥିଲେ।

### ■ ଇଂଲଣ୍ଡ ମାଟିରେ ଅଷ୍ଟମ ବିଜୟ

ଇଂଲଣ୍ଡ ମାଟିରେ ଭାରତ ଏହି ଟେଷ୍ଟକୁ ମିଶାଇ ୮ମ ବିଜୟ ହାସଲ କରିଛି। ଦୁଇ ଦେଶ ମଧ୍ୟରେ ୬୯ତମ ଟେଷ୍ଟ ଆୟୋଜିତ ହୋଇଥିଲାବେଳେ ଭାରତ ୨୫ଟି ମ୍ୟାଚ୍‌ରେ ପରାଜିତ ହୋଇଛି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୫୮୭/୧୦, ୧୫୧ ଓଭର**
(ଗିଲ-୨୬୯, ଜାଡେଜା-୮୯, ଜୟସ୍ୱାଲ-୮୭, ବସିର-୩/୧୬୭, ୱକ୍ସ-୨/୮୧, ଟଙ୍ଗ୍-୨/୧୧୯)।

**ଇଂଲଣ୍ଡ ପ୍ରଥମ ଇନିଂସ: ୪୦୭/୧୦, ୮୯.୩ ଓଭର**
(ସ୍ମିଥ୍-୧୮୪*, ବ୍ରୁକ୍-୧୫୮, ରୁଟ୍-୨୨, ସିରାଜ-୬/୭୦, ଆକାଶ ଦୀପ-୪/୮୮)।

**ଭାରତ ଦ୍ୱିତୀୟ ଇନିଂସ: ୪୨୭/୬, ୮୩ ଓଭର, ପାଳି ଘୋଷିତ**
(ଗିଲ୍-୧୬୧, ଜାଡେଜା-୬୯*, ପନ୍ତ୍-୬୫, ଟଙ୍ଗ୍-୨/୯୩)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୭୧/୧୦, ୬୮.୧ ଓଭର**
(ସ୍ମିଥ୍-୮୮, ଷ୍ଟୋକ୍ସ-୩୩, ଡକେଟ-୨୫, ରୁଟ୍-୬, ବ୍ରୁକ୍-୨୩, କାର୍ସ-୩୮, ଆକାଶଦୀପ-୬/୯୯, ସିରାଜ-୧/୫୭, ସୁନ୍ଦର-୧/୨୮)।

### ସ୍ମରଣୀୟ ପ୍ରଦର୍ଶନ

ଏହି ମ୍ୟାଚ୍‌ରେ ଉଭୟ ଦଳ ପକ୍ଷରୁ ଏକାଧିକ ବୀରତ୍ୱପୂର୍ଣ୍ଣ ପ୍ରଦର୍ଶନ ଦେଖିବାକୁ ମିଳିଛି। ବିଶେଷ କରି ଭାରତୀୟ ଅଧିନାୟକ ଶୁବମନ ଗିଲ୍ ପ୍ରଥମ ଇନିଂସରେ ୨୬୯ ଓ ଦ୍ୱିତୀୟ ଇନିଂସରେ ୧୬୧ ରନ୍ କରି ଏକାଧିକ ରେକର୍ଡ କରିବା ସହ ସ୍ମରଣୀୟ କରିପାରିଛନ୍ତି। ଇଂଲଣ୍ଡ ଇନିସ୍‌ରେ ଜେମି ସ୍ମିଥ୍‌ଙ୍କ କାଉଣ୍ଟରଆଟାକ ବା ପ୍ରତ୍ୟାକ୍ରମଣ ବେଶ ଉପଭୋଗ୍ୟ ହୋଇଥିଲା। ସେ ଅପରାଜିତ ୧୮୪ ଏବଂ ହ୍ୟାରୀ ବ୍ରୁକ୍ ୧୫୮ ରନ୍ କରିଥିଲେ। ଏହି ଇନିଂସରେ ଭାରତ ପକ୍ଷରୁ ମହମ୍ମଦ ସିରାଜ ୬ଟି ୱିକେଟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତିରେ ସୁଯୋଗ ପାଇଥିବା ଆକାଶ ଦୀପ ଅନ୍ୟ ୪ଟି ୱିକେଟ ପାଇଥିଲେ। ସେ ମଧ୍ୟ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୬ଟି ୱିକେଟ ନେଇ ଏହି ଟେଷ୍ଟରେ ୧୦ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ। ରବୀନ୍ଦ୍ର ଜାଡେଜା ପ୍ରଥମ ଇନିଂସରେ ୮୯ ଓ ୨ୟ ଇନିଂସରେ ୬୯* ରନ୍ କରିଥିଲେ।

### ୱିମ୍ବଲ୍‌ଡନ୍ ୭ମ ଦିବସ

## ଫ୍ରିଜ୍-ଖାଚାନୋଭ କ୍ୱାର୍ଟର ଲଢ଼େଇ



ଟେଲର୍ ଫ୍ରିଜ୍

ଲଣ୍ଡନ, ୬।୭ (ଏଜେନ୍ସି): ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ୭ମ ଦିବସ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରୁଷ ସିଙ୍ଗଲ୍ସରେ ୫ମ ସିଡ୍ ଆମେରିକାର ଟେଲର୍ ଫ୍ରିଜ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୧୬'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆର ଅଣସିଡେଡ୍ ଖେଳାଳି ଜୋର୍ଡାନ ଥମ୍ପସନ ଆଘାତ ହୋଇ ମ୍ୟାଚ୍ ଅଧାରୁ ରିଟାୟର୍ଡ ହର୍ଟ୍ ହୋଇଯିବାରୁ ଫ୍ରିଜଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ଏହି ସମୟରେ ଫ୍ରିଜ ୬-୧, ୩-୦ରେ ଅଗ୍ରଣୀ ରହିଥିଲେ। ଗତ ୪ ବର୍ଷ ମଧ୍ୟରେ ଫ୍ରିଜ ୩ୟଥର ଲାଗି ୱିମ୍ବଲଡନ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। କ୍ୱାର୍ଟରରେ ଫ୍ରିଜ୍ ୧୭ତମ ସିଡ୍ ରୁଷିଆର କରନ ଖାଚାନୋଭାଙ୍କୁ ଭେଟିବେ। ଅନ୍ୟ ଏକ ପୁରୁଷ ପ୍ରି-କ୍ୱାର୍ଟର ଫାଇନାଲରେ କରନ ୬-୪, ୬-୨, ୬-୩ ସିଧାସଳଖ ସେଟ୍‌ରେ ପୋଲାଣ୍ଡର କାମିଲ ମାଜଚରଜାକଙ୍କୁ ସହଜରେ ହରାଇ ଅନ୍ତିମ-୮ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅପରପକ୍ଷରେ ଶନିବାର ରାତିରେ ୭ଥରର ଚାମ୍ପିଅନ ସର୍ବିଆର ନୋଭାକ ଜୋକୋଭିଚ୍ ଏକ ବଡ଼ ବିଜୟ ହାସଲ କରିଛନ୍ତି। ତୃତୀୟ ରାଉଣ୍ଡ ମୁକାବିଲାରେ ସେ ନିଜ ଦେଶର ମିଓମିର୍ କେମାନୋଭିଚ୍‌ଙ୍କୁ ୬-୩, ୬-୦, ୬-୪ ସିଧାସଳଖ ସେଟ୍‌ରେ ହରାଇଥିଲେ। ଏଥିସହ ସେ ସ୍ଥାନୀୟ ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ଅର୍ଥାତ୍ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟରେ କ୍ୟାରିୟରର ୧୦୦ତମ ବିଜୟ ଲାଭ କରିଥିଲେ। ବିଶ୍ୱର ୩ୟ ଖେଳାଳି ଭାବେ ସେ ୱିମ୍ବଲଡନରେ ୧୦୦ଟି ମ୍ୟାଚ୍ ଜିତିବାର କୀର୍ତ୍ତିମାନ କରିଥିଲେ। ତାଙ୍କ ପୂର୍ବରୁ ମାର୍ଟିନା ନାଭ୍ରାତିଲୋଭା ଓ ରୋଜର ଫେଡେରର୍ ଏହି କ୍ଲବରେ ସାମିଲ ହୋଇଥିଲେ। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ବେଲାରୁଷର ଆରିନା ସାବାଲେଙ୍କା ୬-୪, ୭-୬ (୪) ସେଟ୍‌ରେ ବେଲଜିୟମର ଏଲିସେ ମର୍ଟେନ୍ସଙ୍କୁ ହରାଇ କ୍ୱାର୍ଟରରେ ପହଞ୍ଚିଛନ୍ତି।

## ପରାଜୟ ଦ୍ୱାରରେ ୱେଷ୍ଟଇଣ୍ଡିଜ୍

ସେଣ୍ଟ ଜର୍ଜ୍ସ, ୬।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୨୭୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହାକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ରବିବାର ଶେଷ ଖବର ସୁଦ୍ଧା ୨୫ ଓଭରରେ ୬ ୱିକେଟ୍‌ରେ ୯୯ ରନ ସଂଗ୍ରହ କରି ପରାଜୟ ଦିଗରେ ଅଗ୍ରସର ହେଉଛି। ଅଧିନାୟକ ରୋଷ୍ଟନ ଚେଜ୍ ୩୪, ବ୍ରାଣ୍ଡନ କିଙ୍ଗ୍ ୧୪, ସାଇ ହୋପ୍ ୧୭, କ୍ରେଗ୍ ବ୍ରେଥୱେଟ ୭ ରନ କରି ଆଉଟ୍ ହୋଇଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ୩, ଜୋଶ୍ ହାଜଲେଉଡ୍ ୨ ଏବଂ ଅଧିନାୟକ ପ୍ୟାଟ୍ କମିନ୍ସ ଓ ବିଉ ୱେବଷ୍ଟର ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୮୬ ରନ କରିଥିଲା। ଜବାବରେ ଘରୋଇ ୱେଷ୍ଟଇଣ୍ଡିଜ ୨୫୩ ରନରେ ପ୍ରଥମ ପାଳିରେ ସୀମିତ ରହିଥିଲା। ଫଳରେ ୩୬ ରନରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବରୁ ପ୍ରଥମ ମ୍ୟାଚକୁ ଜିତି ଭ୍ରମଣକାରୀ ଅଷ୍ଟ୍ରେଲିଆ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି।

## ଏସିଆନ୍ ପାରା ଆର୍ଚେରୀରେ ହର୍‌ବିନ୍ଦରଙ୍କୁ ସ୍ୱର୍ଣ୍ଣ ପଦକ



ବେଜିଂ, ୬।୭ (ଏଜେନ୍ସି): ପାରାଅଲିମ୍ପିକ ଚାମ୍ପିଅନ ହରବିନ୍ଦର ସିଂହ ଚାଇନାରେ ଚାଲିଥିବା ଏସିଆନ୍ ପାରା ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଓପନ୍ ଇଣ୍ଡିଭିଜୁଆଲ୍ ଇଭେଣ୍ଟର ଫାଇନାଲରେ ହରବିନ୍ଦର ୭-୧ (୨୮-୨୪, ୩୦-୨୮, ୨୬-୨୬, ୩୦-୨୮)ରେ ଥାଇଲାଣ୍ଡର ହାନରେଉଚାଇ ସେତସିରିଙ୍କୁ ପରାସ୍ତ କରିଥିଲେ। ସେହିଭଳି ମହିଳା କମ୍ପାଉଣ୍ଡରେ ଜ୍ୟୋତି ୧୪୪-୧୩୩ରେ ଇଣ୍ଡୋନେସିଆର ଅଡି ଆୟୁଡିଆଙ୍କୁ ହରାଇ କାଂସ୍ୟ ପଦକ ଜିତିଛନ୍ତି।

## ନେତୃତ୍ୱ ପଦାର୍ପଣରେ ମୁଲ୍‌ଡର୍‌ଙ୍କ ଦ୍ୱିଶତକ

ବୁଲାୱାୟୋ, ୬।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ରବିବାରଠାରୁ ସ୍ଥାନୀୟ କୁଇନ୍ସ ସ୍ପୋର୍ଟ୍ସ କ୍ଲବରେ ଆରମ୍ଭ ହୋଇଥିବା ଅନ୍ତିମ ତଥା ୨ୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଦୃଢ଼ସ୍ଥିତିରେ ରହିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା କାମଚଳା ଅଧିନାୟକ ୱିଆନ ମୁଲ୍‌ଡର୍‌ଙ୍କ ଦମ୍‌ଦାର ଦ୍ୱିଶତକ ବଳରେ ଷ୍ଟମ୍ପ ସୁଦ୍ଧା ୮୮ ଓଭରରେ ୪ ୱିକେଟ୍ ହରାଇ ୪୬୫ ରନ ସଂଗ୍ରହ କରିଛି। ଏହି ସମୟରେ ଅଧିନାୟକ ମୁଲଡର୍ ୨୬୪ ଓ ଡେୱାଲ୍ଡ ବ୍ରେଭିସ ୧୫ ରନ କରି ଅପରାଜିତ ରହିଛନ୍ତି। ଦ୍ରୁତ ବ୍ୟାଟିଂ କରିଥିବା ମୁଲଡର୍ ୨୫୯ ବଲ୍‌ର ଏହି ପାଳିରେ ୩୪ ଚୌକା ଓ ୩ ଛକା ମାରିଥିଲେ। ଏହି ଦ୍ୱିଶତକୀୟ ପାଳି ଅବସରରେ ମୁଲ୍‌ଡର୍ ଏକ ବଡ଼ କୀର୍ତ୍ତିମାନ କରିଛନ୍ତି। ବିଶ୍ୱର ୩ୟ ଖେଳାଳି ଭାବେ ନେତୃତ୍ୱ ନେବାର ପ୍ରଥମ ପାଳିରେ ଦ୍ୱିଶତକ ହାସଲ କରିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି। ତାଙ୍କ ପୂର୍ବରୁ ନ୍ୟୁଜିଲାଣ୍ଡର ଗ୍ରାହମ ଡୋଲିଙ୍ଗ୍ (୧୯୬୮ରେ ଭାରତ ବିପକ୍ଷରେ) ଓ ୱେଷ୍ଟଇଣ୍ଡିଜର ଶିବନାରାୟଣ ଚନ୍ଦ୍ରପଲ୍ (୨୦୦୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ) ଏହି ସଫଳତା ପାଇଥିଲେ।

### ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ୍

## ରିଅଲ୍-ପିଏସ୍‌ଜି ସେମିଫାଇନାଲ

ଲିଙ୍କନ୍, ୬।୭ (ଏଜେନ୍ସି): ସ୍ପେନ୍‌ର ରିଅଲ ମାଦ୍ରିଦ୍ ଓ ଫ୍ରାନ୍ସର ପ୍ୟାରିସ୍ ସେଣ୍ଟ ଜର୍ମେନ (ପିଏସ୍‌ଜି)ର କ୍ୱାର୍ଟର ଫାଇନାଲ ବିଜୟ ସହ ଏଠାରେ ଚାଲିଥିବା କ୍ଲବ୍ ବିଶ୍ୱକପ୍ ଫୁଟବଲର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଜୁଲାଇ ୮ରେ ହେବାକୁ ଥିବା ପ୍ରଥମ ସେମିଫାଇନାଲରେ ଇଂଲଣ୍ଡର ଚାମ୍ପିଅନ କ୍ଲବ୍ ଚେଲସୀ ସହ ବ୍ରାଜିଲର ଟାଣୁଆ ଟିମ୍ ଫ୍ଲୁମିନେନ୍ସ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିପରି ଜୁଲାଇ ୯ରେ ରିଅଲ ମାଦ୍ରିଦ୍ ଓ ପିଏସ୍‌ଜି ଦ୍ୱିତୀୟ ସେମିଫାଇନାଲରେ ପରସ୍ପର ସହ ମୁକାବିଲା କରିବେ। ଦୁଇ ସେମିଫାଇନାଲ ବିଜେତାଙ୍କ ମଧ୍ୟରେ ଫାଇନାଲ ମୁକାବିଲା ଜୁଲାଇ ୧୩ରେ ହେବ।

## କନ୍ଦନ ମୁର୍ମୁ ହେଲେ ବିଶ୍ୱ ଜୁଡୋ ରେଫରୀ



ଭୁବନେଶ୍ୱର,୬।୭ (ସମିସ): ଓଡ଼ିଶା ଜୁଡୋର ଜଣାଶୁଣା ଚେହେରା କନ୍ଦନ ଓରଫ ମନୋଜ ମୁର୍ମୁଙ୍କୁ ମିଳିଛି ଏକ ବଡ଼ ସଫଳତା। କାଜାଖସ୍ତାନରେ ଅନୁଷ୍ଠିତ ବିଶ୍ୱ ଜୁଡୋ ରେଫରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସେ ରାଜ୍ୟର ପ୍ରଥମ ବିଶ୍ୱ ଜୁଡୋ ରେଫରୀ ହୋଇଛନ୍ତି। ଏହା ଫଳରେ ଏବେ ସେ ବିଶ୍ୱର ସମସ୍ତ ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କାଜାଖସ୍ତାନର ଆଲମାଟିରେ ଜୁଲାଇ ୨ରୁ ୪ ଯାଏ ଅନୁଷ୍ଠିତ ଏହି ପରୀକ୍ଷାରେ ୧୧ଟି ଦେଶରୁ ୧୯ ଜଣ ଅନ୍ତର୍ଜାତୀୟ ରେଫରୀ ଯୋଗଦେଇଥିଲେ। ଏଥିରେ ଲିଖିତ, ମୌଖିକ ଓ ପ୍ରାକ୍ଟିକାଲ ପରୀକ୍ଷା ହୋଇଥିଲା। କନ୍ଦନ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ବିଶ୍ୱ ଜୁଡୋ ରେଫରୀ ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ମୂଳ ବାସିନ୍ଦା କନ୍ଦନ ବିଜେବି କଲେଜ୍‌ରେ ପଢୁଥିଲାବେଳେ କୋଚ୍ ସ୍ୱର୍ଗତଃ ବିରଞ୍ଚି ଦାସଙ୍କଠାରୁ ଜୁଡୋ ଶିଖିଥିଲେ। ଏହା ପରେ ସେ ଗୋଟିକ ପରେ ଗୋଟିଏ ରେଫରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏବେ ବିଶ୍ୱରେ ପରିଚିତ ହୋଇଛନ୍ତି। ଏବେ କିସ୍ ୟୁନିଭର୍ସିଟିରେ ଜୁଡୋ କୋଚ୍ ରହିବା ସହ ଓଡ଼ିଶା ଜୁଡୋ ସଂଘର ଟେକ୍ନିକାଲ ଚେୟାରମ୍ୟାନ ଦାୟିତ୍ୱ ତୁଲାଉଛନ୍ତି। ଏହି ସଫଳତା ଲାଗି ସେ ଓଡ଼ିଶା ଜୁଡୋ ସଂଘ, କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ପତ୍ନୀ ରୋଜାଲିନ୍‌ଙ୍କ ସହ ପରିବାରର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଆୟୁଷ୍ମାନ ଜିତିଲେ ରାଜ୍ୟ ସ୍କୁଲ ଓପନ ଚେସ୍



ଭୁବନେଶ୍ୱର,୬।୭ (ସମିସ): ନାରାୟଣ ଇ ଟେକ୍ନୋ ସ୍କୁଲର ଆୟୁଷ୍ମାନ ମହାନ୍ତି ପୋଖରୀପୁଟ ଡିଏଭି ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ରାଜ୍ୟ ସ୍କୁଲ ଓପନ ଚେସ୍‌ରେ ଚାମ୍ପିଅନ ହୋଇଛନ୍ତି। ରବିବାର ସ୍କୁଲ ପରିସରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆୟୁଷ୍ମାନ ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରିଥିଲେ। ଆୟୋଜକ ସ୍କୁଲ୍‌ର ଶ୍ରେୟସ କୁମାର ବେହୁରିଆ ୪.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ପଛକୁ ୩ଜଣ ଖେଳାଳି ଯଥା ବିଜେଇଏମ୍ ସ୍କୁଲ-୧'ର ସାଇକ୍ରିଷ୍ଣା ସାମଲ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ରେୟାଂଶ ପରାଶର ଓ ପୋଖରୀପୁଟ ଡିଏଭିର ସାଇସ୍ୱାଗତ ପରିଜା ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ପୋଖରୀପୁଟ ଡିଏଭି ସ୍କୁଲ ଅଧ୍ୟକ୍ଷ ବିପିନ କୁମାର ସାହୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ମୁଖ୍ୟ ଖେଳ ଶିକ୍ଷକ ନବକିଶୋର ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ। ଚିଫ୍ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, କ୍ରୀଡ଼ା ଶିକ୍ଷକ ଦୀପକ କୁମାର ବେହେରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

# ସେପ୍ଟେମ୍ବରରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

■ ଭାଗନେବେ ୬ଟି ଦଳ
■ ଡ୍ରାଫ୍ଟରେ ଖେଳାଳି କିଣା



କଟକ,୬।୭ (ସମିସ)

ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏକ ନୂଆ ଢ଼ାଞ୍ଚାରେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିବାକୁ ଯାଉଛି। ଏରିଭା ସ୍ପୋର୍ଟସ ସହଭାଗିତାରେ ଆସନ୍ତା ସେପ୍ଟେମ୍ବରରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ)। ଯେଉଁଥିରେ ୬ଟି ଦଳ ଭାଗ ନେବା ସହ ରାଜ୍ୟର ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କ୍ରୟ କରାଯିବ। ଓସିଏର ଗତ ଆପେକ୍ସ କାଉନସିଲ ବୈଠକରେ ଲିଗ୍ ବାବଦରେ ଆଲୋଚନା ହୋଇଥିବା ଆଜି ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ସୋମବାର ଠାରୁ ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ ରହିବ। ବିଗତ ଦିନରେ ଓଡ଼ିଶା ପ୍ରିମିୟର ଲିଗ୍(ଓପିଏଲ) ଏବଂ ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ)ର ସଫଳତା ପରେ ରାଜ୍ୟ କ୍ରିକେଟ ସଂଘ ଏବେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ନୂତନ ରୂପରେଖ ଦେବାକୁ ଯାଉଛି। ବେଙ୍ଗଲ, ବିଦର୍ଭ, ସୌରାଷ୍ଟ୍ରରେ ଲିଗ୍ ଆୟୋଜନ କରିଥିବା ଏରିଭା ସ୍ପୋର୍ଟସ ଚଳିତବର୍ଷ ଠାରୁ ଓଡ଼ିଶାରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ଦାୟିତ୍ୱ ସମ୍ଭାଳିବ। ରାଜ୍ୟର ବିଭିନ୍ନ ଅଞ୍ଚଳକୁ ନେଇ ୬ଟି ଦଳ ଗଠନ ହେବ। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଯେ, ରାଜ୍ୟରେ କ୍ରିକେଟର ଧାରାକୁ ବଦଳାଇବା କ୍ଷେତ୍ରରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ସହାୟକ ହେବ। ପ୍ରତିଭାବାନ ଖେଳାଳିଙ୍କୁ ନେଇ ପେଶାଦାର ଢ଼ାଞ୍ଚାରେ ଲିଗ୍ ଖେଳାଯିବ। ଓଡ଼ିଶାରେ ଅନ୍ୟ କ୍ରୀଡ଼ା ଗୁଡିକର ଦୃଷ୍ଟାନ୍ତମୂଳକ ବିକାଶ ଘଟୁଛି, ଏବେ କ୍ରିକେଟର ପାଳି ବୋଲି ସଞ୍ଜୟ କହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ ସହଯୋଗରେ ଉକ୍ତ ଲିଗ୍ ଆୟୋଜନ ନେଇ ଉତ୍ସାହିତ ଥିବା କହିଛନ୍ତି ଏରିଭା ସ୍ପୋର୍ଟସର କୋ-ଫାଉଣ୍ଡର ରଜନୀଶ ଚୋପ୍ରା। ସେ ଏହା ମଧ୍ୟ କହିଥିଲେ ଯେ, ଓପିଟିଏଲ କେବଳ କ୍ରୀଡା ଭିତ୍ତିକ ମନୋରଞ୍ଜନ ଯୋଗାଇବ ନାହିଁ, ବରଂ ଓଡ଼ିଶାରେ ତୃଣମୂଳ ସ୍ତରରୁ କ୍ରିକେଟର ବିକାଶ ଦିଗରେ କାର୍ଯ୍ୟ କରିବ। ରାଜ୍ୟର କୋଣ ଅନୁକୋଣରୁ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ସାମ୍ନାକୁ ଆଣିବା ପାଇଁ ଉଦ୍ୟମ ହେବ ବୋଲି ରଜନୀଶ କହିଛନ୍ତି। ଇଓଆଇ ତଥା ଦି ଏକ୍ସପ୍ରେସନ ଅଫ ଇଣ୍ଟରେଷ୍ଟ ଡକ୍ୟୁମେଣ୍ଟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଓସିଏର ୱେବସାଇଟରେ ଉପଲବ୍ଧ କରାଯିବ। କ୍ରିକେଟ ପ୍ରତି ପ୍ରତିବଦ୍ଧତା ଏବଂ ଦୀର୍ଘମିଆଦି ଦୃଷ୍ଟିକୋଣରୁ ଫ୍ରାଞ୍ଚାଇଜ ଚୟନ ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଓସିଏର ଆପେକ୍ସ କାଉନସିଲ ବୈଠକରେ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି ଓ ଗୀତା ସାମନ୍ତରାୟ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS